

# ତୁମେ ମୋ ପ୍ରି

ନଂ 205
ତା ..........

ଉପହାର

ଶ୍ରୀ ଶ୍ରୀମତୀ ........ Kamalpuri R.K.

Lochapada.

..........

..........

17 JUL 1959

# ଭୂମିକା

ଏହି ଧରା କେତେ ଲୋକଙ୍କୁ ନିଜ କୋଡ଼ରେ ଧାରଣ କରୁଛି ଏବଂ ପରିଶେଷରେ ସେହି ଲୋକମାନଙ୍କୁ ନିଜର କୋଡ଼ରୁ ଚିରଦିନ ପାଇଁ ବିଦାୟ ଦେଇ ନୂତନ ଲୋକଙ୍କୁ ନିଜ କୋଡ଼ରେ ଆଶ୍ରୟ ଦେଉଛି । କାହାକୁ ବା ସେ ତା କୋଡ଼ରେ କିଛି ଦିନ ପାଇଁ ଧାରଣ କରୁଛି ଏବଂ କାହାକୁ ବା ବହୁଦିନ ପାଇଁ ଧାରଣ କରୁଛି । ଲୋକମାନେ ଏହି ଧରା କୋଡ଼ରେ ରହି କାଳାତିପାତ କରୁଛନ୍ତି, କିଏ ବା ସୁଖରେ କିଏ ବା ଦୁଃଖରେ । ଦୁଃଖରେ କାଳାତିପାତ କରୁଥିବା ଲୋକଙ୍କର କାରଣ ଗୁଡ଼ିକୁ ସମାଧାନ କରିବା ପାଇଁ କେତେକ ଲୋକ ସେହି ଧରାର କୋଡ଼ରେ ଆଶ୍ରୟ ନେଇଛନ୍ତି । ଲୋକ ଦୁଃଖରେ ଜୀବନ ଯାପନ କରେ କାହିଁକି ? ଭାବିବାକୁ ଗଲେ ଅନେକ କାରଣ ଦେଖାଯାଏ ଏବଂ ସେମାନଙ୍କ ମଧ୍ୟରେ ବାଲ୍ୟ ବିଧବା ଏକତମ । ଯେଉଁ ବାଳିକା ବାଲ୍ୟ ବିଧବା ହୁଏ ସମାଜ ଯୋଗୁଁ କେତେ କଷ୍ଟରେ ସେ ଯେ କାଳାତିପାତ କରେ, ତାହା ଭାବିବାକୁ ଗଲେ କାନ୍ଦମାଡ଼େ । ସେହିପରି ଏକ ବାଲ୍ୟବିଧବାର କରୁଣ ଜୀବନନେଇ ଏହି ବିଷୟଟି ବର୍ଣ୍ଣିତ ହେଲା । ବାଲ୍ୟବିଧବା ଆଉ କଷ୍ଟ ପାଇବ ନାହିଁ ବୋଲି ସେହି ସମୟରେ ଅନେକ ଚେଷ୍ଟା ହେଉଥିଲା, କିନ୍ତୁ କାର୍ଯ୍ୟରେ ପରିଣତ ହୋଇପାରି ନ ଥିଲା । ସେ ମଧ୍ୟରେ ବାଲ୍ୟ ବିଧବାର ପୁନର୍ବିବାହ ଏକତମ । ଏହି ବିଷୟ ନେଇ ବର୍ଣ୍ଣନା କରାଯାଉଥିବା ବାଲ୍ୟ-ବିଧବାକୁ ପୁନର୍ବାର ବିବାହ କରିବା ପାଇଁ ଚେଷ୍ଟା କରିଛନ୍ତି

ଜଣେ ନବଯୁବା ଏବଂ ପରଶେଷରେ ସେ ସେଥିରେ କୃତକାର୍ଯ୍ୟ ହୋଇଛନ୍ତି । ଏ ବହିଟି ଲେଖା ହେବା ସମୟରେ ବାଲ୍ୟ-ବିଧବା ବିବାହ ସପକ୍ଷରେ ଆନ୍ଦୋଳନ ଚାଲିଥିଲା । ଏ ବହି ସର୍ବ-ସାଧାରଣଙ୍କର ମନକୁ ପାଉ ନ ପାଉ, ଜନସାଧାରଣଙ୍କର କଲ୍ୟାଣପାଇଁ କିଛି ଦାନ କରିବା ଉଦ୍ଦେଶ୍ୟରେ ଲେଖା ହୋଇଅଛି । ଏଥିରେ ଯାହା କିଛି ଦୋଷ ତ୍ରୁଟି ଥିବ, ତାହା ପାଠକ ପାଠିକା କ୍ଷମା କରିବେ । ଏହାହିଁ ଈଶ୍ୱରଙ୍କ ନିକଟରେ ମୋର ପ୍ରାର୍ଥନା । ଏଥିର ବିଷୟବସ୍ତୁ ଭଲ ହୋଇ ନ ପାରେ, କିନ୍ତୁ ଏହାର ଲବ୍ଧ ଧନ ଜନହିତକର ( କୁଷ୍ଠାଶ୍ରମ, ବିଧବାଶ୍ରମ, ଅନାଥାଶ୍ରମ, ସେବାସଦନ ଓ ଏହିପରି ଅନ୍ୟାନ୍ୟ ଲୋକହିତକର ) କାର୍ଯ୍ୟରେ ବ୍ୟୟ କରିଯିବା ପାଇଁ ମୋର ଇଚ୍ଛା ଥିବାରୁ ଏହି ପୁସ୍ତକଟି ସର୍ବସାଧାରଣରେ ପ୍ରକାଶ କଲି । ଆଶାକରେ ସର୍ବସାଧାରଣଙ୍କ ନିକଟରେ ଏହି ଉଦ୍ଦେଶ୍ୟକର କାର୍ଯ୍ୟ ପାଇଁ ଏହି ବହିଟି ସାଦରେ ଗୃହୀତ ହେବ । ଏଥିପାଇଁ ଈଶ୍ୱରଙ୍କ ନିକଟରେ ମୋର ଏକାନ୍ତ ପ୍ରାର୍ଥନା ।

ଲେଖିକା—

# ଅର୍ପଣ

ପିତୃଦେବ
ଶ୍ରୀଯୁକ୍ତ ସୋମନାଥ ତ୍ରିପାଠୀ
ଯାହାଙ୍କର ବାତ୍ସଲ୍ୟ ସ୍ନେହ ମନେ ପଡ଼ିଲେ
ପ୍ରାଣରେ ପୁଲକ 'ଜାଗିଉଠେ
ତାଙ୍କର
ପଦ୍ମପାଦରେ
'ତମେ ମୋ ଫୁଲ୍'
ପୁସ୍ତକ ଖଣ୍ଡି ଭକ୍ତିର ଚିହ୍ନ ସ୍ୱରୂପ
ଅର୍ପଣ କରି ପ୍ରଣାମ
କରୁଅଛି ।

ବନୀତା

ଲେଖିକା

ନଂ 9205
ତା 17.7.1959

# ପଦେ ଅଧେ

ଆଜକୁ ପ୍ରାୟ ୨୦।୨୨ ବର୍ଷ ପୂର୍ବେ ମୁଁ ଏହି ଲେଖାଟି ଆରମ୍ଭ କରିଥିଲି । ସେ ସମୟରେ ବାଲ୍ୟବିଧବା ବିବାହ ବିଷୟରେ ଦେଶର ଚାରିଆଡ଼େ ଏକ ପ୍ରକାର ସପକ୍ଷ ବିପକ୍ଷରେ ଆନ୍ଦୋଳନ ଚାଲିଥାଏ । ମୁଁ ସେହି ବିଷୟ ନେଇ ଏହି ବହିଟି ଲେଖିଥିଲି । ଲେଖା ପରେ ନାନା ଅସୁବିଧା ବଶତଃ ଆଜି ପର୍ଯ୍ୟନ୍ତ ଏ ବହିଟି ପ୍ରକାଶ ହୋଇ ପାରି ନ ଥିଲା । ମୋର ଆଶା ମଧ୍ୟ ନ ଥିଲା ଯେ, ଏହି ବହିଟି ଦିନେ ପ୍ରକାଶ ହୋଇ ପାରିବ । କିନ୍ତୁ ବର୍ତ୍ତମାନ କଟକ ଟ୍ରେଡ଼ିଂ କମ୍ପାନୀର 'ଉଦୟନାଥ ରଥ'ଙ୍କ ଆନୁକୂଲ୍ୟରେ ଏ ବହିଟି ପ୍ରକାଶ କରିବାକୁ ସମର୍ଥ ହେଲି । ଶ୍ରୀଯୁକ୍ତ ଉଦୟନାଥ ଷଡ଼ଙ୍ଗୀ ମୋର ପାଣ୍ଡୁଲିପି ସଂଶୋଧନ କରି ଦେଇଥିବାରୁ ମୁଁ ତାଙ୍କ ନିକଟରେ ଚିର ଉପକୃତା । ଶଚୀବାବୁ ବହିର ପ୍ରଚ୍ଛଦ ପୃଷ୍ଠାର ଚିତ୍ରଟି ଆଙ୍କି ଦେଇଥିବାରୁ ମୁଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଛି ।

ଲେଖିକା

ନଂ 205
ତା 17/7/1959

## —ଏକ—

ଅନନ୍ତ ଅକାଶରେ ପୂର୍ଣ୍ଣଚନ୍ଦ୍ର ଯେତେବେଳେ ନିଜ ଜ୍ୟୋସ୍ନାରେ ଦୁନିଅ ସାରା ହସାଉଥିଲା, ସେହି ଅବସ୍ଥାରେ ଝିଅଟି ଜନ୍ମ ହୋଇ ପିତାମାତା ଓ ପରିବାର ମୁହଁରେ ଅପାର ହସ ଖେଳାଇ ଦେଲା । ନବଜାତ ଶିଶୁଟି ଦେଖିବାକୁ ଗୋଟିଏ ସୁନା ପ୍ରତିମା ପରି । ସେଇଥିପାଇଁ ଏକୋଇଶିଆ ଦିନ ଅଜା ବାଛି ବାଛି ମନ ଆହ୍ଲାଦରେ ନାମ ରଖିଲେ 'ସୁନାମଣି' ।

କାଳକ୍ରମେ ସୁନାମଣି ଯେପରି ବଢ଼ିବାକୁ ଲାଗିଲା, ତାର ରୂପର ସୌନ୍ଦର୍ଯ୍ୟକୁ ମଧ୍ୟ ସେହିପରି ବଢ଼ାଇଲା । ସାଧାରଣରେ ଯେପରି କୁମୁଦିନୀକୁ 'କୁମ', ଓ ନୀଳମଣିକୁ 'ନୀଳ' ଇତ୍ୟାଦି ଡାକନ୍ତି, ସେପରି ସୁନାମଣିକୁ 'ସୁନା' ଡାକିବାକୁ ହେଲା । ନଦୀର ସ୍ରୋତ କାହାକୁ ଅପେକ୍ଷା ନକରି ବେଗରେ ଧାଇଁଲା ପରି, ସମୟ ସ୍ରୋତ ଅନବରତ ଧାଇଁଯାଉଛି । ଦିନପରେ ଦିନ, ମାସପରେ ମାସ, ବର୍ଷପରେ ବର୍ଷ ବିତିଗଲା । ସୁନାର ବୟସ ଯେତିକି ବେଶୀ ହେଲା, ତାର ସୁନ୍ଦର ରୂପଟି କିଶୋରୀଶ୍ରୀ ଧାରଣପୂର୍ବକ ସେହିପରି ଅଧିକ ସୁନ୍ଦରୀ ଦେଖାଗଲା ।

ପିତା ଚନ୍ଦ୍ରଧର ମିଶ୍ର ଏ ଯୁଗର ନବ୍ୟଶିକ୍ଷାପ୍ରାପ୍ତ । ଝିଅର 'ସୁନା' ନାମ ତାଙ୍କୁ ଆଉ ଭଲ ଶୁଣାଗଲା ନାହିଁ । ସେ ବିକାଶୋନ୍ମୁଖ ଅଲ୍‌ଅଲ କନ୍ୟାର ନାମ ଶ୍ରଦ୍ଧାରେ 'ଫୁଲ୍' ଦେଲେ । ସେହି ସମୟରୁ ତାକୁ ସମସ୍ତେ 'ଫୁଲ୍' ବୋଲି ଡାକିଲେ । ସେହି ଫୁଲ୍ ନାମହିଁ ବେଶୀ ତାର ସାଙ୍ଗସାଥୀଙ୍କ ମେଳରେ ପ୍ରଚଳିତ ହୋଇଗଲା । ମୂଳ ନାମ ସୁନା କ୍ରମେ ଅତଳଗର୍ଭରେ କୁଆଡ଼େ ଲୁଚିଗଲା ।

ଫୁଲ୍ ଘର ବାହାର, ଗାଁ ଗଣ୍ଡାରେ ସୁନ୍ଦରୀ ବୋଲି ପରିଚିତ ହେଲା । ତାର ସାଙ୍ଗସାଥୀମାନେ ତାକୁ ତାର ରୂପଲାଗି ବଡ଼ ଆଦର କଲେ । ଫୁଲ୍ ସେମାନଙ୍କର ଜୀବନ ପ୍ରାଣ, ତାକୁ ଦେଖିଲେ ସେମାନେ ଆନନ୍ଦିତ । ତାର ଟିକିଏ କିଛି ଦୁଃଖ କଷ୍ଟ ହେଲେ ସବୁ ସଙ୍ଗୀମାନେ ବିଚଳିତ ହୋଇପଡ଼ନ୍ତି । ଫୁଲ୍ ଝୁଣ୍ଟିପଡ଼ିଲେ ତାକୁ ବାଧୁ ନ ବାଧୁ ସାଙ୍ଗସାଥୀମାନଙ୍କୁ ବେଶୀ ବାଧେ । ସମସ୍ତେ ସମବେଦନା ସହାନୁଭୂତିରେ ତାକୁ ଘୋଡ଼ାଇ ପକାନ୍ତି । ଫୁଲ୍‌ର ମନ ନେବାକୁ, ତାର ଟିକିଏ ସାଥୀ ହେବାକୁ ସମସ୍ତେ ସବୁବେଳେ ବ୍ୟାକୁଳ । ଏ ଆଦର ସୋହାଗର ମୂଳ କାରଣ ଯେ ଫୁଲ୍‌ର ସୌନ୍ଦର୍ଯ୍ୟ, ଏହା ବୁଝିପାରିବାର ବୟସ ଓ ଜ୍ଞାନ ତାର ଯଥେଷ୍ଟ ହେଲାଣି । ସେଥିପାଇଁ ସେ ମନେ ମନେ ଗର୍ବମଧ୍ୟ ଅନୁଭବ କରେ । ନିଜ ରୂପର ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇ ସାଙ୍ଗସାଥୀ, ଘର ଓ ଗ୍ରାମର ଲୋକଙ୍କଠାରୁ ବେଶୀ ଆଦର ପାଇବା ଲାଗି ସେ ନିଜ ରୂପର ଯତ୍ନ ନିଏ, ନାନା ପ୍ରକାର ବେଶଭୂଷାରେ ନିଜକୁ ସଜାଏ ।

ସେଦିନ ସୂର୍ଯ୍ୟ ଅସ୍ତ ପ୍ରାୟ । ସନ୍ଧ୍ୟାରାଣୀ କାଳିଆରଙ୍ଗର ପୋଷାକ ପିନ୍ଧି ଅଭିସାର କରିବାକୁ ଉଦ୍ୟତ । ଶରତ୍ ଋତୁର

ଫୁଲ୍‌ଫୁଲିଆ ସମୀରଣ ଧୀରେ ଧୀରେ ବହି ଆସି ସମସ୍ତଙ୍କୁ ସ୍ପର୍ଶକରି ଯାଉଛି । ଘରେ ଘରେ ସନ୍ଧ୍ୟାଦୀପ ଜଳାଉଠିଲାଣି । ଗୋଟିଏ ବାରଣ୍ଡାରେ ଗ୍ରାମର କେତେଜଣ ବୃଦ୍ଧା ସ୍ତ୍ରୀ ଏକାଠି ବସି ଏଣୁ-ତେଣୁ ପାଞ୍ଚପଚିଶ କଥାରେ ଆମୋଦ ପ୍ରମୋଦ କରୁଛନ୍ତି । ଏପରି ସମୟରେ ଫୁଲ୍ ଆସି ସେମାନଙ୍କ କଥା ଶୁଣିବାକୁ ସେଠାରେ ଠିଆହେଲା । ଫୁଲ୍‌କୁ ଦେଖି ଜଣେ ବୃଦ୍ଧା ପରିହାସପୂର୍ବକ କହିଲେ, "ହଇଲେ ଫୁଲ୍, ତୁ କଅଣ ଆମ କଥା ଶୁଣିବାକୁ ଆସିଛୁ ? କି କଥା ଶୁଣିବୁ ?" ଆଉ ଜଣେ ବୃଦ୍ଧା କହିଲା, "ଆଲୋ ସତ କରି କହିଲୁ, ତୋର ଏହି ରୂପକୁ ତୁ କେଉଁ ପରୀଠାରୁ ମାଗି ଆଣିଛୁ ?" ଏହା ଶୁଣି ସମସ୍ତେ ହସି ଉଠିଲେ ।

ଫୁଲ୍ ବଡ଼ ଧୀର ସ୍ଥିର ଓ ତାର ବେଶ ବୁଦ୍ଧି । ସେ ଯିବାରୁ ବୃଦ୍ଧା ସ୍ତ୍ରୀମାନେ ଗଳ୍ପ ବନ୍ଦକରି ତାକୁ ଅନାଇ ରହିବା ଦେଖି ସେ ମନେ ମନେ ଭାବିଲା, ପ୍ରକୃତରେ ମୁଁ କଅଣ ଏଡ଼େ ସୁନ୍ଦରୀ ? ସେ ଆଉ ମୁହୂର୍ତ୍ତେ ସେଠାରେ ନ ରହି ଘରକୁ ଚାଲି ଆସିଲା । ନିଜର ବଡ଼ ଅଇନା ଆଗରେ ଠିଆହୋଇ ସେ ଯେଉଁ ମୂର୍ତ୍ତି ଦେଖିଲା, ସେଥିରେ ତାର ଆଖି ଝଲସି ଗଲା । ଅବଶ୍ୟ ସେ ଏଇ ଅଇନାରେ ଅନେକବାର ତାର ରୂପକୁ ଦେଖିଥିଲା ସତ, କିନ୍ତୁ ପ୍ରକୃତରେ ମନନୟନ ଦେଇ ଦେଖିବା ବୋଧହୁଏ ଆଜି ପ୍ରଥମ । ସେ ଅଇନାଦ୍ୱାରା ନିଜର ଫୁଟନ୍ତା ଫୁଲପରି ସରସ, ସୁହାସ, ମଧୁର, ମନୋରଞ୍ଜନ ପ୍ରତିମୂର୍ତ୍ତି ଦେଖି ନିଜେ ମୋହିତ ହୋଇଗଲା । ତାର ମନରେ ଗର୍ବ ଯେତିକି ହେଲା, ବିଧାତା ପାଖରେ ଏହି ରୂପ ଲାଗି କୃତଜ୍ଞତାରେ ସେତିକି ତାର ମୁଣ୍ଡ ନଇଁ ପଡ଼ିଲା ।

× × × ×

ବ୍ରାହ୍ମଣ ସମାଜରେ ସାତ ବର୍ଷ ବୟସରେ କନ୍ୟାଦାନ ଧର୍ମାର୍ଜନର ଏକ ସୋପାନ ବୋଲି ପ୍ରଚଳିତ ହୋଇ ଅସିଛି । ଫୁଲ୍ ଅସି ସପ୍ତମବର୍ଷ ବୟସରେ ପଦାର୍ପଣ କଲାଣି । କପର ଗୋଟିଏ ସତ୍‌ପାତ୍ର ଦେଖି ତା ହସ୍ତରେ ଫୁଲ୍‌କୁ ସମ୍ପ୍ରଦାନ କରିଦେଲେ ଇହଲୋକ ଓ ପରଲୋକରେ ଧର୍ମ ହେବ—ଏହି ଭାବନାରେ ଚକ୍ରଧର ମିଶ୍ରେ ଖୁବ୍ ଚିନ୍ତିତ ହୋଇ ପଡ଼ିଲେ ।

ଏଣିକି ଜନ୍ମଦାତା ପିତାଙ୍କ ପକ୍ଷରେ ସ୍ନେହର କନ୍ୟା 'ଫୁଲ୍' ଶକ୍ତ ବୋଝ । ବୋଝଟିକୁ ଯୋଗ୍ୟ ଲୋକ ହସ୍ତରେ ସମର୍ପଣ କରିଦେଲେ ନିଶ୍ଚିନ୍ତ ହେବାକୁ ହେବ । ଏହି ମନକଥା ଦିନେ ମିଶ୍ରେ ତାଙ୍କ ସହଧର୍ମିଣୀ କୁନ୍ତଳାଦେବୀଙ୍କ ଅଗରେ ପ୍ରକାଶ କଲେ । କୁନ୍ତଳାଦେବୀ ଟିକିଏ ଉଦାସିଆ ଓ ଶାନ୍ତ ସ୍ୱଭାବର ଲୋକ । ପତ୍ନୀର ଏହି ଗୁଣ ଜାଣି ଚକ୍ରଧର ମିଶ୍ରେ ବିଶେଷ ବ୍ୟଗ୍ରତାସହ ଝିଅବାହାର ଯୋଗାଡରେ ଲାଗିପଡ଼ିଲେ । କୁନ୍ତଳାଦେବୀ ସ୍ୱାମୀଙ୍କ ବ୍ୟସ୍ତତା ଦେଖି ଦିନେ କହିଲେ, "କାହିଁକି ମ ତମେ ଏତେ ଉଚ୍ଛନ୍ନ ହେଇ ପଡ଼ୁଛ ? ମୋର ଝିଅ କଣ କାଣିକୁଜା ନା ଅସୁନ୍ଦର ହେଇଛି ଯେ ଏତେ ଡର । ମହାପାତ୍ରଙ୍କ ଝିଅ କେଡ଼େ କାଳୀ । ସେତ ବାହା ହୋଇଗଲା । ଅଉ ମଧ୍ୟ କାଲି ସକାଳେ ଅଖିଅଗରେ କୁଜାଟାଏ ବାହାହୋଇ ଗଲା । ସବୁଝିଅଙ୍କୁ ଜ୍ୱାଇଁ ମିଳୁଛନ୍ତି, ମୋ ଝିଅକୁ କଣ ଜ୍ୱାଇଁ ମିଳିବେ ନାହିଁ ଯେ ତମେ ଏଡ଼େ ଅସ୍ଥିର ହୋଇ ପଡ଼ୁଛ ।" ଚକ୍ରଧର ମିଶ୍ରେ ଏହା ଶୁଣି କହିଲେ, "ଅହେ, ତୁମେ ବୁଝିନାହିଁ । ରାମ ମହାପାତ୍ରେ ଯେଉଁ ଜ୍ୱାଇଁ କଲେ ସେ କପଟ ଚଷାଟାଏ ପରି ଦେଖାଯାଉଛି । ଅଉ ମଧ୍ୟ ପାଠଶାଠର ଧାର ଧାରେ ନାହିଁ । ଅମ ଫୁଲ୍ ପାଇଁ ଗୋଟିଏ ପାଠୁଆ ଜ୍ୱାଇଁ କରିବାକୁ ମୁଁ ମନ ବଳାଉଛି । ସେଇଥିଲାଗି ମୋ ମନ ଏପରି

ଚ୍ଛିନ୍ନ ହେଉଛି । ବ୍ରାହ୍ମଣ ସମାଜ, ଆଉ ବା କେତେ ଦିନ ? ଏହି ବର୍ଷ ଭିଅଟିକୁ ସତ୍‌ପାତ୍ରରେ ଟେକିଦେଲେ ମୁଁ ଟିକିଏ ନିଶ୍ଚିନ୍ତ ହୁଅନ୍ତି । ଏଇ ଗୋଟିଏ ତ, କିଅଣ ପାଞ୍ଚୁଟା ନା ସାତୁଟା ହୋଇଛି ଯେ ରହମଠ ହେବା ।” କୁନ୍ତଳା ଦେବୀ ଟିକିଏ ତଳ ଉପର ଚାହିଁଲେ । କହିଲେ, “ଅଚ୍ଛା, ତମେ ଆଉ କେଇଦିନ ଅପେକ୍ଷା କର । ଯଦି ଏହା ଭିତରେ କିଏ କେଉଁଠୁ ଖୋଜିଆସେ ତେବେ ଭଲ ହେବ । ତା ନ ହେଲେ ଆମେ ଆମ ଉପାୟ କରି ମାଘଫଗୁଣ ଆଉକି ଟେକାଟେକି କରିଦେବା ।”

ଫୁଲ୍ ତ ସୁନ୍ଦରୀ, ପୁଣି ପିତାଙ୍କ ତତ୍ତ୍ୱାବଧାନରେ ଗାଁ ପାଠଶାଳାରେ ଅଳ୍ପ କିଛି ଲେଖାପଢ଼ା ଶିଖିଛି । ଏପରି ଅବସ୍ଥାରେ ଜ୍ୱାଇଁ ନ ମିଳିବେ କାହିଁକି ? ସତକୁ ସତ ଅଳ୍ପ ଦିନ ମଧ୍ୟରେ ଦୁଇଚାରି ଜାଗାରୁ ଖବର ଆସିଲା ସମ୍ବନ୍ଧ କରିବା ସକାଶେ । କେଧର ମିଶ୍ରେ ଏଠୁଁ ସେଠୁଁ ବୁଝିଲେ । କେହି ମନକୁ ଆସିଲେ ନାହିଁ । କେଉଁଠି ଜମିବାଡ଼ି ଅଳ୍ପ ତ କେଉଁଠାରେ ଜ୍ୱାଇଁ ପାଠୁଆ ନୁହେଁ । କିଏ ବା ଜାତିରେ ଶ୍ରେଷ୍ଠ । ସେଠାରେ ସମ୍ବନ୍ଧ କଲେ ମାନହାନୀ । ଏହି ସବୁ କାରଣରୁ ଯେତେ ସମ୍ବନ୍ଧ ଆସିଲା ସବୁ ଭାଙ୍ଗିଗଲା । ଶେଷକୁ ପୀତାମ୍ବର ତ୍ରିପାଠୀଙ୍କ ପୁଅ ସଙ୍ଗେ ବିଭା ଦେବା ଠିକ୍ ହେଲା । ଦୁଇଟି ଭାଇ, ଦୁଇଟି ଭଉଣୀ, ଜମିଜମା ସାଧାରଣ ଚଳିବା ଭଳି ଅଛି । ଜ୍ୱାଇଁ ନିକଟସ୍ଥ ଉଚ୍ଚ ବିଦ୍ୟାଳୟରେ ପଢ଼ନ୍ତି । ବୟସ ପନ୍ଦର ଷୋହଳ ହେବ । ପ୍ରତ୍ୟେକ କଥାରେ ଉଭୟ ପକ୍ଷ ଏକମତ ହୋଇ ମହାପ୍ରସାଦ ନିର୍ବନ୍ଧ କଲେ । ବିଭାଘର ଦିନ ଧାର୍ଯ୍ୟ କରାଗଲା ଏବଂ ବିଭାଘର ପାଇଁ ଜୋରସୋରରେ ଯୋଗାଡ଼ ଚାଲିଲା ।

## —ଦୁଇ—

ଫୁଲର ବାହାଘର ହେବା ସ୍ଥିର ହୋଇଗଲା । ବାପା ଓ ବୋଉଙ୍କର ମନ ଆନନ୍ଦ ଉଲ୍ଲାସରେ ନାଚି ଉଠିଲା । ଗୋଟିଏ ମାତ୍ର ଝିଅ । ଭଲ ଘର ଓ ଭଲ ବର ମିଳିଛି । ଏଥିରେ କେଉଁ ବାପା ମାଆଙ୍କ ମନ ବା ଖୁସି ନ ହେବ ? ଗ୍ରାମର ଲୋକମାନେ ଫୁଲର ବାହାଘର ସ୍ଥିର ହୋଇଯିବା ଶୁଣି ଖୁସି ହେଲେ । ମୁଖିଆ ମୁଖିଆ ଲୋକମାନେ "ଚକ୍ରଧର ବେଶ୍ କରୁଛି, ଝିଅକୁ ଠିକ ସମୟରେ ବାହା ଦେଉଛି", କହିବାକୁ ଲାଗିଲେ । ଗାଁର ବୁଢ଼ୀ ବୁଢ଼ୀମାନେ ଓ ଝିଅ ବୋହୂମାନେ କୁନ୍ତଳାଦେବୀଙ୍କୁ କିଏ ମାଉସୀ, କିଏ କୁନ୍ତଳା, କିଏ ବା ସହି ସଙ୍ଗାତ ବୋଲି ସମ୍ବୋଧନ କରି ଥଟ୍ଟା ତାମସାରେ କହିବାକୁ ଲାଗିଲେ, "ଆମ କଲ୍ୟାଣୀକୁ ତୋ ସୁନ୍ଦର ଝିଅକୁ ଯୋଗ୍ୟ ଜ୍ୱାଇଁ ମିଳିଲାଣି । ଆମକୁ ଭଲ କରି ଖାଇବାକୁ ଦେବୁ ।" ଏହିପରି ନାନାପ୍ରକାର ଖୁସି ଗପରେ ପ୍ରାୟ ସମସ୍ତେ ମାତି ଥାଆନ୍ତି; କିନ୍ତୁ ଦୁଃଖ ହେଉଥାଏ ଜଣକ ମନରେ । ସେ ହେଉଛନ୍ତି କୁନ୍ତଳା ଦେବୀଙ୍କର 'ମକର'ର ପୁଅ ।

× × × ×

କୁନ୍ତଳା ଦେବୀଙ୍କର 'ମକର'ର ପୁଅ ଜଣେ ଉଚ୍ଚ ଶିକ୍ଷିତ ଯୁବା । ତାଙ୍କର ନାମ ବନମାଳୀ ଦାସ । ସେ କୁନ୍ତଳା ଦେବୀଙ୍କୁ ମା'ର ମକର ବୋଲି 'ମାଉସୀ' ଡାକନ୍ତି । ଫୁଲକୁ ନିଜର ସାନ ଭଉଣୀ ପରି ମନେ କରନ୍ତି । ତାଙ୍କର ମା ବ୍ୟତୀତ ଅନ୍ୟ ଆତ୍ମୀୟ କେହି ନ ଥିଲେ । ଭାଇ କି ଭଉଣୀ କେହି ନ ଥିବା ହେତୁ ସେ ଫୁଲକୁ ନିଜର ଜନ୍ମିତ ଭଉଣୀପରି ସର୍ବଦା ସ୍ନେହ କରନ୍ତି । ଫୁଲ ର ବାହାଘର ଏତେ ଶୀଘ୍ର ହେବା ଅନୁଚିତ ବୋଲି ମନେ କରି

ବନ ଖୁବ୍ ଦୁଃଖିତ ହେଲେ । କାରଣ ବନ ଦେଶ ବିଦେଶରେ ପାଞ୍ଚକଥା ଜାଣିଛନ୍ତି ଓ ଶୁଣିଛନ୍ତି । ବାଲିକା ବିଭାରେ ବା ଏତେ ସାନ ପିଲା ବିଭାରେ ଯାହାକି କ୍ଷତ ହୋଇଛି ଓ ହେଉଛି, ତାହା ମଧ୍ୟ ସେ ଅନେକ ଦେଖିଲେଣି ଓ ଏହା ସମସ୍ତଙ୍କର ଜଣାଶୁଣା । ବିଶେଷତଃ ବାଲିକା ବିବାହ ଧନକୁ ଧନ ସମାଜକୁ ଧ୍ୱଂସ କରୁଛି । ବାଲିକା ବିବାହରେ ଧର୍ମ ହେବା ତ ଦୂରର କଥା; ବରଂ ଅଧର୍ମ ବହୁ ପରିମାଣରେ ବଢ଼ି ଚାଲିଛି, ସମାଜର ଅଧଃପତନର କାରଣ ହୋଇଛି । ବାଲିକା ବିବାହ ଦେଶ ଓ ସମାଜରେ ନାନା ବିଭୀଷିକା ସୃଷ୍ଟି କରୁଛି । ବାଲିକା ବିବାହହିଁ କୁଳର ଓ ସମାଜର କଳଙ୍କ, ଏଥିରେ ସନ୍ଦେହ ନାହିଁ । ତେଣୁ ବନ ଫୁଲର ବିବାହରେ ସମ୍ପୂର୍ଣ୍ଣ ଅନିଚ୍ଛୁକ ।

ଫୁଲର ଏ ବିବାହ କିପରି ସ୍ଥଗିତ ରହିବ, ବନ ଏହି ବିଷୟ ନେଇ ନାନା ଚିନ୍ତା କଲେ । ମନେ ମନେ ଭାବିଲେ, ମଉସା ବନ୍ଦ କଲେ ଏହା ବନ୍ଦ ହୋଇ ପାରିବ । ନଚେତ୍ ଫୁଲର ବିବାହ ସୁନିଶ୍ଚିତ । ଅତଏବ ମୁଁ ମଉସାଙ୍କୁ ଏ ବିଷୟରେ ପଦେ ଅଧେ କହିବି । ବିବାହ ବନ୍ଦ ରଖିବା କଥା ସିଧା ସଳଖ କହିଲେ ସେ ରାଗିବେ ଓ ମୋତେ ନିର୍ଯାତନା କରିବେ । କିନ୍ତୁ ଯଦି ଶୁଣିବେ ତାହା ହେଲେ ଅନେକ ମଙ୍ଗଳ ହେବ । ଯାହା ହେଉ ମୁଁ ଯାଏଁ । ମଉସାଙ୍କୁ ଏ ବିଷୟରେ କିଛି କହେଁ ।

ବେଳ ଖଡ଼ି ଗଲାଣି, ଗାଈଜଗା ପିଲମାନେ ଗୋରୁ ଗାଈଙ୍କୁ ସାଙ୍ଗରେ ଘେନି ଗୋଷ୍ଠରୁ ଗୃହକୁ ବାହୁଡ଼ି ଆସୁଛନ୍ତି, ପ୍ରସନ୍ନବଦନରେ ଗୀତ ଗାଇ ଗାଇ, ପକ୍ଷୀମାନେ ଦିନର ଅବସାନ ଦେଖି ସ୍ୱ ସ୍ୱ ନୀଡ଼କୁ ଉଡ଼ି ଆସୁଛନ୍ତି ମଧୁର କାକଳି

କର । ଧୀରେ ଧୀରେ ନିର୍ମଳ ବାଆ ବହି ଯାଉଛି । ଗ୍ରାମର କେତେକ ଲୋକ ଏକାଠି ସମାଗତ ହୋଇ ଗପ-ସପ କରୁଛନ୍ତି । ସେମାନଙ୍କ ମଧ୍ୟରେ ଚକ୍ରଧର ମିଶ୍ରେ ଫୁଲର ବିଭାଘର ସମ୍ବନ୍ଧେ କୌଣସି ବିଷୟ ଆଲୋଚନା କରୁଛନ୍ତି । ଏହି ସମୟରେ ବିନ ସସ୍ମିତ ଆନନରେ ସେମାନଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ନିଜର ମନ ଅଭିଳାଷ ଜଣାଇବା ଇଚ୍ଛାରେ ।

ବିନ ଠିକ୍ ପହଞ୍ଚିବା ପୂର୍ବରୁ ଚକ୍ରଧର ମିଶ୍ରଙ୍କ ମୁହଁରୁ ଝିଅର ବିଭାଘର ପ୍ରସଙ୍ଗର ସୁଅ ଛୁଟିଥାଏ । ସୁତରାଂ ବିନ ଉପସ୍ଥିତ ହେବା ମାତ୍ରେ ଶୁଣି ପାରିଲେ, "ଆଉ ତ ଅଳ୍ପ ଦିନ ରହିଲା ବିଭାଘର" । ଏହା ଶୁଣିବା ସଙ୍ଗେ ସଙ୍ଗେ ବିନକୁ ସୁଯୋଗ ମିଳିଲା । ସେ ପଚାରିଲେ, "ମଉସା, ଫୁଲର ବିଭାଘର କଣ ନିଶ୍ଚିତ ହେଲାଣି" ? ଉତ୍ତର ହେଲା "ହଁ, ଆଉ ତ ମୋଟେ କେଇଟା ଦିନ ରହିଲା, ତମେ ଟିକିଏ ଏ କାର୍ଯ୍ୟରେ ଲାଗିପଡ଼, ଭଉଣୀ ବିଭାଘର ତ ଭାଇଙ୍କ ଲାଗେ, ନା କଣ ?" ବିନ କହିଲେ, "ନିଶ୍ଚୟ ମଉସା, ତା ତ ଜଣାଶୁଣା କଥା, ଏ କାର୍ଯ୍ୟ ସବୁ ଭାଇ ବନ୍ଧୁ ମିଳି କରିବାକୁ ହୁଏ । କିନ୍ତୁ ମୁଁ ଗୋଟିଏ କଥା କହିବାକୁ ଚାହେଁ, ଆପଣ ଯଦି ଶୁଣନ୍ତି ।" ଚକ୍ରଧର ମିଶ୍ରେ ଶୁଣିବାକୁ ଚାହିଁବାରୁ ବିନ କହିଲେ, "ଫୁଲର ବିଭାଘର ତ ନିଶ୍ଚେ ହବ । ମାତ୍ର ଏତେ ଶୀଘ୍ର ହେବା ନିହାତି ଅସଙ୍ଗତ ହେଉଛି । ତାକୁ ଆଜି ହେଉ, କାଲି ହେଉ ବିଭା ଦେବାକୁ ହବ । ହେଲେ ଟିକିଏ ବେଶୀ ବୟସରେ ହେଲେ ଭଲ ହୁଅନ୍ତା । ସେ ବର୍ତ୍ତମାନ ନିହାତି ସାନ ପିଲାଟାଏ । ଆଜି ତାର ଶିକ୍ଷା ପାଇବାର ସମୟ । କିନ୍ତୁ ସେ ଯଦି ଏହିକ୍ଷଣି ବିଭା ହୁଏ, ତେବେ ତାର ଭଲ ଶିକ୍ଷା ହୋଇ ପାରିବ ନାହିଁ କି ସେ ଭବିଷ୍ୟତ ଜୀବନରେ ଶିକ୍ଷିତା ମା ଓ ଗୃହିଣୀ ହେବା ସମ୍ଭବ ହେବ ନି ।

ଫୁଲକୁ ଆଉ ଛଅ ସାତ ବର୍ଷ ପରେ ବାହା ଦେଲେ କଣ ଯାଉ ନାହିଁ? ଆପଣ ଏ ବିଷୟ ନେଇ ଧୀରସ୍ଥିର ହୁଅନ୍ତୁ ଓ କିଛି ଦିନ ପରେ ଫୁଲର ଉପଯୁକ୍ତ ବୟସରେ ତାକୁ ବାହା ଦେବାକୁ ପ୍ରୟାସୀ ହୁଅନ୍ତୁ। ଏହା ଦେଶ, ସମାଜ ପକ୍ଷେ ଓ ଫୁଲପକ୍ଷେ ମଙ୍ଗଳକର ହେବ।"

ମନୁଷ୍ୟ ହୃଦୟରେ ଯେ ଭାବ ଅତି ଆଗ୍ରହ ସହ ଉଦ୍ଦୀପ୍ତ ହୋଇଥାଏ, ତାହାର ବିପରୀତ ଭାବ ଶୁଣିଲେ କିମ୍ବା ଅନୁଭବ କଲେ ଯେପରି ମନୋଭାବ ପ୍ରକାଶ ପାଇବ, ତାହା ଅନୁମାନ ସାପେକ୍ଷ। ସୁତରାଂ ଚକ୍ରଧର ମିଶ୍ରେ ରାଗାନ୍ୱିତ ହୋଇ ସଙ୍ଗେ ସଙ୍ଗେ କର୍ଜିଯାଇ କହିବାକୁ ଲାଗିଲେ, "ଦେଖ ବିନ, ତୁ ଏପରି ଅମଙ୍ଗଳପୂର୍ଣ୍ଣ କଥା ଆଉ କେବେ କହିବୁ ନାହିଁ। ତୁ ଆଜି ଟିକିଏ ପାଠୁଆ ହେଲୁ ବୋଲି ଆମ ବ୍ରାହ୍ମଣକୁଳର ଚିରନ୍ତନ ଚଳନ୍ତି ପ୍ରଥା ଉଠାଇ ଦେବୁ ନା କଣ? ଆଉ ମଧ୍ୟ ତୋର କିମ୍ବା ତୋଭଳି ପାଠୁଆ ଟୋକାଙ୍କର କଥାରେ ପଡ଼ି ଆମେ ଆମର ଧର୍ମ କାର୍ଯ୍ୟ ବା କନ୍ୟା ଦାନ ବନ୍ଦ କରିବୁ, ଏହା ମଧ୍ୟ ନୁହେଁ। ମୋର ଗୋଟିଏ ବୋଲି ଝିଅ, କେତେ ସ୍ନେହ ଶରଧାରେ ପାଳିଛି। ତାକୁ ଆଜି ମୁଁ କନ୍ୟାଦାନ କରିବାକୁ ପ୍ରସ୍ତୁତ ହେବାବେଳେ ତୁ କାଲିକା ଟୋକାଟେ ମତେ ସେଥିରେ ବାଧା ଦେବାକୁ ସାହସୀ ହେଉଛୁ। ଏହା ତୋର ଢେର ଅନ୍ୟାୟ। ତୁ ଏଠାରୁ ଚାଲି ଯା, ମୁଁ ମୋର ଝିଅକୁ ଦୁଃଖେ ସୁଖେ ବାହା ଦେବି ବରଂ, ତୋର ଉପଦେଶ ଶୁଣି ପାରିବି ନାହିଁ।" ଏହା କହି ଚକ୍ରଧର ମିଶ୍ରେ ମୁହଁ ଫେରାଇ ଘରକୁ ଚାଲିଗଲେ। ବିନ ବଡ଼ କଷ୍ଟ ଦୁଃଖ ମନ କରି ସେଠାରୁ ଘର ଆଡ଼େ ଫେରି ଆସିଲେ।

× × × ×

ଶୁଣୁଁ ଶୁଣୁଁ ବିଭାଘର ଦିନ ନିକଟ ହୋଇ ଆସିଲା । ଫୁଲ ନିଜେ ଏ ସମସ୍ତ ବିଷୟ ଶୁଣି ସାମାନ୍ୟ ଆନନ୍ଦିତ ହେବାକୁ ଲାଗିଲା । ସମସ୍ତଙ୍କ ଆନନ୍ଦ ଶୁଣି ଓ ଅନୁଭବ କରି ସେ ଆନନ୍ଦ ପାଉଥିଲା; କିନ୍ତୁ ପ୍ରକୃତରେ ବିବାହ ଯେ କଅଣ, ତାହା ବୁଝିବାର ବୁଦ୍ଧି ତାର ନାହିଁ କି ବୟସ ହୋଇ ନାହିଁ । ସେ ପୁଣି ସମୟ ସମୟରେ ମନରେ ଭାବେ, ଲୋକେ ବିଭା ହୁଅନ୍ତି କାହିଁକି ? ବିଭା ହେବା ତ ବଡ଼ କଷ୍ଟ । ଯେ ବିଭା ହୁଏ, ସେ ଉପାସ ରହେ । ସବୁ ଦିନ ଖେଳାଳିପରି ପଦାରେ ଡେଇଁ ବୁଲି ଖେଳି ପାରେ ନାହିଁ । ମୋର ଭଲ ରୂପେ ମନେ ଅଛି । ଯେତେବେଳେ ରମା, ମାଳତୀ, ଚମ୍ପା, ସଙ୍ଗାତ ଏମାନେ ସବୁ ବାହା ହେଲେ, ସେତେବେଳେ ସେମାନେ ହୁଣ୍ଡା ହୁଣ୍ଡା ଅଳଙ୍କାର ସବୁ ପିନ୍ଧି ହାତେ ଲମ୍ବର ଓଢ଼ଣା ମୁଣ୍ଡରେ ଦେଇ ବେଦୀରେ ବସିଥିଲେ । ଏ ତ ବଡ଼ ହଇରାଣ । ମୁଁ ବାହା ହେଲେ ପଛେ ବି ସେମିତି କରିବାକୁ ହେବ । କିନ୍ତୁ ମୁଁ କେମିତି ଏ ହାଲୁକା ଗହଣା ଛାଡ଼ି ସେ ବଡ଼ ବଡ଼ ଜିନିଷ ପିନ୍ଧିବି ଓ ପୁଣି ମୁଣ୍ଡରେ ବଡ଼ କରି ଓଢ଼ଣା ଦେବି ମ ? ଛୁଆଲୋ, ମୁଁ ଏଇଲେ ବିଭା ନ ହୁଅନ୍ତି ହେଲେ । ପୁଣି ଇଏ ଯା ହେଲା ହେଲା, ଠିକଏ ହେଲେ ବାଜା ବାଜିବା ଦେଖନ୍ତି କରନ୍ତି, ବୋଉ ହେଉକା ତ କଣ ଅଳିଠୁ ମନା କଲେଣି ବାଜା ଦେଖିବାକୁ ଦାଣ୍ଡକୁ ଯିବୁନି । ମୋର ଏବେ ଏଥିରେ କୋଉ ସୁଖ ।

ଫୁଲ ତାର ସୁକୋମଳ ଅନ୍ତର ମଧ୍ୟରେ ମନର ଚିନ୍ତା ପର୍ଯ୍ୟାଲୋଚନା କଲା ସତ, କିନ୍ତୁ ତାର ବିଭା ନ ହେବା ଆଶା ଆକାଙ୍କ୍ଷା ଫଳବତୀ ନ ହୋଇ ବିପରୀତ ଦିଗରେ ଧାବିତ ହେଲା । ଅତଏବ ଅଳ୍ପଦିନ ବାଦ୍ ସେହି ଓଢ଼ଣା ଟଣା ଦିନଟି

ଫୁଲର ସାରା ଜୀବନକୁ ମଣ୍ଡିତ କରିବାକୁ ଚାଲି ଆସିଲା । ଓଢ଼ଣା ଟେଣା ଦିନଟି ଫୁଲ ନିକଟକୁ ଆସିବା ସମୟରେ ଏକ ନୂତନ ନାମ ଉପହାର ସ୍ୱରୂପ ଆଣି ଫୁଲର ସମସ୍ତ ଶରୀରରେ ଲଗେଇ ଦେଲା 'ନୂଆ ବୋହୂ' । ସୁତରାଂ ଯେତେବେଳେ ଫୁଲ ବିବାହ ବେଦୀର ପ୍ରଥମ ସୋପାନରେ ପଦାର୍ପଣ କଲା, ସେତିକିବେଳୁ ତାର ନାମ ନୂଆବୋହୂ ହେଲା ।

ମାନ୍ୟତା କାହାକୁ କହନ୍ତି ତାହା ଫୁଲର ଅଗୋଚର । ସାତ ବର୍ଷର ପିଲା, ସେ ପୁଣି ମାନ ଥାନ ବା କଣ ଜାଣେ ? କିନ୍ତୁ ଝିଅ ବୋହୂଙ୍କ ଶିକ୍ଷାନୁସାରେ ଫୁଲ ନିଜର ମାନ୍ୟତା ଦର୍ଶାଇବା ନିମନ୍ତେ ପାରୁପର୍ଯ୍ୟନ୍ତ ଚେଷ୍ଟାରୁ ବିରତ ହୋଇନାହିଁ । ବର୍ତ୍ତମାନ ସେ ମାନ୍ୟ ପାଇଁ ମୁଣ୍ଡର ଓଢ଼ଣାଟି ଟାଣିଟାଣି ପ୍ରାୟ ଅନ୍ଧ । ତାର ଅବଗୁଣ୍ଠନଟି ଚକ୍ଷୁ ସମ୍ମୁଖେ ଠିକ୍ ପ୍ରାଚୀରର କାର୍ଯ୍ୟ କରିଅଛି ଏବଂ ଫୁଲ ବାହାରର କୌଣସି କାର୍ଯ୍ୟ କର୍ମ ବା ଲୋକ ସମାଗମ ଗହଳ ଚହଳ ଦେଖି ହୃଦୟରେ କିଛି ଗୋଟିଏ ଆବେଗ ପୋଷଣ କରି ପାରୁନାହିଁ । ସେ ସବୁ ଯାହା ହେଉ ଏ ସମସ୍ତ ଗହଳ ଚହଳ ବା ନୂଆ କାର୍ଯ୍ୟ ଦେଖିବାକୁ ସୁବିଧା ନ ପାଇ ଫୁଲ ସେତେ କିଛି ଉଦ୍‌ବିଗ୍ନ ନୁହେଁ । କାରଣ ତାର ଗଠିତ ଜୀବନରେ ଆଜି ଦିନଟି ନୂତନ ପ୍ରକାରେ ଭୋଗ ହେଉଛି । ଏଥିରେ ଫୁଲ ଏକ ରକମ ମୋହିତ ଓ ଆନନ୍ଦିତ ଅଛି । କିଛି ସମୟ ଗଲା, ତଥାପି ସ୍ନେହ ବାଳିକାଟିର ପ୍ରାଣ କେତେ ବୁଝି ରହିବ । ସେ ଏତେ ଗୁଡ଼ିଏ ମାନ୍ୟରେ ଥାଇ ବ୍ୟତିବ୍ୟସ୍ତ ହୋଇ ପଡ଼ିଲା । କେତେବେଳେ ଏଥିରୁ ଉଦ୍ଧାର ପାଇବ ଭାବିବାକୁ ଲାଗିଲା । ପ୍ରକୃତରେ ତା ପକ୍ଷରେ ଓ ଖେଳିବା ପିଲାଙ୍କ ପକ୍ଷରେ ଏହା ବେଶ କଷ୍ଟକର । କିନ୍ତୁ ଉପାୟ ନାହିଁ । ଜାତି ବା

ସମାଜରେ ପୂର୍ବାପୂର୍ବ ଯେଉଁ ବିଧାନରେ ଚଳିବାକୁ ହୋଇଛି, ଫୁଲ୍ ସେଥିରେ ଚଳିବାକୁ ବାଧ୍ୟ । ଏହାପରେ ଯଥା ରୂପେ ଫୁଲ୍ ତାର ଜୀବନରେ ଅଜ ଦିନଟିକୁ ମଙ୍ଗଳ ଭାବେ ରହି ଭୋଗ କରୁଅଛି । ଏହାପର ସମୟରେ ତାହାର ଡାହାଣ ହସ୍ତଟିକୁ କିଏ ଜଣେ ଧରିଥିବା ପରି ପ୍ରତୀୟମାନ ହେଲା । ଏଥିରେ ସେ ମନେ ମନେ ଭାବି ସ୍ଥିରକଲା, "ମୋର ହାତ ଉପରେ ଆଜି ଜଣେ କାହାର ହାତ ଲଗି ରହିଛି । ବୋଧହୁଏ, ଏହାର ନାମ ହାତଗଣ୍ଠି ପଡ଼ିବା ।" ଏହା ଭାବି ଫୁଲ୍ ଖୁବ୍ ଇଚ୍ଛାକଲା, "ବର୍ତ୍ତମାନ ମୋର ଏହି ହାତଟି ଦେଖିବାକୁ କପରି ଦିଶୁଥିବ ? ମୁଁ ଟିକିଏ କେମିତି ଦେଖନ୍ତି ।" ମାତ୍ର ଫୁଲ୍‌ର ଏପରି କୌତୁକ ଆଶାଟି ଦୁରାଶା ମାତ୍ର । ଫୁଲ୍ ତାର ହାତଟିକୁ ଦେଖିବାକୁ ନାନା ପ୍ରକାର ଚେଷ୍ଟା କଲେ ମଧ୍ୟ ଦେଖି ପାରିଲା ନାହିଁ । କିଛିକ୍ଷଣ ପରେ ଶୁଭବିବାହ ଆତ୍ମୀୟ ସ୍ୱଜନଙ୍କ ଶୁଭାଶୀର୍ବାଦସହ ସମ୍ପନ୍ନ ହେଲା ।

---

## —ଦଶ—

ଫୁଲ ଆଜି ଆଉ ସାତବର୍ଷର ସାନ ପିଲାଟି ନୁହେଁ । ପ୍ରକୃତି ଦେବୀର ସ୍ନେହମୟ କୋଳରେ ଲାଳିତ ପାଳିତ ହୋଇ ଫୁଲ ନଅ ବର୍ଷର ହେଲାଣି । ବିଧାତାଙ୍କର ବିଚିତ୍ର ବିଧାନ ଇଏ । ଆଜି ଯେ ଶିଶୁ କାଲିକି ସେ ବାଳ୍ୟ ଯୁବା, ପ୍ରୌଢ଼ ଓ କ୍ରମେ ବୃଦ୍ଧରେ ପରିଣତ ହୋଇ ସଂସାର କାର୍ଯ୍ୟ ନିର୍ବାହ କରୁଛି । କିନ୍ତୁ କେବେ ହେଲେ ଜାଣି ପାରୁନି କେତେବେଳେ ତାର ଅତୀତ ସମୟ ଯାଉଛି ଓ ଭବିଷ୍ୟତ ସମୟ ଆସୁଛି । ଏ ସମସ୍ତର ବିଧାନ କାରକ ସେଇ ଈଶ୍ୱର । ତାଙ୍କର କୃପାରେ ସମସ୍ତ ଜଗତ ପ୍ରତିପାଳିତ । ଈଶ୍ୱରଙ୍କ କୃପା ବର୍ଜିତରେ କୌଣସି ପ୍ରାଣୀ ତିଷ୍ଠି ପାରିବ ନାହିଁ । ସୁତରାଂ ଫୁଲ ମଧ୍ୟ ସେହି ଅଯମ୍ବୁ କୃପାରେ ପ୍ରତିପାଳିତ ହୋଇ ଦିନକୁଦିନ ବଢ଼ୁ ହେଉଛି । ବସନ୍ତ ଋତୁର ଆଗତ ସମୟରେ ବୃକ୍ଷ, ଲତା ମାନେ ଯେପରି ନୂତନ କଳେବର ଓ ନୂତନ ଶ୍ରୀରେ ଭୂଷିତ ହୁଅନ୍ତି, ଫୁଲ ସେପରି କିଶୋରୀ ବୟସରେ ଭୂଷିତ ହେବା ସଙ୍ଗେ ସଙ୍ଗେ ଯୌବନର ସଞ୍ଚରଣରେ ଫୁଟି ଉଠୁଛି । ଶରତ୍‌କାଳରେ କୁମୁଦ ବାନ୍ଧବ ପାଣିଭରା ପୁଷ୍କରିଣୀରେ ଝଲମଲ ହୋଇ ଭାସିବା ବେଳେ ଦେଖିଲେ ମନୁଷ୍ୟମାନଙ୍କ ମନରେ ଯେପରି ଅପୂର୍ବ ଆନନ୍ଦ ଖେଳିଯାଏ, ଫୁଲର ନବ ପ୍ରସ୍ଫୁଟିତ ମୁଖମଣ୍ଡଳଟି ଦେଖି କୁନ୍ତଳା ଦେବୀ ଓ ଚନ୍ଦ୍ରଧର ମିଶ୍ରେ ତତୋଽଧିକ ପ୍ରୀତ ହେଉଛନ୍ତି ।

ଏହି କ୍ଷଣି ବସନ୍ତର ବିଦାୟ । ଯେ ଯାହା ଭୁଲନାରେ ବସନ୍ତଋତୁକୁ ଦୁଃଖେ ସୁଖେ ବିଦାୟ ଦେଉଛନ୍ତି । ସୁତରାଂ ବସନ୍ତ ଋତୁଟି ଧୀରେ ଧୀରେ ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ, ବୃକ୍ଷ, ଲତା ଇତ୍ୟାଦି ସମସ୍ତ ପ୍ରାଣୀଙ୍କଠାରୁ ବିଦାୟ ନେଉଛି । ଏହିପରି ବସନ୍ତ ଋତୁର ବିଗତ ଓ ଗ୍ରୀଷ୍ମଋତୁର ଆଗତ ସମୟରେ ଦିନେ ଦ୍ୱିପ୍ରହର ବେଳରେ ଧୀରେ ଧୀରେ ଝାଞ୍ଜି ବହୁଥିବାବେଳେ କୁନ୍ତଳା ଦେବୀ ବସି ଝିଅର ସେହି କୁଞ୍ଚୁ କୁଞ୍ଚିଆ ବାଳତକ କୁଣ୍ଡାଇ ବେଣୀ ବାନ୍ଧୁଛନ୍ତି । ଫୁଲ୍ ସମ୍ମୁଖରେ ଥିବା ବଡ଼ ଅଇନାଟିରେ ନିଜର କୋମଳ ମୁଖଟିର ସୌନ୍ଦର୍ଯ୍ୟ ନିରୀକ୍ଷଣ କରୁଛି । ଏପରି ସମୟରେ ଲୁଚି ରହିଥିବା ଦୁର୍ଭାଗ୍ୟ ଟିକିକ ଫୁଟି ବାହାରିଲା ପରି ବାହାରି ପଡ଼ିଲା । "ଆହା ! ଏହା ବା କିଏ ମନେ କରିଥିଲା" ସମସ୍ତେ କହିବା, କିନ୍ତୁ ନିଜେ ନିଜ ହାତରେ ଜାଣୁ ଜାଣୁ ଯାହା ଅର୍ଜିବା, ତାହା ଆମେ ନ ଭୋଗିଲେ କିଏ ଭୋଗିବ ? ଭାଇ ଓ ଭଉଣୀମାନେ ଆସନ୍ତା ଭବିଷ୍ୟତକୁ ସମସ୍ତେ ଶପଥକରି ସତର୍କ ହୁଅ ଓ ଅନ୍ୟମାନଙ୍କୁ ସତର୍କ କରାଅ । ଈଶ୍ୱର କରନ୍ତୁ, ଆମ ଦେଶବାସୀମାନେ ପ୍ରତ୍ୟେକ ସ୍ଥଳରେ ଜ୍ଞାନ ଉପାର୍ଜନ କରି ସୁଖୀ ହୁଅନ୍ତୁ ଓ କୁ ପ୍ରଥା ସୁପ୍ରଥା ବାଛି ନିଅନ୍ତୁ । ଏହାହିଁ ପ୍ରାର୍ଥନା ।

× × × ×

ସୁଖପରେ ଦୁଃଖ ଓ ଦୁଃଖ ପରେ ସୁଖ ସର୍ବଦା ଲାଗି ରହିଛି । ଫୁଲ୍‌ର ବିବାହ ସମୟରେ ଚକ୍ରଧର ମିଶ୍ରେ ଯେଉଁ ଅସୀମ ସୁଖ ଅନୁଭବ କରିଥିଲେ, ଆଜି ତାର ସମ୍ପୂର୍ଣ୍ଣ ବିପରୀତ ଯେ ଦୁଃଖ, ତାର ଘରଶରେ ଅଧୀର ଅସ୍ଥିର ହୋଇ ଦାଣ୍ଡଆଡ଼ୁ ଦୌଡ଼ି ଆସିଲେ ଏବଂ କାତରପୂର୍ଣ୍ଣ ହୃଦୟରେ କୁନ୍ତଳା ଦେବୀଙ୍କୁ ସମ୍ବୋଧନ କରି କହିଲେ, "ଶୁଣିଲ, ଓହୋ । କି ଦୁର୍ଦ୍ଦଶାର କଥା ! ବଜ୍ରପାତ,

ବଜ୍ରପାତ । ହ୍ତାନକପାଳଠାର ଅଜ କାହିଁକି ବାଳ ବାନ୍ଧୁଛୁ ! ତାର ମୁଣ୍ଡରୁ ସିନ୍ଦୁର ଲିଭି ଗଲଣି । ସଂସାରରେ ସତେ କଣ ଏ ଦୁଃଖ ଥାଏ । 'ମା ଫୁ...ଲ୍...ଲୋ' ।" ଚକ୍ରଧର ମିଶ୍ରେ ଏହା କହୁ କହୁ ହତଜ୍ଞାନ ହୋଇ ମୁଣ୍ଡରେ ହାତଦେଇ ବସି ପଡ଼ିଲେ । କୁନ୍ତଳା ଦେବୀ ପ୍ରଥମ କେତେଧାଡ଼ି ଶୁଣି ଭଲୁଆଙ୍କ ପରି ହୋଇଗଲେ । ପରେ ଅସମ୍ଭାଳ ରୂପେ ବାଡ଼େଇ କଟୃଡ଼ି ହୋଇ ଝିଅକୁ କୋଳକୁ ଟାଣିନେଲେ ଓ ଅଧୀର ହୋଇ ବାହୁନି ବାହୁନି କାନ୍ଦିବାକୁ ଲାଗିଲେ । ଫୁଲ୍ ବୋଉ ଓ ବାପାଙ୍କର ହଠାତ୍ କାନ୍ଦି-ଉଠିବା ଦେଖି କିଛି ବୁଝିପାରିଲା ନାହିଁ । କିନ୍ତୁ ସେମାନଙ୍କ କାନ୍ଦ ଦେଖି ନିଜେ କିଛି ନ ବୁଝି ପାରିଲେ ମଧ୍ୟ କାନ୍ଦିବାକୁ ଲାଗିଲା । ପିଲା ଝିଅ ସେ । କେତେ ବା କାନ୍ଦିବ ? କେହି ବି ବୁଝାବୁଝି କରିବାକୁ ନାହିଁ । କିଛିକ୍ଷଣ କାନ୍ଦିବା ପରେ ସେ ହାଲିଆ ହୋଇଗଲା । ପରେ ଭାବିଲା ବନ ଭାଇନା ଏହିକ୍ଷଣି ଘରେ ଥିଲେ। ଯାଉଛି ତାଙ୍କୁ ଡାକି ଆଣିବ । ସେ ଆସିଲେ ବୋଉ, ବାପାଙ୍କୁ ଚୁପ୍ କରିଦେବେ । ଏତିକି ଭାବି ଫୁଲ୍ ମକର ମାଉସୀ ଘରକୁ ଦୌଡ଼ିଗଲା ଓ ବନ ଭାଇନାଙ୍କୁ ଡାକି ଆଣିଲା । ବନ ଆସି ସବୁ ହାଲଚାଲ ଶୁଣିଲେ । ମାସି କଣ କହି ମଉସା ମାଉସୀଙ୍କୁ ପ୍ରବୋଧ ଦେବେ, କିଛି ସ୍ଥିର କରି ପାରିଲେ ନାହିଁ । ସେ ଟିକିଏ ଇତସ୍ତତଃ ହୋଇ ପଚାରିଲେ, "ମଉସା, ଆପଣ କଣ ମନେ କରୁଛନ୍ତି ସତେ ଫୁଲ୍ ବିଧବା ହେଲା ! ସେ ଯେ ଏଡ଼େ ସାନ ପିଲାଟେ; ତାକୁ ବୈଧବ୍ୟ କିପରି ସ୍ପର୍ଶ କରିବ ? ସେ ସ୍ୱାମୀ କଣ ଜାଣିନାହିଁ କି ଶାଶୁ ଘରକୁ ଅଦୌ ଯାଇନାହିଁ । ଏପରି ଅବସ୍ଥାରେ ତାକୁ ବିଧବା କହିବା ବା କରିବା ଅମ୍ଭମାନଙ୍କର ଅନ୍ୟାୟ । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ।" ବନ ଏତିକି କହି ବ୍ୟସ୍ତ ଭାବରେ

ଠିଆହୋଇ ରହିଲେ ଓ ମନେ ମନେ ଭାବିଲେ "ଭଗବାନ ! ତୁମ୍ଭେ ଏ ଅଧମ ଜାତିକୁ କାହିଁକି ଏପରି ବୁଦ୍ଧିହୀନ ଓ ମୂର୍ଖକରି ପକାଇଅଛ । ପ୍ରତ୍ୟକ୍ଷରେ ଶତ ଶତ ଦୁଃଖ ଘଟିବା ଦେଖିଲେ ସୁଦ୍ଧା ଏ ହତବୁଦ୍ଧି ନରନାରୀମାନେ ପଶୁଠାରୁ ହୀନ ହୋଇ ସେହି କନ୍ୟାଦାନ ରୂପକ ଦୁଃଖାଗ୍ନିରେ ପତିତ ହୋଇ ଜୀବନ ଓ ଜାତିକୁ ଧ୍ୱଂସ କରୁଛନ୍ତି । ମୁଁ ଅନ୍ତରରୁ ପ୍ରାର୍ଥନା କରୁଛି ତୁମେ ତୁମର ଏ ମୂର୍ଖ ସନ୍ତାନମାନଙ୍କ ଦୋଷ କ୍ଷମା ଦିଅ ଓ ଚିର ଦିନକୁ ଯେପରି ବାଲ୍ୟବିଧବା ପ୍ରଥା ଉଠି ଜାତି ଓ ଦେଶ ସତ୍‌ଶିକ୍ଷାରେ ଅନୁପ୍ରାଣିତ ହୁଏ, ଏହାର ସଦ୍‌ବିଧାନ କରିଅ । ତବଶ୍ରୀ ଚରଣରେ ଏଇ ମୋର ଭିକ୍ଷା ।"

× × × ×

'ଫୁଲ ବିଧବା ହେଲା'—ଏହି କଥା କେତେ ପଦ ଖୁବ୍ ତୀବ୍ର ଗତିରେ ଚୂଲି ଆସିଲା ସମସ୍ତଙ୍କ ନିକଟକୁ ଠିକ୍‌ଏ ବଜ୍ର ଭାବରେ । ଗାଁଟିର ପୁରୁଷ, ସ୍ତ୍ରୀ, ଜ୍ୟେଷ୍ଠ ବଡ଼ ପିଲା ସହିତ ସମସ୍ତେ ବଡ଼ ବ୍ୟଥିତ ହେଲେ । ପଙ୍କରେ ପଦ୍ମ ସଦୃଶ ଫୁଲ ପଲ୍ଲୀଯାଗାର ସୁନ୍ଦରୀ ଝିଅଟିଏ । ସେ ଗାଁଟି ଯାକରେ ସମସ୍ତଙ୍କ ନିକଟରେ ଆଦରଣୀୟା ଖାସ ସୁନ୍ଦରୀ ଥିବା ହେତୁ । ତାର ଦୁର୍ଭାଗ୍ୟ ଯେ, ସେ ଏଡ଼େ ସୁନ୍ଦରୀ ହେଲେ ମଧ୍ୟ ବିଧବା ହେଲା । ଏଥିପାଇଁ ଗ୍ରାମର ରମଣୀମାନେ ଗୋଟି ଗୋଟି ହୋଇ ଚକ୍ରଧର ମିଶ୍ରଙ୍କ ଘରକୁ ଦୌଡ଼ି ଆସିଲେ ହଠାତ୍ ଏପରି ଦୁଃଖ ଦୁର୍ଦ୍ଦଶାର ଖବର ଶୁଣି । ଗାଁର ଝିଅ, ବୋହୂ ଓ ବୁଢ଼ୀ ବୁଢ଼ୀମାନଙ୍କୁ ଦେଖି କୁନ୍ତଳା ଦେବୀ ଢେର କାନ୍ଦିଲେ, ବହୁତ ବାହୁନିଲେ । ଆଉ ସବୁ ସ୍ତ୍ରୀ ଲୋକମାନେ ମଧ୍ୟ ଫୁଲପାଇଁ ଓ କୁନ୍ତଳା ଦେବୀଙ୍କ ଦୁଃଖରେ

ସହାନୁଭୂତି ଦେଖାଇ କଥା କଟା କଲେ । ପରେ ଏଇଟା କର୍ମଦୁଃଖ, ଏଥିରେ ଦଇବର ହାତଅଛି ଓ କର୍ମ ଉପରେ ନିର୍ଭର କରିବାକୁ କହି କୁନ୍ତଳା ଦେବୀଙ୍କ ବୁଝା ସୁଝା କରି ସେମାନେ ଚାଲିଗଲେ ।

ଯେତେହେଲେ ପର ତ, ମୁହଁରେ କଥାଏ କହିଲେ ପେଟରେ କଥାଏ । ବାହାରେ ସଂସାର କରିଛନ୍ତି ବୋଲି, କୁନ୍ତଳା ଦେବୀଙ୍କୁ ଏଣୁ ତେଣୁ ପଦେ କହି ଚାଲିଗଲେ । କିନ୍ତୁ ପଛରେ ଆଉ କେତେ କେତେ କଥା କହିବାକୁ ସେମାନେ ସଂକୋଚ ବୋଧ କଲେ ନାହିଁ । ଏହିକ୍ଷଣି ଗାଁଟାଯାକ ଖାଲି ଫୁଲର ନିନ୍ଦାରେ ପରିପୂର୍ଣ୍ଣ । ଘରେ ବାହାରେ ଯେଉଁଠି ଶୁଣ ଖାଲି ଫୁଲର ନିନ୍ଦା, କୁନ୍ତଳା ଦେବୀଙ୍କ ଭାଗ୍ୟ ଦୋଷ । ସାତ ପାଞ୍ଚ ସ୍ତ୍ରୀଲୋକ ଏକାଠି ହେଲେ ସେଇ ଏକା ବିଷୟର ଚର୍ଚ୍ଚା । ଯେଉଁଠି ଦୁଇ ଚାରି ଜଣଙ୍କୁ ଦେଖିବ ଖାଲି କଥା ଲହରିରେ ଭାସିଯାଉଛି, "ରୂପ ଥିଲେ କଣ ହେବ, ଫୁଲର କର୍ମଟା ନିହାତି ଖୋଟ । ସେମିତି ଅଲକ୍ଷଣୀ ଗୁଡ଼ାସିନା ଅତି ସୁନ୍ଦରୀ ହୋଇଥାନ୍ତି । ସେଇଥିପାଇଁ କୁହାଯାଇଛି ପରା, 'ମାଇକିନିଆ ଜନ୍ମପାଇ ଯଦି କାଚ, ସିନ୍ଦୂରରେ ଦିନ ଗଲା ତେବେ ଯାଇ ସବୁ । ରୂପକୁ କିଏ ପଚାରେ । ଏଇଲେ ଏବେ ହାନିକପାଳୀଟା କଣ କରିବ ।" ପୁଣି କେହି କେହି ଗାଲରେ ହାତ ଦେଇ କହୁଦଅନ୍ତି "ମଲା କୁନ୍ତଳାଟା ଭାରି ଦୁଃଖୀ । ଗୋଟିଏ ବୋଲି ଝିଅ, କେତେ ଦିଅଁ ଦେବତାଙ୍କୁ ବାର ଓଷା, ଉପାସ କରି ପାଇଥିଲା, ତାର ପୁଣି ଏଦଶା । ଏଥିରେ କେମିତି ଦେହଧରି ରହିବ । ପୂର୍ବ ଅର୍ଜିତ ଫଳ ସବୁ ଇଏ ।" ଏହିପରି କେତେଟା କଥା ସ୍ତ୍ରୀ ଲୋକମାନେ କହି ପକାନ୍ତି, ଗାଧୁଆତୁଠରେ, ନଇଲେ ପଡ଼ିଆ ବାଡ଼ି କିଆଗଛ, ଅରଖ ଗଛ ମୂଳରେ ।

—ଚାର—

ଫୁଲ ବାଳିକା, ସରଳ ହୃଦୟା । ସେ ବର୍ତ୍ତମାନ ପର ସମୟରେ ବୋଉ ଓ ବାପାଙ୍କୁ ନିଜର ବୋଲି ଚିହ୍ନେ ଓ ଜାଣେ । ତାଙ୍କର ସୁଖ ଦୁଃଖରେ ସେ ସୁଖ ଦୁଃଖ ଅନୁଭବ କରେ । ଏହା ସ୍ୱାଭାବିକ ଗୁଣରୁ ଗୋଟିଏ । ଅତଏବ ଫୁଲ ବୋଉ, ବାପାଙ୍କ କ୍ରନ୍ଦନରେ ସିନା କାନ୍ଦି ପକାଉଥିଲା, ନଚେତ୍ ତାର କାନ୍ଦିବାର ଅନ୍ୟ କୌଣସି କାରଣ ନ ଥିଲା । ଯେତେବେଳେ ସେ ଦେଖିଲା ବାପା ଦାଣ୍ଡ ଅଡ଼େ ଚାଲିଗଲେଣି ଓ ବୋଉ ମୁଣ୍ଡରେ ଦୁଇ ହାତ ଦେଇ କାଠ ପିଢ଼ୁଲା ପରି ବସିରହିଛି, ସେତେବେଳେ ସେ ଟିକିଏ ନିଶ୍ଚିନ୍ତ ହେଲାପରି ଅନୁଭବ କଲା ଯେପରିକି ବୋଉ, ବାପାଙ୍କ କ୍ରନ୍ଦନ ତାର ଅସୀମ ଚିନ୍ତାର ସ୍ଥଳ ହୋଇଥିଲା । ସେ ମଧ୍ୟ ଖୁବ୍ କାନ୍ଦିଛି ଓ ତାକୁ ବହୁତ ବାଧା ହୋଇଛି । ଏହିକ୍ଷଣି ସେ ସ୍ଥିର ଭାବେ ବସି ରହିବାରୁ କ୍ରମେ ଅନୁଭବ କରୁଛି ଯେ, ତାକୁ ଖୁବ୍ ଭୋକ କଲାଣି । କିନ୍ତୁ ଭୋକ ହେଲେ ଉପାୟ କଣ । ବୋଉ ତ କାନ୍ଦି କାନ୍ଦି କେତେବେଳ ହେଲା ଦୁଃଖରେ ବସିଛି, ତାକୁ କଣ ଏଇଲାଗେ ଭାତ ମାଗିବ । ନା! ଏହା ସେ ଉଚିତ ମନେ କଲାନାହିଁ। ଅନ୍ୟମନସ୍କ ଭାବେ ଭୋକ ସହି ବସି ପଡ଼ିଲା ।

ପ୍ରକୃତିରେ ମନୁଷ୍ୟ ହୃଦୟ ଏହା ଭାବିଲେ କାନ୍ଦି ଉଠିବ । ଟିକିଏ ମନପ୍ରାଣ ଦେଇ ବୁଝିଲେ ଅସଙ୍କୋଚରେ ଏହା ଚିତ୍କାର କରି ଉଠିବ । "ସମାଜରୁ ଓ ଜାତିରୁ ଏପରି ଅନ୍ୟାୟ ଅତ୍ୟାଚାର

ବନ୍ଧନ ବହୁରତ ହେବା ଉଚିତ । କାରଣ ଯେଉଁ ବାଳିକା ବିଧବା ହୋଇଛି, ସେ ଯଦି ଜାଣି ପାରନ୍ତା ଓ ବୁଝିପାରନ୍ତା ଯେ ବିଧବା ହେବାର ପର ମୂହୂର୍ତ୍ତରୁ ସଂସାରର ଯାବତୀୟ ଅଧିକାରରୁ ବିଧବା ବଞ୍ଚିତ, ତାହାହେଲେ କି ତାକୁ ଭୋକ ବାଧା ଜଣାପଡ଼ନ୍ତା ଓ ଭଲମନ୍ଦ ବିଚାର କରିବାକୁ ମୁଣ୍ଡରେ ପଶନ୍ତା । କଦାପି ନୁହେଁ, କେବେହେଲେ ନୁହେଁ । କିନ୍ତୁ ଫୁଲର ସେ ଭାବ କେଉଁଠୁ ଆସିବ ? ତାର ସେ ସମୟ ଆସିନି, ଯେଉଁ ସମୟରେ ବିଧବା ସଧବାର ମହତ୍ତ୍ୱ ନାରୀ ବୁଝେ ।

ଫୁଲ୍ ଏତେବେଳେ ସୁଦ୍ଧା ଶୁଣିନାହିଁ ଓ ଜାଣିନାହିଁ ସେ ଯେ ବିଧବା । ମାତ୍ର ଯେତେବେଳେ ତାର ହାତରୁ କାଚ ଦିପଟି ଭାଙ୍ଗି ଦେଲେ ଏବଂ ଦେହର ସମସ୍ତ ଅଳଂକାର ଗୁଡ଼ିକ ଭିଡ଼ିଓଟାରି କାଢି ନେଲେ, ସେତେବେଳେ ସେଁ ଭେଁ ଭେଁ କରି କାନ୍ଦି ପକାଇଲା । ତାର ମନପ୍ରାଣ କଣ ହୋଇଗଲା । ସେ କିଛି ବୁଝି ପାରିଲା ନାହିଁ ଅବଶ୍ୟ । କିନ୍ତୁ ତାର ଦେହରେ ଥିବା ପ୍ରିୟ ଅଳଂକାର ଗୁଡ଼ିକୁ ବାହାର କରି ନେବାକୁ ସେ ଅତି ଅଧୀର ଓ ବ୍ୟସ୍ତ ହେଉଛି, ଏହାହିଁ ସେ ଅଯରେ ଅଯରେ ସତ୍ୟ ବୋଲି ମନେ ମନେ ସ୍ଥିର କଲା । ଅଜି ମଧ୍ୟ ଏଇଥିପାଇଁକି ଫୁଲ୍ ଖୁବ୍ ବ୍ୟସ୍ତ ଭାବେ ବାଡ଼େଇ କଚାଡ଼ି ହୋଇ କାନ୍ଦିବାକୁ ଲାଗିଲା ତାହାର ସବୁ ପ୍ରକାର ଅଳାଝଳା ସହିବାକୁ ଯେଉଁ ବୋଉ ବାପା ପ୍ରତି ମୂହୂର୍ତ୍ତରେ ପ୍ରସ୍ତୁତ ଥିଲେ, ସେମାନଙ୍କୁ ଫୁଲ୍ ବହୁତ ଅନୁନୟ ବିନୟ ହୋଇ କହିଲା, କେତେବାର ବାପା ବାପା କରି କାନ୍ଦିଲା, ବୋଉ ବୋଉ କରି ଡାକିଲା । ହେଲେ ଏ ଅଳିଟି ତୋର କିଏ ଶୁଣିବ ଫୁଲ୍ ! ଏଯେ ତୋର କର୍ମଦୁଃଖ । ଏ ଅଳିଟି ରକ୍ଷାକର ତୋର ଏ ଦୁଃଖକୁ ମୋଚନ କରିବା ଶକ୍ତି ବୋଉ

ବାପାଙ୍କର ନାହିଁ । ବୋଉ ବାପା ସମାଜ ମଧ୍ୟରେ ଅଛନ୍ତି । ସମାଜରେ ଯାହା ବିଧି ଅଛି, ତାହାହିଁ କରିବାକୁ ସେମାନେ ବାଧ୍ୟ । ଏଣୁ ତୁ ବୋଉ ବାପାଙ୍କର ଝିଅଟି ହେଲେ ସୁଦ୍ଧା ସେମାନେ ତୋପ୍ରତି କିଂକର୍ତ୍ତବ୍ୟବିମୂଢ଼ ।

ଫୁଲ ଶୂନ୍ୟାଳଙ୍କାରୀ ହୋଇ ରହିବା ସହ୍ୟ କରିପାରିଲା ନାହିଁ । ସେ ମନଦମ୍ଭରେ ବୋଉ ପାଖକୁ ଆସିଲା ଓ ବେଶୀ କାନ୍ଦି କାନ୍ଦି କହିଲା, "ବୋଉ, ଦେଖିଲୁ ମୋର ଏ ହାତ ଦିଓଟି, କେମିତି ଲଙ୍ଗଳା ଦିଶୁଛି । ତୋତେ କଣ ଏହା ସୁନ୍ଦର ଦିଶୁଛି ? ମତେ ମୋର ସବୁ ଅଳଙ୍କାରଗୁଡ଼ିକ ପୁଣି ପିନ୍ଧାଇଦେ । ନ ହେଲେ, ମୁଁ ମୁଣ୍ଡ ପିଟିଦେବି । ମତେ ଏମିତି କରି ରଖିଲେ ମୁଁ ବଡ଼ ଅସୁନ୍ଦରି ଦେଖାଯାଉଛି । ତୁ ଏହା କେମିତି ସହୁଛୁ ?" ଏତକ କହି ଫୁଲ ବୋଉର କୋଳଭିତରେ ମୁଣ୍ଡଟି ଗୁଞ୍ଜିଦେଇ କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା ।

ମା ପ୍ରାଣ, ଯେ ମା ନ ହୋଇଛି ସେ ବୁଝିବା ଅବଶ୍ୟ କଠିଣ ହୋଇପାରେ । କିନ୍ତୁ ମାର ଗରିମା ଓ ମହତ୍ତ୍ୱ କିପରି, ତାହା ପ୍ରାୟ ପ୍ରତ୍ୟେକଙ୍କର ବୋଧଗମ୍ୟ ହେବ, ସାମାନ୍ୟ ଚିନ୍ତା କଲେ । କୁନ୍ତଳାଦେବୀ ମା । ତାଙ୍କଠାରେ ମାର ସମସ୍ତ ଭୂଷଣ (ଗୁଣ) ପରିସ୍ଫୁଟ ହୋଇଥିବା ସତ୍ତ୍ୱେ ସେ ଏକମାତ୍ର ଅନ୍ତର ସ୍ନେହ ଓ ପ୍ରାଣର ଝିଅଟିଠାରୁ ଏପରି ବୁକୁଫଟା କଥା ଶୁଣି କିପରି ମର୍ମାହତ ହୋଇଥିବେ, ଭାବିଲେ ଅସ୍ଥିର ହେବାକୁ ହେବ । ମନପ୍ରାଣ ଜଡ଼ ପାଲଟି ଯିବ । ଯଦି ପ୍ରକୃତ ହୃଦୟରେ ଆମ୍ଭେମାନେ ଏହା ଭାବିବା । କୁନ୍ତଳା ଦେବୀ ଏଥିରେ କଅଣ କରିବେ କିଛି ସ୍ଥିର କରି ପାରିଲେ ନାହିଁ । ଅଶ୍ରୁପୂର୍ଣ୍ଣ ନେତ୍ରରେ ଝିଅକୁ କୋଳକୁ

ଛାଣି ନେଇ ତାର ଭବିଷ୍ୟତ ଚିନ୍ତାରେ ଥକା ହୋଇ ବସି ରହିଲେ ।

× × × ×

ସମୟ କାହାର ପାଇଁ ଅପେକ୍ଷା କରେନା, କି କେବେ ମଧ୍ୟ କରିବ ନାହିଁ । ଦିନ ଦିନ ହୋଇ କେତେଦିନ ଗୁହ୍ମ ଗୁହ୍ମ କୁଆଡ଼େ ଗୁଲି ଯାଉଛି ତାର କିଛି ଇୟତ୍ତା ନାହିଁ । ଏ ମଧ୍ୟରେ କେତେଦିନ ବିତି ଗଲାଣି । ଚକ୍ରଧର ମିଶ୍ରେ ଝିଅର ମନ ଭଲ ରଖିବା ପାଇଁ ନାନା ରକମର ବହିପତ୍ର ଆଣି ଝିଅକୁ ପଢ଼ିବାକୁ ଦେଲେ । ଅନେକ ସୁନ୍ଦର ସୁନ୍ଦର ସ୍ଥାନ ସବୁ ଦେଖାଇବାକୁ ନେଇଗଲେ । ଫୁଲ୍ ଏଥିରେ ଅନେକଟା ଦୁଃଖ ଭୁଲିବାକୁ ଲାଗିଲା । ହେଲେ କଣ ହବ, ଏଥିରେ ସେ ତାର ମନକୁ ଅନେକ ପ୍ରକାରରେ ଭୁଲାଇଲା ସତ, କିନ୍ତୁ ଯେତେବେଳେ ପୂର୍ବ ଦିନର ସେଇ ବଡ଼ ଆଇନାଟି ସମ୍ମୁଖରେ ଠିଆ ହୁଏ, ସେତେବେଳେ ସେ ବୋକା ପାଲଟି ଯାଇ ନିର୍ଜୀବ ହୋଇଗଲା ପରି ବୋଧ କରେ ଓ ତାର ସେଇ ଲଙ୍ଗଳା ହାତ ଦିଓଟିରେ ଯଦିବା ନଜର ପଡ଼ିଯାଏ, ତାହେଲେ ସେ ଥରି ଉଠେ । ତାର ମନ ପ୍ରାଣ କି ଏକ ଅଜ୍ଞାତ ଦୁଃଖର ଧକ୍କା ଖାଇ ପୁନର୍ବାର ହୃଦୟ ମଧ୍ୟରେ ପ୍ରବେଶ କରେ । ଏଥିରେ ଫୁଲର ଶୂନ୍ୟ ଅନ୍ତରଟିକୁ ଆହୁରି ଅଧିକ ଶୂନ୍ୟ କରି ପକାଏ । ସେତେବେଳେ ତାର ଚକ୍ଷୁ ସାମନାରେ ସମସ୍ତ ଅନ୍ଧକାର ହୋଇ ଦୁଇ ଚକ୍ଷୁ କୋଣରୁ ଦିଓଟି ଲୋତକ ଧାରରେ କେତେ ଗୁଡ଼ାଏ ମୂଲ୍ୟହୀନ ମୁକ୍ତାମାଳ ଗଡ଼ିପଡ଼େ ।

କୁନ୍ତଳା ଦେବୀ ଝିଅର ଦୁରବସ୍ଥାରେ କାତର ହୋଇ ଗଲେ । ଫୁଲ୍ ଦୁଃଖରେ ଦୁଃଖିତା ହୋଇ ସେ ନିଜେ ମଧ୍ୟ ବାଳ ବାନ୍ଧିଲେ ନାହିଁ, କି ଅଳଙ୍କାର ପାତ ଲଗାଇଲେ ନାହିଁ । କାହାର

କଥା ନ ଶୁଣି ଗୋଡ଼ରେ ଅଲତା ମୁଣ୍ଡରେ ସିନ୍ଦୂର, ଯେ କି ସ୍ତ୍ରୀମାନଙ୍କର ଆଦରର ସାମଗ୍ରୀ ତାକୁ ମଧ୍ୟ ତୁଚ୍ଛ କଲେ । ଫୁଲର ସେହି କାଳିମା ବୋଳା ଦୁଃଖିତ ମୁଖଟିକୁ ଅନାଇ ଦିନ କଟାଇବାରେ ଲାଗିଲେ । ଏହିପରି ଭାବେ ସର୍ବଦା ତାଙ୍କର ମା-ହୃଦୟ ଦୁଃଖର ଝଞ୍ଜାରେ ଡଙ୍ଗା ହୋଇ ଦାରୁଣ ବିଷାଦ ଓ ଯନ୍ତ୍ରଣା ଭୋଗ କରି ରହିଲା ।

ଯେ କୌଣସି ଦୁଃଖର ଅବସ୍ଥାରେ ବନ୍ଧୁର ସହାୟ ବେଶୀ ବଳ ଓ ବୋଧ ଦିଏ । ଏହା ମନେ କରି ବିନ ଏପରି ଅବସ୍ଥାରେ ଅନେକବାର ମାଉସୀଙ୍କ ନିକଟକୁ ଆସନ୍ତି । ଦୁଃଖ ସୁଖ ଦୁଇ ଗୁରିପଦ ହୋଇ ଚାଲିଯାନ୍ତି । ମାତ୍ର ତାଙ୍କ ହୃଦୟର ବେଦନାଟି ସେ ନୀରବରେ ସହ୍ୟ କରୁଥାନ୍ତି ଖାସ୍ ଫୁଲ ସକାଶେ । ସେ ଫୁଲକୁ ବିଧବାରୂପରେ ଦେଖିବା ଦିନଠାରୁ ଏତେ ଦୁଃଖିତ ଯେ, ସେଇ ଦିନଠାରୁ ତାଙ୍କର ସରଳ ହୃଦୟରେ ସର୍ବଦା ଏଇ ନିଃସ୍ୱ ବିଧବାମାନଙ୍କର ମୁକ୍ତି କିପରି ସମ୍ଭବ ହେବ ଏହାହିଁ ଚିନ୍ତା ହୋଇଥାଏ । ବିନ ପ୍ରାୟ ପ୍ରତ୍ୟହ ମାଉସୀଙ୍କ ଘରକୁ ଆସୁଥାନ୍ତି, ଦିନେ ଆସି ଦେଖିଲେ ଫୁଲ ଖୁବ୍ ମନ ମାରି ବିରସରେ ବସିଛି ଓ ଆଖିରେ ଲୋତକ ଛଳ ଛଳ ହୋଇ ଭରି ରହିଛି । ତାକୁ ଦେଖିଲେ ଜଣାଯାଉଛି ଯେପରି କି ସେ ଗୋଟିଏ କିଛି ଜୀବନ ମରଣ ସମସ୍ୟା ନେଇ ବ୍ୟସ୍ତ । ବିନକୁ ଦୁଃଖ ଲାଗିଲା । ସେ ଭାବିଲେ, ଦିନ ଥିଲା ଏଇ ଫୁଲର ମୁହଁକୁ ଚାହିଁଲେ ଅନ୍ୟ ଲୋକର ମନର ଦୁଃଖ ଦୂର ହେଉଥିଲା । ମାତ୍ର ଆଜିକାଲି ତାର ମୁହଁକୁ ଚାହିଁଲେ ହରଷ ଅନ୍ତର ବିରସ ହୋଇ ଉଠୁଛି । ଏହା ଭାବି ସେ ଫୁଲକୁ ପଚାରିଲେ, "ଫୁଲ, ତୋର ମୁହଁ ଆଜି କାହିଁକି ଭାରି ଶୁଖିଲା ଦିଶୁଛି । କଣ ତୋର ଦେହ ଭଲ ନାହିଁକି ?"

ଫୁଲ ଉତ୍ତରରେ କହିଲା, "ଭଲ ଅଛୁ ଯେ, ମତେ ବୋଉ ମୋର ଅଳଙ୍କାରଗୁଡ଼ିକ ପିନ୍ଧିବାକୁ ଦେଉନାହିଁ । ମୁଁ ଏହାଷଣି ଯେପରି ମାଗିଲି ଦେଲା ନାହିଁ । ଓଳିଟି ମାଗିଲାରୁ କାନ୍ଦୁଛି । ଏଇଥି ପାଇଁ ମତେ ବଡ଼ କଷ୍ଟ ଲାଗୁଛି । ବନ ଭାଇନା, ତମେ ମୋପାଇଁ ଟିକିଏ ବୋଉକୁ କହିଲ । ସେ ମୋତେ ମୋର ଗହଣା ଓ ଭଲ ଲୁଗା ପିନ୍ଧିବାକୁ ଦେବ । ମୁଁ ଏମିତିଠା ବଡ଼ ଖରାପ ଦିଶୁଛି ଓ ମତେ ଭାରି ଲାଜ ମାଡ଼ୁଛି ।" ଫୁଲ ଏହା କହୁ କହୁ ମନ କଷ୍ଟରେ କାନ୍ଦି ପକାଇଲା ।

ବନ ଫୁଲଠାରୁ ଏପରି କଥା ଶୁଣି ମର୍ମାହତ ହୋଇଗଲେ । ପରେ ମାଉସୀଙ୍କ ନିକଟକୁ ଯାଇ କହିଲେ, "ମାଉସୀ, ଫୁଲକୁ ବୃଥାରେ ଏତେ କଷ୍ଟ କାହିଁକି ଦେଉଛନ୍ତି । ତାକୁ ତାର ଲୁଗା ଓ ଅଳଙ୍କାର ପିନ୍ଧିବାକୁ ଦିଅନ୍ତୁ । ସେ ଏପରି ରହିଲେ ତାର ବେଶି ମନ କଷ୍ଟ ହେଉଛି । ତାକୁ ଏପରି ମଳିନ ମୁହଁରେ ଦେଖିବାକୁ ବଡ଼ ଖରାପ ବୋଧ ହେଉଛି । ଛି, ଛି କାହିଁକି ଏତେ ଦୁଃଖ ତାର !" କୁନ୍ତଳା ଦେବୀ ଜିଭ କାମୁଡ଼ି ପକାଇ କହିଲେ, "ତୁ କଣ ପାଗଳ କିରେ ? ଫୁଲ ପରା ବିଧବା । ସେ ଅଳଙ୍କାରପାଟ କେମିତି ପିନ୍ଧିବ । ଏହା ସବୁ ମୁହଁରେ ଧରନ୍ତି ନାହିଁ ।" ବନ ପ୍ରତ୍ୟୁତ୍ତରରେ କହିଲେ, "ନା, ମାଉସୀ, ସେ ବିଧବା ନୁହେଁ । ଯେଉଁ ବାଳିକା ସ୍ୱାମୀ ଘରକୁ ଯାଇ ନ ଥାଏ ତାର ସ୍ୱାମୀର ମୃତ୍ୟୁ ହେଲେ ସେ ବିଧବା ନ ହେଲେ କିଛି ଯତ ନାହିଁ । ଫୁଲକୁ ପୁନର୍ବାର ବିବାହ ଦିଅ । ଏବେ ଅନେକ ଯାଗାରେ ଏପରି ହୋଇ ଯାଉଛି । ଏଥିରେ ବଡ଼ ବଡ଼ ପଣ୍ଡିତମାନେ ମତ ଦେଉଛନ୍ତି । ତମେ ମଉସାଙ୍କୁ କହି ଏ ବିଷୟ ଠିକ୍ କର । କିଛି ଦିନରେ ଫୁଲକୁ ପୁନର୍ବାର ବିଭା ଦେବା । ମୁଁ ସବୁ ବନ୍ଦୋବସ୍ତ କରିଦେବି ।

କିଛି ଅସୁବିଧା ହେବ ନାହିଁ । ତାକୁ ଆଜ 'ଅରେ ବିଭା ନ ଦେଲେ ସେ ସାରା ଜୀବନଟି କେତେ ଦୁଃଖରେ ଚଳିବ ? ଏପରି ବିଧବା କରି ରଖିଲେ ଖୁବ୍ ଅନିଷ୍ଟ ହେବ ।" ମାଉସୀ ଅନ୍ୟ କିଛି ଉତ୍ତର ନ ଦେଇ ଅନ୍ୟଆଡ଼େ ଚାଲିଗଲେ । ବିନ ସେଠାରୁ ଘରକୁ ଫେରି ଆସିଲେ ।

——※——

## —ପାଞ୍ଚ—

ଏବେ ଫୁଲ ସମସ୍ତଙ୍କର ଘୃଣାର ପାତ୍ରୀ ହୋଇଛି । ତାକୁ ଯେ ଦେଖିଲେ ସେ କହିଲେ, "ସେଟା ଅଲକ୍ଷଣୀଟେ, ତାର ମୁହଁ ଚାହିଁ କରନାହିଁ । ଗାଁର ଯେଉଁ ସ୍ତ୍ରୀମାନେ ଓ ସଙ୍ଗୀମାନେ ଅପ୍ସରା, ଅପ୍ସରା ବୋଲି ଠେକା ହୋଇ ଯାଉଥିଲେ; ଫୁଲକୁ ଦେଖିଲେ ଯେଉଁମାନଙ୍କର ଗୋଡ଼ ତଳେ ଲାଗୁ ନ ଥିଲା, ସେମାନେ ସବୁ ଏବେ ଦାଣ୍ଡ, ବାରଅଡ଼େ ଦେଖିଲେ ମୁହଁ ବୁଲାଇ ଚାଲି ଯିବାକୁ ଲାଗିଲେ । କଥା ପଦେ ମୁହଁରୁ ବାହାରିବା ତ ଢେର କଷ୍ଟ । ଏଥିରେ ଫୁଲର ବଡ଼ ଦୁଃଖ ହେଲା । ସେ ଏ ଆଖିର ଲୁହକୁ ସେ ଆଖିରେ ମାରି ସବୁବେଳେ ଘର କଣରେ ପଶି ରହିଲା । ତାକୁ ବାହାରକୁ ବାହାରିବା ପାଇଁ ବଡ଼ ଅଡ଼ୁଆ ଲାଗିଲା । କୁନ୍ତଳା ଦେବୀ ଝିଅର ଏସବୁ ଦୁଃଖ ଦେଖି ସହିପାରିଲେ ନାହିଁ । ଚିନ୍ତାରେ ଦୁଃଖରେ ଦିନକୁ ଦିନ ରୁଗ୍ଣା ଓ କ୍ଷୀଣା ହୋଇ ପଡ଼ିଲେ । ଚାହୁଁ ଚାହୁଁ ଅଳ୍ପ ଦିନରେ ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ହୋଇଗଲେ । କଥାରେ ଅଛି "ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି ।" ଆଉ ମଧ୍ୟ "ଚିତା ଦହତି ନିର୍ଜୀବଂ, ଚିନ୍ତା ଦହତି ସଜୀବଂ ।" ଏହାହିଁ ପ୍ରକୃତରେ ସାର ହେଲା । ଚିନ୍ତାରେ ଚିନ୍ତାରେ ମାରାତ୍ମକ ବ୍ୟାଧି ଉଦ୍ଭୂତ ହୋଇ କୁନ୍ତଳା ଦେବୀଙ୍କୁ ଦିନୁଦିନ ଦୁର୍ବଳ କରି ଚଳନ-ଶକ୍ତି ରହିତ କରିଦେଲା । ଚକ୍ରଧର ମିଶ୍ରେ ସ୍ନେହମୟୀ ପତ୍ନୀର

ଅସୁସ୍ଥତାରେ ଅସ୍ଥିର ହୋଇ ଡାକ୍ତରଙ୍କର ଚିକିତ୍ସାଧୀନ କରାଇଲେ । କିନ୍ତୁ ତାଙ୍କର ଆଶା-ଲତାଟି ଫଳବତୀ ନ ହୋଇ ବିପରୀତ ଦିଗରେ ଧାବିତ ହେଲା । ଅଳ୍ପ ଦିନରେ କୁନ୍ତଳା ଦେବୀ ମୃତବତ୍ ହୋଇଗଲେ ।

ଫୁଲ୍ ବୋଉର ବେମାରରେ ଅତି ଧୈର୍ଯ୍ୟହୀନା ହୋଇଗଲା ; ସର୍ବଦା ବୋଉ ବିଛଣା ନିକଟରେ ବସି ଗୁଣୁଗୁଣୁ ହୋଇ ଭଗବାନଙ୍କୁ ପ୍ରାର୍ଥନା କରିବା ତାର ପ୍ରଧାନ କାର୍ଯ୍ୟ ହୋଇ ପଡ଼ିଲା । ତାର ଅନ୍ୟ କୌଣସି ଆଡ଼େ ମନ ନଥାଏ ଓ ସେ ନିଜର ଖାଇବା ପିଇବା ଭୁଲି ମଧ୍ୟ ବୋଉ ସେବାରେ ଲାଗିଥାଏ । ବୋଉ ପାଟିରୁ ପଦେ କଥା ଶୁଣିଲେ ସେ ବଡ଼ ଆଶ୍ୱସ୍ତ ହୋଇ ପଡ଼େ ଓ କେତେ ଦିଅଁ ଦେବତାଙ୍କୁ କେତେ କିଣିକା ମାନସିକ କରି ପକାଏ, ଟିକିଏ ବୋଉର ଦେହ ପୀଡ଼ା ଊଣା ହେବାକୁ ।

ମାର୍ଗଶୀର ମାସ । ବେଳ ଗଡ଼ି ଗଲାଣି । ଦିନ ଋତରତିଆ ନାଲିଆ ଖରାଟିକ ଗଛ ବାଡ଼ରେ କେଉଁଠି କେମିତି ଠାଏ ଠାଏ ରହିଛି । ସୂର୍ଯ୍ୟାସ୍ତ ପରେ ସନ୍ଧ୍ୟାବତୀ ଦେବାପାଇଁ ଗ୍ରାମର ଝିଅ ବୋହୂମାନେ ନିତି କାମଗୁଡ଼ିକ ସାରିଲେଣି । ସବୁଦିନ ଫୁଲର ସଞ୍ଜବତୀ ଦେବାଟା ଟିକିଏ ବିଳମ୍ବ ହୁଏନି । କାହା ଦୁଆରେ ସଞ୍ଜ ବଇଠା ବସୁ ନବସୁଣୁ ଫୁଲର ଆଗ ବସେ । ମାତ୍ର ଆଜି ସଞ୍ଜ ବତୀକୁ କିଏ ପଚାରୁଛି । ଫୁଲ୍ ବୋଉର ବିଛଣାରେ ବସି ଆସ୍ତେ ଆସ୍ତେ ବୋଉ ଦେହ ହାତରେ ହାତ ବୁଲାଉଛି ଓ ଥରେ ଥରେ "ବୋଉ, ଦେହ କେମିତି ଲାଗୁଛି" ବୋଲି ପଚାରି ଦେଉଛି । କିନ୍ତୁ କୁନ୍ତଳା ଦେବୀଙ୍କଠାରୁ କୌଣସି ଉତ୍ତର ପାଇ ନ ପାରି କାନ୍ଦି ପକାଉଛି ।

ଏପରି ସମୟରେ କୁନ୍ତଳା ଦେବୀ ସ୍ୱାମୀଙ୍କୁ କହିଲେ, "ବିନ ଅଛି ପରା ! ତାକୁ ଟିକିଏ ଡାକ !" ଚକ୍ରଧର ମିଶ୍ର ବିନକୁ ଡକାଇଲେ । ବିନ ଆସି ମାଉସୀଙ୍କ ପାଖେ ବସି ପଚାରିଲେ । "ମାଉସୀ, ମୁଁ ଆସିଛି । ତମ ଦେହ ଭଲ ଲାଗୁଛି ?" କୁନ୍ତଳା ଦେବୀ ଅତି କ୍ଷୀଣରେ "ନାଇଁ" କହିଲେ । ତାପରେ ସ୍ୱାମୀଙ୍କୁ ଅନାଇଁ "ମୋ ଫୁଲ ତମକୁ ଲାଗିଲା" କହି କାନ୍ଦି ପକାଇଲେ । ତାପରେ ବିନକୁ ଆହୁରି ନିକଟକୁ ଡାକି ତାଙ୍କର ଗୋଟିଏ ହାତକୁ ବହୁ କଷ୍ଟରେ ଧରିଲେ ଏବଂ ପାଣି ଭରା ଆଖିରେ କହିଲେ, "ବାପ ବିନ ! ମୋର କଲ୍ୟାଣରେ ଲୁଚାଟିଏ ହୋଇଥା । ମୁଁ ତତେ ପୁଅଠୁ ବଳି ସ୍ନେହ କରେ । ଏଇଥିପାଇଁ ଶେଷ ସମୟରେ ପଦେ କହୁଛି । ତୁ ତାହା କରିବୁ ବୋଲି ମୋର ଆଶା । ଫୁଲ ପାଇଁ ମୁଁ ମରୁଛି । ଆଜିଠାରୁ ତୋର ଫୁଲ ସେ । ତୁ ତାକୁ ଭଲରେ ଦେଖିବୁ । ମା—ଫୁ—ଲ" । ଏତିକିରେ ସବୁ ଶେଷ ! ସୌଭାଗ୍ୟବତୀ କୁନ୍ତଳା ଦେବୀ କାତ ସିନ୍ଦୁର ନେଇ ବିଶ୍ୱପିତାଙ୍କ ଧ୍ୟାନରେ ଅମର ଧାମକୁ ଚାଲିଗଲେ !! ଦୁଃଖର ବିଷୟରେ ସମସ୍ତେ କାନ୍ଦି ଉଠିଲେ ! ! !

× × × ×

ଯେତେବେଳେ କୁନ୍ତଳା ଦେବୀ ଆଖି ଦିଓଟି ବନ୍ଦକଲେ, ସେତେବେଳେ ଚକ୍ରଧର ମିଶ୍ର ତାଙ୍କର ବିଛଣା ଛୁଇଁ ଶପଥ କରିଥିଲେ ଯେ, ସେ ପତ୍ନୀର ଚିନ୍ତାରେ ଜୀବନ କଟାଇ ଦେବେ । ଏକମାତ୍ର ଝିଅର ମୁହଁକୁ ଚାହିଁ ସମୟ ଅତିବାହିତ କରିବେ । କିନ୍ତୁ ମିଶ୍ରେ ଦୈବାତ୍ ସେ ସତ୍ୟରୁ ବିଚଳିତ ହେଲେ । ଗ୍ରାମର ବୃଦ୍ଧ ବ୍ୟକ୍ତିମାନେ କହିଲେ, "ଦେଖ ଚକ୍ରଧର, ତମେ ଆଉ ଗୋଟିଏ ବାହା ହୁଅ । ସେ ପାଗଳାମି କଥା ସବୁ ଛାଡ଼ । ସବୁଦିନ

ଝିଅ ପାଖରେ ଥିବନି, ତମର ଦାହ ଯା ହେଲେ କାଏ ଟିକାଏ ଭରସା ହେବ କହିଲ ? ତମକୁ ହେଇ ହେଇ ଏଇଲାଏ ବରଷ ପଇଁତିରଶିଟା କି ହବ୍ ଗୁଲଶଟା ହେବ । ତମ ବୟସକୁ କାରଣ ଘରେ ଅଭିଆଡ଼ି ନାଁ ଫିଟିନି । କୋଉ ବୁଢ଼ା ହୋଇ ଗଲଣି । ବ୍ରାହ୍ମଣ ଘର । କୁ କନ୍ୟା ଅପୂର୍ବ ହେବ, ତା ନୁହେଁ । ତମେ ବାହା ହୁଅ ।”

ଚକ୍ରଧର ମିଶ୍ରେ ପ୍ରଥମେ ପ୍ରଥମେ ପୂନର୍ବିବାହରେ ରାଜି ହେଉ ନ ଥିଲେ । ପଚାଶ କଥାରେ ପାଞ୍ଚଲୋକ ଭୁଲନ୍ତି । କ୍ରମେ ମିଶ୍ରେ ସବୁ ଭୁଲିଲେ । ଅଗ ପଛ ବର୍ଷକର ବାହାହେବା ସ୍ଥିର କଲେ । ସତ୍ୟ ଛୁଡ଼ିଲେ, ପାଗଳାମି ଛାଡ଼ିଲେ, କାଳୁଦାନ ବାଦ୍ ଝିଅକୁ ମାମୁଁ ଘରକୁ ପଠାଇଦେଇ ବାହା ବେଦୀରେ ବସିପଡ଼ିଲେ । ପୁଣି ହାତକୁ ଦହାତ ହୋଇଗଲା ।

× × × ×

ଫୁଲ ମାମୁଁଘରେ ଥିବାରୁ ଏସବୁ ବିଷୟର ନାମ ଗନ୍ଧ ଜାଣିଲାନାହିଁ । ମାମୁଁଘରେ ପହଞ୍ଚି ସେ ଦେଖିଲା, ମାମୁଁଙ୍କର ଦୁଇଟି ତାର ବୟସର ଝିଅ ଅଛନ୍ତି । ତାଙ୍କ ସଙ୍ଗେ ଖେଳିବାକୁ ଗାଁର କେତେ ଝିଅ ଆସନ୍ତି । ସେ ଏହା ଦେଖି ଖୁସି ହୋଇ ମନେ କଲା ଦିନ କେତେଟା ଏମାନଙ୍କ ସଙ୍ଗେ ଖୁସିରେ ଚଳିବ । ଆଉ ଏକୁଟିଆ ଦୁଃଖ ତାକୁ ବେଶୀ ବାଧିବ ନାହିଁ । ଏତେ ସାଙ୍ଗ ସାଥୀ ପାଇଲେ ତାର ଆଉ ବେଶୀ ଗୋଟେ ଦୁଃଖ କଣ ? ଏହା ଭାବି ସେ କିଛିତ୍ ଆନନ୍ଦ ହେଲା ଅବଶ୍ୟ । କିନ୍ତୁ ପ୍ରକୃତରେ ଏହା ଘଟିଲା ନାହିଁ । ଦୁଇ ଗୃହବଧନ ସବୁ ଝିଅ ଫୁଲ ସାଙ୍ଗେ ଖେଳିଲେ । ସାଙ୍ଗ ସାଥୀ ହୋଇ ଚଳିଲେ । ପଛକୁ ମା ଭଉଣୀଙ୍କ ଉପଦେଶ ପାଇ ସାଙ୍ଗରୁ ଛାଡ଼ ଛାଡ଼ ହେଲେ । କାହିଁକି ନା, ଫୁଲ ବାକ୍ସୁତ

ବିଧବା । ତାର ଲକ୍ଷଣ ଗୁଡ଼ିକ ସବୁ ଖରାପ । ତାର ସାଥିରେ ମିଶିଲେ ଭାରି ଦୋଷ ହୁଏ । ଏହି ସକାଶେ ଫୁଲ ସଙ୍ଗେ କେହି ଖେଳିଲେ ନାହିଁ କି ହସି କରି କଥା ପଦେ ସୁଦ୍ଧା କହିଲେ ନାହିଁ ।

ଫୁଲ ଅଜ୍ଞ ଅଉ ନାହାତ ସାନ ପିଲାଟି ନୁହେଁ । ସେ ତୋଠୁ ତାଠୁ ଶୁଣି ସାଥୀମାନେ ଖେଳ ଛାଡ଼ି ହେବା ବିଷୟ ଜାଣି ପାରିଲା । ଏଥିରେ ଫୁଲର ଯେଉଁ ଦୁଃଖକୁ ସେହି ଦୁଃଖ ମାଡ଼ି ଆସିଲା ଓ ତାର ମନରେ ଏକ ଦୁଃସହ ବେଦନା ଜାତ ହେଲା । ସେ ଯେତେବେଳେ ଯେଉଁଠି ବସିଲା, ସେହି ଏକ ଚିନ୍ତାକୁ ହୃଦୟରେ ସ୍ଥାନ ଦେବାକୁ ଲାଗିଲା । "ମୁଁ ବିଧବା, ଏଥିପାଇଁ ମୋ ସାଙ୍ଗରେ ଯେଉଁମାନେ ଖେଳିବେ ବା କଥା କହିବେ ତାଙ୍କ ଦେହକୁ କଣ ଏ ଦଶା ଭେଇଁ ପଡ଼ିବ ? ଏ କଣ କାଛୁ କୁଣ୍ଡିଆ ନା ଆଉ କିଛି ଛୁଆଁ ରୋଗ ହୋଇଛି ।" ଏହି ଚିନ୍ତାନଳରେ ଦଗ୍ଧ ହୋଇ ଫୁଲର ଜ୍ୟୋତିଟିକ କେଉଁଆଡ଼େ ଉଭେଇ ଯିବାକୁ ଲାଗିଲା । ତାର ନବ ପ୍ରସ୍ଫୁଟିତ ମୁଖରେ କେତେବେଳେ ହସର ଚିହ୍ନ ଦେଖିବାକୁ ସ୍ୱପ୍ନ ପରି ହୋଇଗଲା ।

ଗୋଟିଏ ଦିନ ଫୁଲ ବସି ବସି ଏଣୁ ତେଣୁ ଭାବୁଛି । ତାର ମନ ହୋଇଗଲା ଯାଉଛି ଏଇଲାଗେ ଯିବି, ଚମ୍ପା, ରମା, ରାଧୀ, ଗେଲୀର ହାତଗୋଡ଼ ଧରିବି ଓ ମୋ ସଙ୍ଗେ ଖେଳିବାକୁ ଡାକିବି । ଏହା ସ୍ଥିରକରି ଡାକିବା ସକାଶେ ବାହାରି ପଡ଼ିଲା । କିନ୍ତୁ ପାହୁଣ୍ଡେ କି ଦି ପାହୁଣ୍ଡ ହେବ ଯାଇ ଫେରି ଆସିଲା । ତାକୁ ଜଣାଗଲା ତାର ମନରେ ଯେପରି କିଏ କହୁଛି "ନାଁ, ନାଁ, ଏହା କରନାହିଁ । ଏହା କଲେ ତୋର ମାନହାନୀ ହେବ ।" ମାନହାନୀ, ସତେ, ଗୋଡ଼, ହାତଧରି ଡାକିଲେ ମାନହାନୀ ହେବ ମୋର ।

ଏହା ଭାବି ଫୁଲ ସେହିଠାରେ ବସିପଡ଼ିଲା । କିଛିକ୍ଷଣ ପରେ ମନେ ମନେ କହିଲା, "ମାଳିହାଣୀକୁ ମୁଁ ଡରୁଛି । ମୋପରି ହିଁ ଅର ଗୋଟେ ମାନହାନୀ କିଏ ? ସେ କେଉଁଠି ଥାଏ ମୋତେ ଜଣା ନାହିଁ ।"

ବାଲ୍ୟକାଳରୁ ବଡ଼ ଗେହ୍ଲାରେ ବଢ଼ି ଆସିଛି ଯେଉଁ ଫୁଲ, ତାର ଏତେ ପ୍ରକାରର ଚିନ୍ତା କରିବାକୁ ଶକ୍ତି କାହିଁ ? ସେ ପଦେ ପଦେ କାନ୍ଦିବା ସାର କରିଛି । ଦୁଃଖର ପ୍ରତିକୂଳରେ ଠିଆ ହେଲେ ତାର ମୁଣ୍ଡ ଘୂରିଯାଏ, ସେ କାନ୍ଦି ପକାଏ । ଏହି କ୍ଷଣି ତାହାହିଁ ହୋଇଛି । ଫୁଲ ମନେ ମନେ ବସି କାନ୍ଦୁଛି । ଏପରି ସମୟରେ ଗୋଟିଏ ମୁକ୍ତ କୁନ୍ତଳା ଷୋଡ଼ଶ ବର୍ଷୀ ବିଧବା ଯୁବତୀ ଆସି, ଫୁଲର ଆଖିକୁ ଅଞ୍ଚଳରେ ପୋଛି ପାଛି କହିଲେ, "ଫୁଲ କାହିଁକି ଏତେ କାନ୍ଦୁଛୁ ? ଆଗେ ତୁ ଆସି ଏଠି ହସି ଖୁସି ହୋଇ ଚଳୁଥିଲୁ ମୁଁ ନିଜେ ଦେଖିଛି । ଭଉଣୀ ଲୋ; ଆମ କର୍ମ ତ ପୋଡ଼ା, କାନ୍ଦିଲେ ଆଉ କଣ ହେବ ? ତୁ କାନ୍ଦନା, ମନରେ ସାହସ କର । ତୋର ଯେଉଁଥିପାଇଁ ଦୁଃଖ ହେଉଛି ସେଥିପାଇଁ ଭଗବାନଙ୍କୁ ଡାକେ । ଭଗବାନ କଲେ ନାରୀ ଯଦି ଜାଗିବ ତେବେ ନାରୀର ଦୁଃଖ ଯିବ । ନଚେତ୍ ଚିରଦିନ ଏଇ ଅନ୍ଧାର ବନ୍ଧନରେ ବନ୍ଧା ଥାଇ ସଢ଼ୁଥିବ । କନ୍ଦାକଟା କଲେ କିଛି ହେବନି, ଓଲଟି ଦେହ ଖରାପ ହେବ । ତୋର ବୁଝିବା ଶକ୍ତି ଅସିନି ତୁ କାନ୍ଦୁଛୁ । ମୁଁ ମଧ୍ୟ ତୋପରି କାନ୍ଦୁଥିଲି । କିନ୍ତୁ ଏବେ ଜାଣିପାରିଛି କାନ୍ଦିଲେ କିଛି ହେବନି । ଏଥିପାଇଁ ଦୋଷ ଯାହାଙ୍କର ଭଗବାନ ସେମାନଙ୍କୁ ସଦ୍‌ବୁଦ୍ଧି ଦେଲେ ଆମେ ଏତେ, କଷ୍ଟ ପାଇବାନି । ଖାଲି ଠାରେ ଏତେ କାନ୍ଦିବାଠାରୁ ଆ ଭଗବାନଙ୍କୁ ଆମ୍ଭ ଦୁଃଖ ଜଣାଇବା ।

ସେହି ପରମେଶ୍ୱର ଆମକୁ ଶକ୍ତି ଦେବେ ଓ ସମାଜକୁ ବୁଦ୍ଧି ଦେବେ। ଅନ୍ତରେ ସବୁ ଦୁଃଖ କୁଆଡ଼େ ଚାଲିଯିବ । ସେତେବେଳେ ଆମେ ସୁଖ ପାଇବା ।" ଫୁଲ୍ ଆଉ କାନ୍ଦିଲାନାହିଁ । କହିଲା "ରେବାନାଣୀ ଲୋ, ମନଟା କାହିଁକି କଣ ହେଇ ଯାଉଥିଲା । ବସି କାନ୍ଦୁଥିଲି । ତୁ ଏତେ ଗୁଡ଼େ କଥା କହିଗଲୁ । ତୋର ସେହି କଥା ସବୁ ମୋର କାନ୍ଦ ବନ୍ଦ କଲା । ଆଉ କାନ୍ଦିବି ନାହିଁ ।"

---

## —ଛଅ—

ମାମୁଁଘରେ ରହିବାର ଶେଷଦିନଟି ।

ଫୁଲ୍ କେତେଗୁଡ଼େ ବେଳହେଲା ବସି ବସି ଚିଡ଼ିଗଲାଣି । ଚିଡ଼ି ଚିଡ଼ି ମନେକଲା, "ଆଉ ଏଠି ଚଳ ହେବନି । ମୋର ଏତେ ଭୋକ ଶୋଷ କିଏ ସହିବ ? ଏ ଗାଁରେ ପୁଣି ବିଧବାମାନଙ୍କର କେତେ କଟକଣା, କେତେ ନିୟମ । ମୁଁ ଆମ ଗାଁରେ ତ କାହିଁ ଏତେକଥା ଜାଣି ନଥିଲି । ବୋଉ ଥିଲାବେଳେ ଏକାଦଶୀ ଦିନ ଜଳଖିଆ ଖାଇବାକୁ ଦଉଥିଲା । ଏତେ ଓଷା ଉପାସ କରିବାକୁ କେହି କହୁ ନଥିଲା । ଏଠି ପୁଣି କେତେ କଥା । ଏକାଦଶୀ କାଲି ଫେର କିଛି ଖାଇବନାହିଁ । ଦିନଗୋଟେ ରାତିଗୋଟେ ବରାବର ଉପାସ ରହିବ । ସେଥିରେ ପୁଣି ପ୍ରାଣ ଯାଉ ପଛେ ଶୋଷ କଲେ ପାଣି ଟୋପେ ବି ପିଇବନାହିଁ । ଏ କି ଗାଁ ମ ? ମଲା ମୋ ପୋଡ଼ା ଗାଁ, ନିଅାଁ ଗାଁ । ଏମିତିକା ଗାଁଟିଏ କିଏ ସୃଷ୍ଟି କରିଥିଲା । ଆମ ଗାଁରେ ତ କାହିଁ ଏତେ ବାଛ ବିଚାର ନାହିଁ । ଯାହାହେଉ ମୁଁ ଆଜି ପାଣି ନ ପିଇ ରହିବନି ।" ଆଜି ଅଷାଢ଼ମାସର ବଡ଼ ଏକାଦଶୀ ପଡ଼ିଛି । ଫୁଲ୍ ସକାଳୁ ଉପବାସରେ ଅଛି । ଦିନ ଦ୍ୱିପ୍ରହର ହୋଇଗଲାଣି । ଭସି ଝାଇଁ ଝାଇଁଆ ଖରା ମାରି ଦେଉଛି । କେତେବେଳେ ମେଘ ଘୋଡ଼େଇ ଖୁବ୍ ଗୁଳୁଗୁଳି କରୁଛି । ଫୁଲ୍

ଠିଆ ଉପାସ ରହି ତାକୁ ବଡ଼ ବାଧିଲାଣି ଓ ଭୋକଶୋଷ ଉଭୟେ ତାକୁ ବଡ଼ ଅଥୟ କରି ଦେଲେଣି । ଯାହାହେଉ ଭରମର ସେ ଭୋକର କଷ୍ଟ ସହିଲା । ମାତ୍ର ଶୋଷକୁ ସମ୍ଭାଳି ପାରିଲାନାହିଁ । ମନରେ ସ୍ଥିରକରି ମାଇଁ ପାଖକୁ ଯାଇ କହିଲା, "ମାଇଁ, ମୁଁ ଆଜି ଏକାଦଶୀ କରି ପାରିବି ନାହିଁ । ମତେ ଆଜି ଭାରି ଭୋକଶୋଷ ହେଉଛି । ମୁଁ ଝଦ କିଛି ଖାଇବି ନାହିଁ, ତେବେ ମତେ ମୁନ୍ଦିଏ ପାଣି ପିଇବାକୁ ଦେ । ତା ନହେଲେ ମୁଁ ମରିଯିବି । ମାଇଁ ଭାବିଲେ, ଶୋଷ କରୁଛି, ପିଲାଟିଏ, ବୁଝାବୁଝିକରି ଭୁଲାଇ ଦେବେ । ମାତ୍ର ଫୁଲ ଭୁଲି ପାରିଲାନାହିଁ । ତାର ପାଟି ତୋଟି ଶୁଖିଯାଉଛି । ସେ ବେଶୀ ଅଳି କରି କାନ୍ଦି କାନ୍ଦି କହିଲା, "ମାଇଁ ମୁଁ ତୋର ଗୋଡ଼ ଧରୁଛି, ମତେ ପାଣି ପିଇବାକୁ ଦେ । ମତେ ଖୁବ୍ ଶୋଷ କରୁଛି, ପାଟି ଶୁଖି ଯାଉଛି, ପାଣି ନ ପିଇଲେ ମୁଁ ମରିଯିବି । ପାପ ହେଲେ ହେଉ ପଛେ, ମୁଁ ଯାଉଛି ମୁନ୍ଦେ ପାଣି ପିଇବି ।

ମାଇଁ ବୁଝିଲେ ନାହିଁ, ପାଣି ନ ପିଇଲେ କି ଷତ ହେବ । ଓଲଟି ବିରକ୍ତ ହୋଇ କହିଲେ, "ମଲା, ଯେତେ କହିଲେ, ତମେ ଝିଅଟା ମୋତେ ବୁଝୁନୁ । ତମେ ସବୁ କଣ ବ୍ରାହ୍ମଣ ଘରର ଧର୍ମ ବୁଡ଼ାଇବ, ସବୁ ସାରିବ । ବିଧବା ଜୀବନ ତ, ମରିଗଲେ ତରିଯିବ । କେଉଁ ଏବେ ଷତ ହୋଇ ଯାଉଛି ଯେ, ବଡ଼ ଏକାଦଶୀ ପରି ଦିନରେ ପାଣି ତୁଣ୍ଡରେ ଦେବ । ମଲା ନିଆଁଲଗା ଗୁଡ଼ାକ ।"

ଫୁଲର ପାଣି ପିଆ ଆଶା ଏହିଠାରେ ପୂର୍ଣ୍ଣ ହେଲା । ଶୋଷ ବହୁତ ଦୂରକୁ ଚାଲିଗଲା । ସେ ନିରାଶ ହୃଦୟରେ ଗୋଟିଏ ଛୋଟ କୋଠରୀକୁ ଚାଲିଯାଇ ଖଣ୍ଡିଏ ସପର ଆଶ୍ରୟ ନେଇ ନିସ୍ତେଜ ଭାବରେ ଶୋଇ ଛଟପଟ ହେବାକୁ ଲାଗିଲା । କ୍ରୋଧରେ

ତାର ଛାତି ଥର ଉଠିଲା, ରାଗରେ ସମସ୍ତ ଅଙ୍ଗ ଜର୍ଜରିତ ହୋଇ ଗଲା । ତାର ହୃଦୟର ତପ୍ତ ନିଶ୍ୱାସଟିକ ଯାଇ ଆକାଶ ପାତାଳ ଖୋଳିଗଲା ।

ଫୁଲ କେତେ ସମୟ ସେଇ ଛୋଟ କୋଠରୀଟିରେ ଶୋଇ ମନରେ ଅତ୍ୟନ୍ତ ଅନୁତାପ ଭୋଗକଲା । ଭାବିଲା, ବୋଉ, ବାପା କାହିଁକି ମୋତେ ଏତେ ଶୀଘ୍ର ବାହା କଲେ । ମୁଁ ଫେର ଏଡ଼େ ଦୁର୍ଭାଗୀ ଯେ ବାହା ହେବାର କିଛି ଦିନରେ ସ୍ୱାମୀ ମରିଗଲେ । ଏହି ସ୍ୱାମୀଙ୍କ ମରଣହିଁ ମୋର ସମସ୍ତ ଦୁଃଖର ମୂଳ କାରଣ । ତାଙ୍କର ମୃତ୍ୟୁ ପାଇଁ ମୋତେ ମନୁଷ୍ୟଙ୍କଠାରୁ କେତେ ନିର୍ଯ୍ୟାତନା ସହିବାକୁ ହେଉଛି ! ସ୍ୱାମୀବିନା ନାରୀର କଣ ବଞ୍ଚିବାର ଅଧିକାର ନାହିଁ ? ବିଧବା ନାରୀର ଜୀବନ କଣ ଏତେ ହୀନ ? ମୋର କେବେ ତ ଏହା ବିଶ୍ୱାସ ହେଉନି । ଯଦି ବିଧବାର ପ୍ରାଣରେ କିଛି ପ୍ରୟୋଜନ ନାହିଁ, ତେବେ ଭଗବାନ ତାଙ୍କୁ ବଞ୍ଚାଇ ରଖିଛନ୍ତି କାହିଁକି ? ଏହାତ ତାଙ୍କର ଘୋର ଅନ୍ୟାୟ । ଏହିପରି ନାନା ଚିନ୍ତା କରୁ କରୁ ସୂର୍ଯ୍ୟ ଅସ୍ତଗାମୀ ହେଲେ । ଫୁଲ ଦେଖିଲା, ତାର ନିଜ ଦେହ ହଲାଇବାକୁ ଶକ୍ତି ତାଠାରେ ନାହିଁ । ତାର ପାଟି ଶୋଷରେ ଶୁଖି ଯାଉଛି ଓ ସେହି ପାଣି ଟୋପାକରେ ମନପ୍ରାଣ ଲାଗି ରହିଛି । ଏଥିରେ ସେ କରେ କଣ ? ଥତମତ ହୋଇ ପାଣି ପିଇବ ବୋଲି ବାହାରକୁ ଆସିଲା । ଦେଖିଲା କେହି କେଉଁଠାରେ ନାହାନ୍ତି । ମାଇଁ ବାରଅଡ଼େ କାମରେ ଅଛନ୍ତି । ତାଙ୍କର ଆସିବା ଡେରି ହେବା ଭାବି ବେପାଇ ଘରକୁ ନିର୍ଭୟ ଚିତ୍ତରେ ଗଲା । ମାତ୍ର ତାର ମନରେ ସାମାନ୍ୟ ଆଶଙ୍କା ରହିଲା ଯେ, ମାଇଁଙ୍କର ସାନ ଝିଅଟି ସେଇ ବେପେଇ ଘର ବାରଣ୍ଡାରେ ଗୁରୁଣ୍ଡି ଗୁରୁଣ୍ଡି ଖେଳୁଥାଏ । ଫୁଲ ଏସବୁ ଭାବିବାକୁ ବେଶୀ କିଛି ସମୟ ପାଇଲା

ନାହିଁ । ତରତର ହୋଇ ହାଣ୍ଡିଶାଳ ଭିତରକୁ ପଶିଗଲା । ଏହିକ୍ଷଣି ଫୁଲ୍‌ର ଦୁର୍ବଳତାଟିକୁ କିଏ ଆଉ ଜାଣିଲା ଯାଇଛି । ମନ ଫୁର୍ତ୍ତିରେ ସେ ଯାହା ତାହା କରିବାକୁ ଉଦ୍ୟତ । ଫୁଲ୍ ଯେମିତି ଦେଖିଲା ହାଣ୍ଡିଶାଳରେ କେତେଗୁଡ଼ିଏ ହାଣ୍ଡି ରହିଛି, ସେ ଚଞ୍ଚଳ କରି ଗୋଟିଏ ହାଣ୍ଡି ମୁହଁରୁ ଢଙ୍କା ହୋଇଥିବା ପଲମଟି କାଢ଼ିଲା । ଭଗବାନଙ୍କର ଲୀଳା ଏଇ ସମୟକୁ ଆହୁରି ବାକି ଥିଲା । ଫୁଲ୍ ଭୟରେ ପଲମଟି କାଢ଼ୁ କାଢ଼ୁ ପଲମଟି ତଳେ ପଡ଼ିଗଲା ଓ 'ଝୋ' କରି ଶବ୍ଦ ହେଲା । ସେ ପଲମ ପଡ଼ିଯିବା ଦେଖି ଅବାକ୍ ହୋଇଗଲା ଓ ମୁହୂର୍ତ୍ତି ସମୟ ଅପେକ୍ଷା ନ କରି ଭାତ ହାଣ୍ଡିରେ ମୁହଁ ଲଗାଇ କିଛି ତୋରାଣି ପିଇଦେଲା ।

ଏହିକ୍ଷଣି ଆଉ ପାପପୁଣ୍ୟ, ଧର୍ମ ଅଧର୍ମକୁ ବିଚାର ନାହିଁ । ଯାହା ଲୋକେ କହନ୍ତି, 'ଲୋକବାକଲେ ଛାଟିଆ କାମୁଡ଼ା' ତାହାହିଁ ଘଟିଛି । ଫୁଲ୍ କୌଣସି ଆଡ଼େ ଖିଆଲ ନ ରଖି ହାଣ୍ଡି କାମୁଡ଼ା ଠିଆ ହୋଇଛି । ଏ ଏକ ଭୟାନକ କଥା । ବ୍ରାହ୍ମଣ ଘରେ ପୁଣି ଏପରି ଅଦ୍ଭୁତ ଘଟଣା !

ଫୁଲ୍‌ର ମାଇଁ ଏହି ସମୟରେ ପାଣିଗରାଟା ବାରି କୂଅରୁ ଆଣି ପିଣ୍ଡାରେ ରଖିଥିଲେ । ଖେଳୁଥିବା ଝିଅପିଲାଟି ଶବ୍ଦ ଶୁଣି ଖେନେଇ ଖେନେଇ କହିଲା, "ଆଲୋ, ବଉଲୋ, ବିଲେଇ ମାଥ ଖାଇଲା ।" ବୋଉ ମଧ୍ୟ ଏହି ସମୟରେ ରନ୍ଧାଘରକୁ ଦୌଡ଼ିଗଲେ । ଦେଖିଲା ବେଳକୁ ଏକାଣ୍ଡ । ନିରାମିଷ ବିରାଡ଼ିଟି ଭାତହାଣ୍ଡି କାମୁଡ଼ି ଠିଆ ହୋଇଛି ।

ମାଇଁ ଆସିଥିବା ଦେଖି ଫୁଲ୍ ଜୀବଶୂନ୍ୟ ପ୍ରାଣୀପରି ଠିଆ ହୋଇଗଲା । ସତେ ଯେପରି ଗୋଟିଏ ଜଡ଼ ମୂର୍ତ୍ତି । ତାକୁ ବୋଧହେଲା ଯେପରି ଏ ସାରା ଦୁନିଆଟା ତାର ମସ୍ତକ ଉପ-

ଉଭା ପଡ଼ିଲା କିମ୍ବା ଚନ୍ଦ୍ର, ସର୍ଯ୍ୟ ପୃଥିବୀର ଖୁବ୍ ନିକଟକୁ ଖସି ଆସି ତାଙ୍କର ସେଇ ପ୍ରଖର ରଶ୍ମିରେ ଫୁଲ୍‌କୁ ଘୋଡ଼େଇ ରଖିଲେ । ଏହାପରେ ଅନୁଭବ କରି ସେ ଠିଆ ହେବା ଯାଗାରେ ବସି ପଡ଼ିଲା । ମାଈଁ ଫୁଲ୍‌ର ଏତାଦୃଶ ଅବସ୍ଥା ଦେଖି ବଡ଼ ଚିନ୍ତିତ ହୋଇଗଲେ । କିନ୍ତୁ ମନୁଷ୍ୟ ତ, କ୍ରୋଧ ସମ୍ବରଣ କରି ନ ପାରି ରାଗରେ ଗର୍ଜି ଗର୍ଜି କହିଲେ, "ଫୁଲ୍, ତମେ ଏଡ଼େ ରାକ୍ଷାସୁଣୀ ! ତମେ କଣ ଏ ଘରକୁ ଅନ୍ୟାୟ ଅତ୍ୟାଚାର କରି ସାରିବାକୁ ଆସିଛ ? ଓହୋ । ଏ ଝିଅ ମୋର କୂଳ ବୁଡ଼େଇବ । ମୁଁ ଏତେ ଗେଲ୍‌ବସର ସେଇନ୍ତି ଝିଅକୁ ଘରେ ରଖି ଚଳେଇ ପାରିବି ନାହିଁ । ସୁନା ବାପ ଏହାକୁ ଆଣିଛନ୍ତି, ସେ ଜାଣନ୍ତି । ଆଜି ମୁଁ ଏସବୁ କଥା ତମ ମାମୁଁ ଆଗେ କହିବି । ପାଣି ପିଇବାକୁ ମନାକରି ବୁଝେଇ ବୁଝେଇ ଥକିଥିଲି । ଫେର ଏ କଥା । ଛି, ଛି କେଡ଼େ ପାପ । ଏମିତ କଲେ ଏ ଦୁନିଆ ସରିଯିବ । ବସୁମାତା ଫାଟିଯିବ । କେଉଁକାଳେ ଏଇଆ ଥିଲା ? ବଡ଼ ଏକାଦଶୀ ପରି ଦିନରେ ନା ଧର କରିନ, ଫେର୍ ଉଷୁନା ଭାତ—ଏହା ମୋ କାନ ଶୁଣି ନଥିଲା । ଦୋର ଫେର୍ ପାଗକ ହାଣ୍ଡି ସବୁ ମାରି । କେଡ଼େ ସୁନ୍ଦର ଭାତ ରନ୍ଧା ହାଣ୍ଡିଟି, ଆରତଆମାକୁ ତିନିଥର ଫେରେଇ ଫେରେଇ କଷ୍ଟରେ ପାଇଥିଲି । ଏହାପରେ ବକି ବକି ଫୁଲ୍‌କୁ ବାହାରକୁ ଆଣି ଛାଡ଼ିଦେଲେ ଓ ହାଣ୍ଡିଶାଳ ବନ୍ଦ କରି ଅନ୍ୟ ଆଡ଼େ ଚାଲିଗଲେ ।

ଏତେବେଳେ ଫୁଲ୍‌ର ଜ୍ଞାନ ହେଲା ସେ କଣ କରିଛି କେଡ଼େ ଅନ୍ୟାୟ କରିଛି । ସମସ୍ତେ ଶୁଣି କଣ କହିବେ । ଭାବି ତାକୁ ଖୁବ୍ ଲାଜ ମାଡ଼ିଲା ଓ, ଭୟ ମଧ୍ୟ ଲାଗିଲା । ସେ ମନେ ମନେ ଭାବିଲା, ଏହିକ୍ଷଣି ମୋର ଯେଉଁ ଅବସ୍ଥା ଏହାଠାରୁ ମରଣ ତ ଲକ୍ଷଗୁଣରେ ଭଲ । ତେବେ ମୋତେ ମରଣ ହେଉନି କାହିଁକି ?

ଏହିପରି କେତେ କଣ ଭାବୁ ଭାବୁ ସେହି କୋଠରୀକୁ ଚାଲିଗଲା, ଯେଉଁ କୋଠରୀରୁ ସେ ଏଣିକି ପାଣି ପିଇବା ପାଇଁ ଆସିଥିଲା ।

× × × × ×

ତା ପର ଦିନ ବାପା ଆସି ବଡ଼ସକାଳୁ ଫୁଲକୁ ନେଇଗଲେ । ଫୁଲ ଘରେ ପହଞ୍ଚି ବାପାଙ୍କୁ ଧରି ବହୁତ କାନ୍ଦିଲା ଓ ମାମୁଁଘରେ ତାର ଯାହା ଯାହା ଦୁଃଖ ଘଟିଥିଲା, ସବୁ ଗୋଟି ଗୋଟି କରି ବାପାଙ୍କ ନିକଟରେ କହିଲା । ଫୁଲ ମନେକଲା ବାପାଙ୍କ ନିକଟରେ ଦୁଃଖ ସବୁ କହିଲେ, ବାପା ସହାନୁଭୂତି ଦେଖାଇ ତାର ଦୁଃଖର ଭାର ଲାଘବ କରିବେ । କିନ୍ତୁ ଫଳ ହେଲା ଓଲଟା । ସେ ବାପାଙ୍କଠାରୁ ଏହା ପାଇଲା ନାହିଁ । କାରଣ ବାପା ଆଉ ସେ ଦିନର ବାପା ହୋଇନାହାନ୍ତି । ତାଙ୍କର ରୀତିନୀତି ସବୁ ବଦଳି ଯାଇଛି, ଯେଉଁଦିନୁ ସେ ଅନ୍ୟ ବିବାହ କରିଛନ୍ତି । ମାଏ ଫୁଲ ଏହା କେଉଁଠୁ ଜାଣିବ ? ଏଥିପାଇଁ ସେ ମନେକଲା, ବାପାଙ୍କ ସ୍ନେହାଦର ଓ ଯତ୍ନରେ ପୁନର୍ବାର ତାକୁ ଏ ଗାଁରେ ଚଳିବାକୁ ହେବ, ଦୁଃଖ ସୁଖ ସବୁ ପଛକୁ ପକାଇ ଦେଇ ।

କିଛିଦିନ ଗଲା । ଫୁଲ ଦେଖିଲା, ବାପା ଏବେ ପ୍ରତି କଥାରେ ଓ ପ୍ରତି କାର୍ଯ୍ୟରେ ଫୁଲ ଉପରେ ଚିଡ଼ଚିଡ଼ି ହେଉଛନ୍ତି । ସେ ବାପା ବୋଲି ଡାକିଦେଲେ ଚକ୍ରଧର ମିଶ୍ରଙ୍କ କର୍ଣ୍ଣ ବିନ୍ଧିଗଲା ପରି ମାଲୁମ ହେଉଛି । ଏଥିରେ ଫୁଲ ମନେକଲା ବୋଉ ମରିଗଲାରୁ ବାପା ମନ ବିରକ୍ତିରେ ଏପରି ଚିଡ଼ି ଚିଡ଼ି ହେଉଛନ୍ତି । ତା ନ ହେଲେ ବାପା ତ କେବେ ଏମିତି ଚିଡ଼ାଳିଆ ଦେଖାଯାନ୍ତି ନାହିଁ । ସବୁବେଳେ ମୋତେ—ଅଲେ ମାଲେ କରି ଡାକନ୍ତି । ଏବେ କାହିଁକି ଏମିତି ହେଉଛନ୍ତି କେଜାଣି । ମୋ କର୍ମକୁ ସବୁଆଡ଼ୁ ବିଗୁଡୁଛି । ଏପରି ଯଥା ତଥା ହୋଇ ବାପା ଓ ଝିଅ

ଦିନ କେତେକ ଏକାକୀ ରହିଲେ । ମାତ୍ର ଏଥିରେ ବିଘ୍ନ ଘଟିବାକୁ ବେଶୀ ବିଳମ୍ବ ହେଲା ନାହିଁ । ଦିନେ ଅପରାହ୍ଣ ସମୟରେ ଚକ୍ରଧର ମିଶ୍ରେ ଦାଣ୍ଡ ଦୁଆରରେ ବସି କାହାଣୀ କହୁଥାନ୍ତି, "ବୁଝିଲେ, ଦାସେ ! ଶାସ୍ତ୍ରରେ ଅଛି 'ଦେଲେ ନାରୀ ହୁଅନ୍ତି ପାରି' ସଧବା ହେଲେ ତାର, ବିଧବା ହେଲେ ତାର । ଭଲମନ୍ଦ ହେଲେ ବି ତାର । ସେ ଆସି ତା ବୋହୂକୁ ନେଇଯାଉ । ମୁଁ କେତେଦିନ ଏ ଯୁବତୀ ଝିଅକୁ ବେକରେ ବାନ୍ଧି ଘରେ ରଖିଥିବି । ଏବକାଳତ ହେଉଛି ମନ୍ଦ । କେଉଁକାଳେ କେଉଁ ଭବିଷ୍ୟତ । ଏତେ ହେଙ୍ଗାମାରେ ପଶୁଛି କିଏ ।"

ଯେତେବେଳେ ମିଶ୍ରେ ଏହା କହୁଥିଲେ, ଫୁଲ୍ ଅପରାହ୍ଣେ ନିତ୍ୟନୈମିତ୍ତିକ କାର୍ଯ୍ୟ ଘର ଓଳାଓଳି କରିବାକୁ ଦାଣ୍ଡପଟକୁ ଆସିଥିଲା । ଦାଣ୍ଡପିଣ୍ଡାରେ ଦାସେ ବାପାଙ୍କ ସଙ୍ଗେ ବସି କଣ କଥାବାର୍ତ୍ତା ହେଉଥିବାର ଦେଖି ଭିତରକୁ ଅନ୍ୟ କାମରେ ଚାଲିଗଲା । ଚାଲିଯିବା ସମୟରେ ମିଶ୍ରେ ଦାସଙ୍କୁ କହୁଥିବା ବାକ୍ୟ ଗୁଡ଼ିକରୁ ସେ ପଦେ ଦିପଦ ଶୁଣି ପାରିଲା । କିନ୍ତୁ ଉତ୍ତମ ରୂପେ ବୁଝି ନ ପାରି ସନ୍ଦେହମଗ୍ନା ହୋଇ ଘର କାମରେ ଲାଗିଗଲା ।

## —ସାତ—

ମନୁଷ୍ୟର ଭାଗ୍ୟଚକ୍ର ପ୍ରତିମୁହୂର୍ତ୍ତରେ ଘୂର୍ ଘୂର୍ ଗୁଞ୍ଜ ଯିବାରେ ଲାଗିଛି । ଅଳ୍ପ ଦିନବାଦ ଫୁଲର ଗତି ସନ୍ଦେହ ଦୂର୍ ହେବା ଯାଗାରେ ଭାଗ୍ୟଚକ୍ରଟି ଆସି ପହଞ୍ଚିଗଲା । ସୁତରାଂ ଦିନେ ତାକୁ କିଏ ଜଣେ ଅଚିହ୍ନା ମନୁଷ୍ୟ ଆସି ଗୋଟିଏ ଗାଡ଼ିରେ ବସାଇ କେଉଁ ଅଜଣା ରାଜ୍ୟକୁ ନେଇଗଲେ । ଫୁଲ ଏସବୁ ବିଷୟ ବିଶଦରୂପେ ଜାଣିପାରିଲା ନାହିଁ ସତ, କିନ୍ତୁ ମନେ ମନେ ଭାବିଲା, "ଆଜିଠାରୁ ମୋତେ ଆଉର ଗୋଟିଏ ଭିନ୍ନ ଭାବେ ଚଳିବାକୁ ହେବ ।"

ଫୁଲର ଶାଶୁଘର ବେଶୀ ବାଟ ନୁହେ । ଦେଢ଼ଘଣ୍ଟା କି ଦୁଇଘଣ୍ଟା ମଧ୍ୟରେ ଗାଡ଼ିଟି ଆସି ଦାଣ୍ଡ ଦୁଆରରେ ଲାଗିଗଲା । ଫୁଲ ସେ ଘରେ ଗୋଡ଼ ଦେଲାବେଳେ ଭାବିଲା, ଏ ପ୍ରକୃତରେ ଅଜଣା ଅଚିହ୍ନା ଘର ନୁହେ । ଏ ମୋର ଶାଶୁଘର । ଯେତେବେଳେ ଫୁଲର ମନରେ ଏହା ଦୃଢ଼ୀଭୂତ ହୋଇଗଲା, ସେତେବେଳେ ଲମ୍ବା ଲମ୍ବା ଆଖି ଦୁଇଟିରେ ତାର ଶେଷ ସମ୍ବଳ ଲୁହଟିକ ଭରିଗଲା ଏବଂ ଦୁଃଖର ମାତ୍ରାଧିକ୍ୟ ହେତୁ ସ୍ଥାନଚ୍ୟୁତ ହୋଇ ତାର ପରିଧେୟକୁ ସିକ୍ତ କରିଦେଲା ।

× × × × ×

ଆଜ ନୂଆବୋହୂ ଘରକୁ ଆସୁଛି । କେତେ ଆନନ୍ଦ ଉତ୍ସବ ଲାଗିଥାଆନ୍ତା ! ହୁଳହୁଳି ଧ୍ୱନିରେ ଘରବାହାର ଉଚ୍ଛୁଳି ପଡ଼ୁଥାଆନ୍ତା । ନୂଆବୋହୂ ଓ ବୋହୂ ସଙ୍ଗରେ ଆସିଥିବା ଭାରଥୋର (ଯୌତୁକ) ହେରଫା ଦେଖିବାକୁ କେତେ ଲୋକ ଯା ଆସ କରୁଥାଆନ୍ତେ । ସମସ୍ତ ବନ୍ଧୁ କୁଟୁମ୍ବ ସାଇପଡ଼ୋଶୀ ମିଳି ଆନନ୍ଦ ଉତ୍ସବରେ ମାତି ଥାଆନ୍ତେ । ମାତ୍ର ଆଜ ବିଧାତାର ବିଧାନରେ ବୋହୂ ଆସୁଛି ସତ, କିନ୍ତୁ ଏ ସମସ୍ତ ସୁଖଶାନ୍ତିର ଚିହ୍ନ କେଉଁଠାରେ କେଉଁସ୍ଥଳେ ଲେଶମାତ୍ର ସୁଦ୍ଧା ଦେଖାଯାଉ ନାହିଁ, ଖାସ ଜଣକ ପାଇଁ । ସୁଖଶାନ୍ତିର ବିପରୀତେ ଏହାହିଁ ଘଟିଛି ଯେ ବୋହୂକୁ ଗାଡ଼ିରୁ ଘରକୁ ଆଣିବା ସମସ୍ତଙ୍କ ବିପଦଭଳି ବୋଧହେଉଛି । ଏପରି ସ୍ଥଳରେ ଆନନ୍ଦ ଉତ୍ସବ କେଉଁଠୁ ଆସିବ ?

ଭାବିଲେ ହୃଦୟ ଏହାର ଉତ୍ତର ଦେଇ ପାରିବ ! ଯଦି କେହି ପ୍ରଶ୍ନକରେ, "କାରଣ କଅଣ" ? କାରଣ ଆମେ ଓ ଆମର ଏହି ସମାଜ । ଭାଇଭଉଣୀମାନେ ! ଆମେ ଚେଷ୍ଟାକଲେ ଈଶ୍ୱରଙ୍କ କୃପାରୁ ସବୁ କରିପାରିବା । ତେବେ ଆମର କର୍ତ୍ତବ୍ୟ ଆମେ ନିଶ୍ଚେ ଖୋଜିବା ଉଚିତ ।

ବର୍ତ୍ତମାନ ଫୁଲ ଯେଉଁ କୋଠରୀଟିରେ ବସିଛି ସେ ଘରେ କେତେଗୁଡ଼ିଏ ହାଣ୍ଡି ଉତ୍ତମ ରୂପେ ପରିଷ୍କାର ହୋଇ ଥୁଆହୋଇଛି । ଯେଉଁଠାରେ ଏହି ହାଣ୍ଡିଗୁଡ଼ିକ ଅଛି ସେଠାରେ ନାନାପ୍ରକାର ଲତା, ଫୁଲ ଓ ଅନ୍ୟାନ୍ୟ କେତେରକମର ଚିତ୍ର ମୃତ୍ତିକାରେ ଦିଆ ହୋଇଛି । ଆଉ କେତେଗୁଡ଼ିଏ ତାଳପତ୍ର ଝୋଟେଇ, ଗୃହଗୁଡ଼ି ଓ ବାସନ ପତ୍ର ଅନ୍ୟତ୍ର ଥୁଆ ହୋଇଛି । ଏହାଛଡ଼ା ଘରଟିରେ ଅନ୍ୟ କିଛି ଜିନିଷ (ଯାହାକି ଘରର ସାଜସଜା ବଢ଼ାଏ) ନାହିଁ । ତଥାପି ଘରଟି ବେଶ ସୁନ୍ଦର ଦେଖାଯାଉଛି । ସୁନ୍ଦର ଦେଖାଯିବାର

ବିଶେଷତଃ ଏହି ମୁରୁକରେ ପଡ଼ିଥିବା ଚିତାଗୁଡିକ । ଫୁଲ୍ କେତେ ସମୟ ସେହି ଘରେ ବସିରହିଲା । କେହିହେଲେ ତାପାଖକୁ ଆସିଲେ ନାହିଁ । ନୂଆବୋହୂ ସେ । ତା ପ୍ରତି ଏପରି ବ୍ୟବହାର କି କଷ୍ଟଦାୟକ, ସେ ଭଲରୂପେ ଅନୁଭବ କଲା । ହେଲେ ଉପାୟ ନାହିଁ । ଧୀରେ ଧୀରେ ସହ୍ୟକରି ମନକୁ ବୁଝାଇଦେଲା । ମନ ମୋର, ତୁ ଅବୁଝା ହେଲେ ହେବ ନାହିଁ । ମୋର ବୁଝାଇବା ଶକ୍ତିରେ ମୁଁ ଯେମିତି ବୁଝାଇବି ତୁ ସେମିତି ବୁଝିବୁ ।

ଦିନେ ଗଲା, ଦିଦିନ ଗଲା, ତାପରେ ଫୁଲର ଶାଶୂଘର ଚଳଣି ପୂର୍ଣ୍ଣରୂପେ ପ୍ରକାଶ ପାଇଲା । ସେ ସବୁ ଦୁଃଖସୁଖ ପାଶୋରି ଦେଇ ଶାଶୂ ଶଶୁରଙ୍କ ସେବାରେ ମନଯୋଗୀ ହୋଇ ଚଳିବାକୁ ଲାଗିଲା । ତାର ଅନ୍ତରରେ ଏହି ଭାବଟି ସର୍ବଦା ଜାଗରିତ ହେବାରୁ ସେ ମନେକଲା, "ପିଲାଦିନେ ମୁଁ କେତେଲୋକଙ୍କ ପାଖରେ ଆଦର ପାଉଥିଲି । ଏହା ମୋର ମନେ ଅଛି । ମାତ୍ର ମୋର ଜ୍ଞାନ ହେବା ଦିନରୁ ମୁଁ ଦେଖୁଛି, ଏବେ ଘଡିକ ପାଇଁ ସୁଦ୍ଧା କାହାଠାରୁ ଭଲରେ କଥାପଦେ ଶୁଣୁନି । ଆଉ ଆଦର ପାଇବା ତ ବହୁତ ଦୂରର କଥା । ତେବେ ଏତିକି ଭାବୁଛି, ବର୍ତ୍ତମାନ ଏ ଜାଗାଟିର ଚଳଣି ମୋ ପାଖେ ସମ୍ପୂର୍ଣ୍ଣ ନୂଆ । ଯଦି ଏହି ନୂତନ ଚଳଣିରେ କୌଣସି ପ୍ରକାରେ ଏହି ଘରେ କାହାଠାରୁ ଆଦର ପାଇବାର ଯୋଗ୍ୟ ମୁଁ ହୁଏ, ତେବେ ସେଇ ଏକ ବାଟରେ ମୋର ଜୀବନର ସମସ୍ତ ସମୟ କଟାଇବି । ଏଠି ଆଦର ପାଇବାର ବିଶେଷ ଚେଷ୍ଟା ଶାଶୂ ଶଶୁର ଓ ଏହି ଘରର ସମସ୍ତଙ୍କର ମନ ମନେଇ ଚଳିବା । ଏତିକି କରିପାରିଲେ ମୁଁ ନିଶ୍ଚେ ଏମାନଙ୍କଠାରେ ଆଦରଣୀୟା ହେବି । ଯଦି ପାରୁପର୍ଯ୍ୟନ୍ତ ଚେଷ୍ଟାରେ ସମସ୍ତଙ୍କ ମନ ନେଇ ଚଳି, ତଥାପି ଅନାଦର ପାଏ, ତେବେ ମୋର ଭାଗ୍ୟ ଉପରେ ନିର୍ଭର

କରିବ । ଏହା ଭାବି ଫୁଲ ସମସ୍ତଙ୍କ ସେବା କରିବାରେ ଦୃଢ଼ସଂକଳ୍ପ ହେଲା ଓ ଏହି ବ୍ରତରେ ବ୍ରତୀ ହୋଇ ସମସ୍ତଙ୍କ ମନ ନେଇ ଚଳିବା ଭାବି ଶାଶୁଘରେ ରହିଲା ।

ଏହିକ୍ଷଣି ଫୁଲ ସମୟର ବ୍ୟବହାର ଜାଣି ପାରିଛି । ପୂର୍ବେ କେଉଁଠି ବସି ଗପ କରୁଥିଲା ତ ଘଣ୍ଟାଏ, କଥା କହୁଥିଲା ତ ଦୁପହରି ପଡ଼ିଲେ ବି ଜଣା ପଡ଼େନି । କିନ୍ତୁ ବର୍ତ୍ତମାନ ତାକୁ ବଡ଼ କରି ନିଶ୍ୱାସ କେଇଟା ନେବାପାଇଁ ବି ସମୟର ଅଭାବ ଜଣା ପଡ଼ିଲାଣି । ସେ ଆଜି ସୁଦ୍ଧା ଯେଉଁ କାର୍ଯ୍ୟ ସବୁ ଦେଖି ନ ଥିଲା ତାହାସବୁ ନିଜେ କରୁଛି । ମନୁଷ୍ୟର ଭାଗ୍ୟ ବହିଗଲା ସ୍ରୋତପରି । ଦିନଥିଲା, ଫୁଲ ଯେତେବେଳେ ସ୍ୱର୍ଗର ଅପ୍ସରା ସଙ୍ଗେ ସମତୁଲ ହେଉଥିଲା । ଆଜି ମଧ୍ୟ ସେଇ ଫୁଲ ଅଛି । ତେବେ ଏତିକି ଯେ ସେ ଏହିକ୍ଷଣି ଗୃହର ଦାସୀ ଚାକରଠାରୁ ବଳି ତୁଚ୍ଛ ହୋଇଛି । ଏଇ ମାନେ ତଫାତ୍ ତାର ଭାଗ୍ୟ ସ୍ରୋତର ଗତି ମଧ୍ୟରେ ।

ଫୁଲର ଦିଓଟି ଛୋଟ ଛୋଟ ନଣନ୍ଦ । ସେ ମନେ କଲା ଏ ଦୁହିଁଙ୍କ ସାଙ୍ଗରେ ସାଙ୍ଗ ହୋଇ ବେଶ ସୁଖ ସୁବିଧାରେ ଚଳିଯିବ । ଏହାଙ୍କ ସାଙ୍ଗରେ ହସି ଖେଳି ମୋର ସବୁ ଦୁଃଖ ପାଶୋରି ଦେବ । ଭଗବାନ ବୋଧେ ମୋରି ମନରେ କାଞ୍ଛିତ ଆନନ୍ଦ ଓ ସୁଖ ଦେବା ପାଇଁ ଏମାନଙ୍କୁ ଏ ଘରେ ଜନ୍ମ ଦେଇଛନ୍ତି । ଫୁଲର ସ୍ୱଭାବ, ସାଙ୍ଗସାଥୀ ହୋଇ ଖେଳିବା ବା ଗଳ୍ପ କରିବାରେ ସେ ବଡ଼ ଆନନ୍ଦ ବିଭୋଳ ହୁଏ । ଏଣୁ ତାର ଯେତେ ସୁଖ ଦୁଃଖ ହେଲେ ମଧ୍ୟ ସେ ତାର ସ୍ୱଭାବସୁଲଭ ହସିବା ଖେଳିବା ଗୁଣକୁ ଛାଡ଼ି ପାରେନି । ଏଇ ହସ ଖେଳର ସହଯୋଗୀ ସାଥୀ ଫୁଲର ସର୍ବଦା ଲୋଡ଼ା ହୁଏ । ସେ ପ୍ରକୃତରେ ବଡ଼ ସାଙ୍ଗପ୍ରିୟ । ପିଲାଦିନେ ସାଙ୍ଗସାଥୀ ଦେଖିଲେ ତାକୁ ଭୋକ ଶୋଷ କରେନି । ଯାହା

କହନ୍ତି, "ଦେଖିଲେ ଭୋକ ଶୋଷ ବନ୍ଦ ହୁଏ ।" ଏହି ବାକ୍ୟଟି ଫୁଲ ନିକଟରେ ପ୍ରକୃତ ପରିଚୟ ଦେଉଥିଲା । ଆଜି ମଧ୍ୟ ତାର ସେହି ପ୍ରକୃତ ଅଛି । ତାର ଇଚ୍ଛା, ଏହି ନଣନ୍ଦ ଦିଓଟିଙ୍କ ସଙ୍ଗେ ହସ ଖୁସିରେ ଚଳିଯିବ । କିନ୍ତୁ ଭଗବାନଙ୍କର ଇଚ୍ଛାରେ ତ ଯାଇ ସବୁ । ଫୁଲ ଏହା ଜାଣୁଛି କେଉଁଠୁ ?

ଫୁଲର ଶାଶୁଘର କେହି ହେଲେ ଶାନ୍ତ ଶିଷ୍ଟ ହୋଇ ନାହାନ୍ତି ( ଫୁଲପ୍ରତି ) । ଝିଅ ଦିଓଟି ବା କାହିଁକି ହେବେ ? "ଯେଉଁ ଗୃହକୁ ଯେଉଁ ବତା, ଆଗୁ ନିର୍ମିଣିଛି ବିଧାତା ।" ଏହି ଚଗଟିର ଗଢ଼ଣରେ ଝିଅ ଦିଓଟି ଘରକୁ ମିଳିଛନ୍ତି । ସୁତରାଂ ଫୁଲକୁ ଏମାନେ ମଧ୍ୟ କଡ଼ା ନଜରରେ ଦେଖନ୍ତି । ସାମାନ୍ୟ ଅସାବଧାନତାରେ କିଛି ଗୋଟିଏ ଭଲମନ୍ଦ କାମ କଲେ ଏମାନେ ମଧ୍ୟ ଦୁଇଗୁଣର ପଦ ବଢେଇ ଦିଅନ୍ତି । ଏପରି ଅବସ୍ଥାରେ ଫୁଲର ମନଲାଖି ସାଙ୍ଗ ଏହି ନଣନ୍ଦ ଦୁହେଁ ହେବେ ବୋଲି ସମ୍ଭବ ନୁହେଁ । ତଥାପି ଫୁଲ ଏଥିରୁ କ୍ଷାନ୍ତ ନ ହୋଇ ଗୋଟିଏ ଦିନ ଦ୍ୱିପ୍ରହରେ ସବୁ କାମଦାମ ସାରିଦେଇ ନଣନ୍ଦଙ୍କ ମନ ଜାଣିବାକୁ ଖେଳିବା ସକାଶେ ଡାକିଲା ।

'ସଙ୍ଗାତ ଖେଳିବା ଆସ' ଏହି ତିନୋଟି ପଦଯୁକ୍ତ ବାକ୍ୟଟିକୁ ନଣନ୍ଦ ଦୁହେଁ କିପରି ମନେ କଲେ, ତାହା ସେମାନଙ୍କର କଥାରୁ ଜଣା ପଡ଼େ । ଏହି ବାକ୍ୟଟି ଫୁଲ ମୁହଁରୁ ସମ୍ପୂର୍ଣ୍ଣ ରୂପେ ସରୁ ନ ସରୁଣୁ ବଡ଼ ନଣନ୍ଦ ଲାବଣ୍ୟବତୀ ଫୁଲକୁ ଚାହିଁ ଗର୍ଜି ଗର୍ଜି କହିଲା, "ଆଲୋ ଭିକାରି ଭୂତ ଯେତେହେଲେ ନୂଆ ବୋହୂଟେ ! ତୁ କଅଣ ଆମ ସଙ୍ଗେ ଖେଳିବୁ ମ । ଆମ ଗାଁକୁ ଯେତେ ଯେତେ ବୋହୂ ଆସିଥିଲେ ତୋ ପରି କେହି ଏଡ଼େ ହୁକୁମରେ ଆମକୁ ଖେଳିବାକୁ ଡାକି ନଥିଲେ । ଆମେ କଅଣ ତୋର

ବାପଘର ସାଙ୍ଗ ହେଉଛୁ ନା କଣ ? ତୁ ଯେତେବେଳେ ପହିଲି ପାଳି ବୋହୂ । ତୁ ପୁଣି ପହିଲିପାଳି ବୋହୂ ହୋଇ ଖେଳିବାକୁ ଡାକୁଛୁ । ମଲି, ଏତିକି ହୀଆ ନ ହୋଇଥିଲେ ବାଘ ହେବାର ଦିନ କେଉଁଠାରେ ବରକୁ ଖାଇଥାନ୍ତୁ । ତୋପରି ଝିଅଜଟି ପାଇ କରି କି ଶାନ୍ତି ? କିଶୋର ନନା ପରି ଭାଇକୁ କୁଆଡ଼େ ସାରି ଦେଇ ବସିଲୁ...” ଏହା କହିବାବେଳେ ଲାବଣ୍ୟବତୀଙ୍କ ଚକ୍ଷୁରୁ ଦୁଇ ଧାର ଅମୂଲ୍ୟ ଲୋତକ ଗଡ଼ି ପଡ଼ିଲା । ଭାଇଙ୍କ କଥା ଭାବି ସାନଭଉଣୀ ସେବତୀ ଲାବାନାଣୀ କାନ୍ଦରେ ଭାରି ଦୁଃଖିତା ହୋଇ, ଭାଉଜ ଉପରେ ସବୁ ରାଗର ପ୍ରତିଶୋଧ ନେବାକୁ ବିଳମ୍ବ କଲାନି । ଲାବାନାଣୀକୁ ସମ୍ବୋଧନ କରି କହି ପକେଇଲା, “ଦେ ତୁନିହୋ ଲୋ ଲବାନାଣୀ, ଆଉ କାନ୍ଦିଲେ କଅଣ କିଶୋର ନନା ଫେରି ଆସିବ ?” ନିଅଁ ସିଁଘର ଝିଅର ହାତ ଧରି ତ ଅଂଶ ଗୋଟେ ଚାଲିଗଲା । ଆଉ କହିଲେ କଅଣ ହେବ ? ସେଥିରେ ତ ଫୁଟି ଭାଉଜର ଏତେ କଥା ଯେ ଆମେ ସବୁ ତାକୁ ପସନ୍ଦ ହେଉନୁ । ନାପସନ୍ଦ ହେବାରୁ ସିନା ଏମିତି ଯେତେବେଳେ ଯାହା ତାହା କହି ଦେଉଅଛୁ । କି ବାଘକୁ ଦଗୋଡ଼େ ଅଲତାପରି ରଙ୍ଗଢଙ୍ଗ ଚାଲି ଚଲଣି ତାରି । ସେଥିରୁ କଅଣ ମିଳିବ । ତୁ ଯାଉଡ଼େ ଆ ଭାରି । ନଣନ୍ଦ ଦୁହେଁ ଚାଲିଗଲେ ।

ଫୁଲ ଥକା ହୋଇ ବସିପଡ଼ିଲା । ଭାବିଲା, ମୁଁ ସାଙ୍ଗସାଥୀ ହୋଇ ଚଳି ମନ କଷ୍ଟ ସବୁ ପାଶୋରି ଦେବି ଭାବି ଏମାନଙ୍କୁ ଖେଳିବାକୁ ଡାକୁଥିଲି । କିନ୍ତୁ ମୋର ଦୁଃଖ ଦୂର ହେବା ପଛକୁ ଥାଉ “ବେଙ୍ଗି ଉପରେ କୋରଡ଼ା ମାଡ଼ ପରି” ଦୁଇ ଭଉଣୀ କେତେଗୁଡ଼ିଏ ଅନର୍ଥକ କଥା କହି ମୋର ପ୍ରାଣକୁ ଅଥୟ କରିଦେଲେ । ସେମାନେ ଯାହା ସବୁ କହିଲେ ସେମାନଙ୍କ ମନକୁ କଅଣ ସତପରି ବୋଧ ହୋଇଥିବ ।

ନା ସେମାନେ ମିଛରେ ଏତେ କଥା ଶିଖି କରି କହିଲେ । ମୁଁ ବୁଝିପାରୁନି । କାରଣ ମୋର ସ୍ୱାମୀଙ୍କୁ (ଯେ କି ମୋର ଜୀବନର ଶ୍ରେଷ୍ଠ ସମ୍ପଦ ହୋଇଥାନ୍ତେ) ମୁଁ ଖାଇଗଲି, ଏହା କେବେ ସତ ହୋଇଥିବ ବୋଲି ବିଶ୍ୱାସ ହେଉନି । ଚନ୍ଦ୍ରସୂର୍ଯ୍ୟ ହୁଏତ ବିଶ୍ୱାସ କରି ପାରନ୍ତି । କିନ୍ତୁ ମୁଁ କେବେ ବିଶ୍ୱାସ କରି ପାରୁନି । ଏପରି ସ୍ଥଳେ ସେମାନେ କାହିଁକି ଏତେ କଥା କହିଲେ । ତାଙ୍କର କି ଅଧିକାର ଅଛି ଏପରି ଅନ୍ୟାୟ କଥା କହିବାରେ । ଏହି ନ୍ୟାୟ ଅନ୍ୟାୟର ଦଣ୍ଡ ବିଧାନ କରିବାକୁ କିଅଣ ନ ଥିବେ ଭଗବାନ୍; ନିଶ୍ଚେ ଥିବେ । ତେବେ ତାଙ୍କୁ ହିଁ ପ୍ରାର୍ଥନା କରୁଛି । ମୋର ଏଥିପାଇଁ ପ୍ରତିବାଦ କରିବା ବା କିଛି କହିବା କ୍ଷମତା ନାହିଁ । ସେମାନେ ତ ସବୁବେଳେ ଏମିତି ଟିକିଏ ଝିଣ୍ଣି ପଡ଼ିଲେ କେତେ କଥା କହୁଛନ୍ତି । ଭଗବାନଙ୍କ ଛଡ଼ା ମୋର ଆଉ ଅନ୍ୟ କେହି ସହାୟ ନାହିଁ ।

ଏହିପରି ଭାବି ଭାବି ଫୁଲ ମନକୁ ଭୁଲାଇବା ପାଇଁ ଖଣ୍ଡିଏ ବହି ଧରି ପଢ଼ି ବସିଲା । ସେ ବହିରୁ ଧାଡ଼ିଏ କି ଦିଧାଡ଼ି ପଢ଼ିଛି, ଚମକି ପଡ଼ି ବହିଟି ଲୁଚାଇ ଦେଲା । ତାର ମନେ ପଡ଼ିଗଲା ସେହିଦିନ କଥା ଯେଉଁଦିନ କି ତାକୁ ଶାଶୂ ଓ ଅନ୍ୟାନ୍ୟ ବୁଢ଼ି ତିନି ଜଣ ବୁଢ଼ା ବୁଢ଼ୀଙ୍କଠାରୁ ଶୁଣିବାକୁ ହୋଇଥିଲା, ବ୍ରାହ୍ମଣ ଘରେ ବୋହୂ ଗୁଡ଼ାକ କିଅଣ କିତାବ୍ ପଢ଼ିବେ ? ଏହି ଗୁଡ଼ାକ ଅମାନିଆ କଥା, ଛି, ଛି । ଏପରି ଆଉ କେତେ । ସେହି ଦିନରୁ କାହା ସାମନାରେ ଫୁଲର ବହିପଢ଼ା ବନ୍ଦ ହୋଇଛି । ଏଥିପାଇଁ ଫୁଲ ବହିଟି ବନ୍ଦ କରି ରଖିଦେଲା । ମନେ ମନେ କ୍ଷଣକପାଇଁ ଭାବିଲା, ଆଗେ ମନ ଖରାପ ହେଲେ ଟିକିଏ ଏଣୁ ତେଣୁ ବହି ପଢ଼ି ମନ ଭୁଲାଇବାର ସୁଯୋଗ ପାଉଥିଲା, ଏବେ ସେତକ

ଗଲା । ଯେଁ ପାଠ ପଢ଼ିଛୁ ସେ କେଉଁଠି ବହି ପଢ଼ିଲେ କି ବୋଲିଲେ ଦୋଷ ହୁଏ ବୋଲି ମୁଁ କାହିଁ ଶୁଣିନି କି ଜାଣିନି । ଆମ ଗାଁରେ ତ ଆଗେ ବାପା କେତେ କେତେ ଭଲ ବହି ଆଣି ପଢ଼ିବାକୁ ଦେଉଥିଲେ, ମନ ଭଲ ରହିବାକୁ । ଏଠି ଟିକିଏ କେତେବେଳେ ପଢ଼ିଦେଲେ ପୁଣି ଦୋଷ ହବ । ଏପରି ଚିନ୍ତା କରୁ କରୁ ଫୁଲର କେତେକ ସମୟ ଗୃଲିଗଲା । ସେ ଦେଖିଲା ତାର ନିତ୍ୟ କର୍ତ୍ତବ୍ୟ କାର୍ଯ୍ୟର ସମୟ ଗୃଲି ଯାଉଛି । ଏଣୁ ତରତର ହୋଇ କର୍ତ୍ତବ୍ୟ କାର୍ଯ୍ୟକୁ ଗୃଲିଗଲା ।

ଫୁଲ ସବୁ ଦୁଃଖ ଦୁଶ୍ଚିନ୍ତାକୁ ମନରୁ ତଡ଼ି ଶାଶୂ, ଶଶୁର ହେରକାଙ୍କ ମନ ନେଇ ଚଳିବାକୁ ଅକୁଣ୍ଠିତ ଚିତ୍ତରେ ପ୍ରାଣପଣେ ଚେଷ୍ଟା କଲା । କୁଆ କା ନ କରୁଣୁ ଉଠି ଅଧ ସୁଦ୍ଧା ଜୀବନ ପ୍ରାଣ ଦେଇ ଖଟିଲା । ଯେ ଯାହା ଫର୍ମାସ ମୁତାବକ କହିଲେ, ତାହା ସବୁ ଠିକ୍ ରୂପେ କରିବାକୁ ବାଧ ହେଲା । ଏ ସମସ୍ତର ବିଶେଷ କାରଣ ବାଞ୍ଛିତ ଆଦର ପାଇବା । କିନ୍ତୁ ସବୁ ହେଲା ବୃଥା । ଯେତେବେଳୁ ଫୁଲ ସମସ୍ତ ଆଦର ପାଇବାର ଭୂଷଣରୁ ବଞ୍ଚିତ ହୋଇଛି, ତେତେବେଳୁ ତାର ଆଦର ପାଇବା ଆଶା ଲୁଚିଯାଇଛି । ସେ ଯେତେ ଯାହା କଲେ "ଆଦର" ପଦଟି ପାଇ ପାରିଲା ନାହିଁ । ତାର ସମସ୍ତ ଚେଷ୍ଟା ବିଫଳ ହେଲା ।

ଦିନ ଯେତେ ଅତୀତ ହେଲା, ଏ ଘରେ ଫୁଲର ଦୁଃଖ ରୂପକ ବନ୍ୟା ତେତେ ଅଧିକ ହେବାକୁ ଲାଗିଲା । ବେଳୁ-ବେଳ ପ୍ରବଳ ବେଗରେ ଧାବମାନ ହୋଇ ସେହି ବେଗବତୀ ସ୍ରୋତରେ ଫୁଲର ପଞ୍ଚାତ୍ମାକୁ ଭସାଇ ଦେଲା । "ଯତ୍ନ କଲେ ରତ୍ନ ମିଳେ", ଏହା ଫୁଲ ପିଲାଦିନେ ବହିରେ ପଢ଼ିଥିଲା । ସୁତରାଂ

ସେ ବହୁତ ଯତ୍ନ କଲା, କେଜାଣି ତାକୁ ରତ୍ନ ମିଳିବ । କିନ୍ତୁ ତାର ଭାଗ୍ୟକୁ ଏହା ବି ଘଟିଲା ନାହିଁ । ସେ ବିପଦ ନଦୀରେ ଥଳକୂଳ ପାଇ ନ ପାରି ସେହି ଅଗାଧ ଜଳରେ ଭାସିବାକୁ ଲାଗିଲା ।

ଫୁଲ ଏତେ ଦୁଃଖୀ, ଆହା ! ସେ ପାଦେ ଚାଲିଗଲେ ପଦେ ଗଞ୍ଜଣା ବୋଲି ଶୁଣେ । ବୃଥାରେ କେତେ ଲୋକଙ୍କର ନିକଟରୁ ଭର୍ତ୍ସନା ଶୁଣିବାକୁ ଓ ଲାଞ୍ଛିତ ହେବାକୁ ପ୍ରସ୍ତୁତ ଥାଏ । ମାତ୍ର ପ୍ରକୃତରେ ତାର ହୃଦୟରେ ଏହା ସହ୍ୟ ହୁଏନି । ସେ ଏ ଆଖିର ଲୁହ ସେ ଆଖିରେ ଭରି ଶାଶୁଘର ନାମକ ବନ୍ଦୀ ଘରେ ଥାଏ । କାହା ନିକଟରେ ପଦେ ଦୁଃଖର ବିଷୟ କହି ମନ ମଧ୍ୟର କଣିକାଏ ଚିନ୍ତା କ୍ଲେଶକୁ ବିଦୂରିତ କରିବା କ୍ଷମତା ତାର ନାହିଁ କି ଏହା ମଧ୍ୟ ଶୁଣିବାକୁ କେହି ହେଲେ ଇଚ୍ଛୁକ ନୁହନ୍ତି । ଫୁଲ ମନୁଷ୍ୟ । ମନୁଷ୍ୟ ହୋଇ ମନୁଷ୍ୟଠାରେ ଏତେ ଅପ୍ରିୟ ହେବା ବୋଧେ ଦୁଃଖର ଶେଷ ସୀମା । ଏହି ଦୁଃଖର ଶେଷ ସୀମାରେ ଥାଇ ଫୁଲ ଜୀବନ୍ମୃତ ହୋଇଗଲା । ତାର ଶରୀରଟି ବେଳୁବେଳ କ୍ଷୀଣ ପ୍ରାପ୍ତ ହେବାରୁ ତାର ସେହି କମନୀୟ କାନ୍ତି ଦିନକୁ ଦିନ କେଉଁଆଡ଼େ ଉଭେଇ ଯିବାକୁ ଲାଗିଲା ।

## —ଆଠ—

ମନୁଷ୍ୟ ମାନେ ଆଶାର ଅଧୀନ । ସର୍ବଦା ଭବିଷ୍ୟତର ସୁଖ ଆଶା ମନମଧ୍ୟରେ ପୋଷଣ କରିବାପାଇଁ ମନୁଷ୍ୟ ଲାଳାୟିତ ହେଉଥାଏ । କିନ୍ତୁ ପ୍ରକୃତରେ ଆଶାଟି ଚରିତାର୍ଥ ହୋଇ ନ ପାରିଲେ, କି ଏକ ହା ହତାଶାରେ ମନପ୍ରାଣକୁ ବୁଡ଼ାଇବାକୁ ହୁଏ, ତାହା ଅନୁଭବୀ ମାନେ ବୁଝି ପାରିବେ । ଫୁଲ ଏହି ଏକମାତ୍ର ସୁଖାଶାର ଅଧୀନା । ତାର କ୍ଷୁଦ୍ର କୋମଳ ପ୍ରାଣଟି ପିଲାଦିନୁ କେତେବାର କେତେପ୍ରକାର ସୁଖକୁ ହୃଦୟରେ ସ୍ଥାନ ଦେଇଥିଲା ଓ ନିଷ୍ଟେ ଏହା ପାଇବାପାଇଁ କେତେଥର ଦିଅଁ ଦେବତାଙ୍କଠାରେ ମୁଣ୍ଡ ନୁଆଇଁ ଥିଲା । ଆଜି ହେଲେ ତା ସହିତ ଲେଶମାତ୍ର ସୁଖର ସମ୍ପର୍କ ନାହିଁ । ସୁଖ କିପରି ଓ କେଉଁଠାକୁ କହନ୍ତି, ତାହା ଜାଣିବା ମଧ୍ୟ ତା ପକ୍ଷେ କଠିନ । ଏଥିପାଇଁ ସେ ବର୍ତ୍ତମାନ ଦିଅଁ ଦେବତାଙ୍କୁ ବିଶ୍ୱାସକରି ପାରୁନି । ଆଉ ଏବେ ଯେ କୌଣସି କାରଣରୁ ଦୁଃଖ ହେଲେ ଅଧୀରାହେଲେ ସେଥିରୁ ରକ୍ଷା କରିବାକୁ କେଉଁ ଦେବତାଙ୍କୁ ଡାକୁନି । ସେ ତାର ମନର ସମସ୍ତ ଅଭିମାନ ଦିଅଁ ଦେବତାଙ୍କ ଉପରେ ଲଦି ଦେଇ ନିଶ୍ଚିନ୍ତ । ସେ ଯାହାହେଉ, ବର୍ତ୍ତମାନ ଫୁଲର ଗୋଟିଏ ଦିନର ଘଟଣାବଳୀ ସ୍ମରଣ କଲେ ଦେହ ରୋମାଞ୍ଚିତ ହେବ । ମନ ବିସ୍ମୟାନନ୍ଦରେ ପୂର୍ଣ୍ଣ ହୋଇ-

ଯିବ । କାରଣ ଏଇ ଘଣ୍ଟାଏ ଘଣ୍ଟାକରେ ନଶିଦ୍ଧ ଫୁଲର ଦାନାପାଣି ଅନ୍ୟନ୍ତ ଉଠିଯିବା ବିଳମ୍ବ ହେଲନାହିଁ । ତାକୁ କାଳର କରାଳ ସ୍ରୋତରେ ଏଠାରୁ ମଧ୍ୟ ତାଡ଼ିତ ହେବାକୁ ହେଲା ।

ଗତ ରାତ୍ରିର ନାନା ଚିନ୍ତାକୁ ହୃଦୟରେ ସ୍ଥାନ ଦେଇ ଫୁଲର ନିଦ୍ରାରେ ବ୍ୟାଘାତ ଘଟି ଥିଲା । ଏଣୁ ଆଜି ଭୋରରୁ ଉଠି ନ ପାରି ତାର ସମସ୍ତ କାର୍ଯ୍ୟରେ ବିଳମ୍ବ ଘଟିଛି । ସୁତରାଂ ବର୍ତ୍ତମାନ ଦିନ ସାତ ଘଣ୍ଟା, ପ୍ରାୟ ଏଗାରଟା ହେଲାଣି । କିନ୍ତୁ ଫୁଲର ରନ୍ଧା କାମ ସବୁ ସରିନାହିଁ । ଏଣେ ଶଙ୍କର, ଦେବଶଙ୍କରମାନେ ଗାଧୋଇ ଗଲେଣି । ସେମାନେ ଆସିବା ସମୟକୁ ରନ୍ଧା ସରିଥିବା ନିତାନ୍ତ ଦରକାର ! ଏଥିପାଇଁ ସେ ଅତ୍ୟନ୍ତ ଫୁର୍ତ୍ତିରେ କାମଦାମ ସବୁ କରୁଛି । ଏପରି ସମୟରେ ଚୁଲି ଉପରେ ହାଣ୍ଡିଟା ବସାଇଦେଇ ଦେଖିଲା ଯେ, ତା ନିକଟରେ ପାଣି ନାହିଁ । ତରି ତରି ହୋଇ ଗରା, ମାଠିଆ ସବୁ ଖୋଜି ପକାଇଲା । କେଉଁଥିରେ ମୁନ୍ଦା ପାଣି ନାହିଁ । ସବୁ ସରିଯାଇଛି । ଆଜିମଧ୍ୟ ତା ନିକଟରେ କେହି ହେଲେ ନାହିଁ ଯେ ମୁନ୍ଦେ ପାଣି ଆଣି ଦେବ । ପାଣି ନ ଆଣିଲେ ତ ଏକବାରେ ଅଚଳ । ସେ ଏଥିରେ କରେ କଣ, ବଡ଼ କଷ୍ଟ ଜଞ୍ଜାଳହୋଇ ଚୁଲି ଉପରୁ ହାଣ୍ଡିଟା ଓହ୍ଲାଇ ଦେଲା । ପାଣି ଆଣିବା ନିମିତ୍ତ ଗରାଟିଏ ଧରି କୂଅ ନିକଟକୁ ଗଲା । ଏଣେ ଚୁଲି ଜଳୁଛି ।

ମଫସଲ୍ ଜାଗା, ଜାଳମଧ୍ୟେ ଡାଳ, ପତ୍ର, ଭାଙ୍ଗି ଭୁଙ୍ଗି, ଏଇସବୁ । ରୋଷେଇ କରିବା ଜାଗାରେ କେତେଗୁଡ଼ାଏ ଏଣୁ ତେଣୁ ଅଳିଆ ଜାଳ କାନ୍ଥ ନିକଟକୁ ଜେରିହୋଇ ଥୁଆ ହୋଇଛି । ଫୁଲ ତାକୁ ସବୁ ସଜାଡ଼ି କରି ରଖି ଦେଇଛି ଜାଳିବା ସକାଶେ ।

ଯେତେବେଳେ ମନୁଷ୍ୟ ନିକଟକୁ ଦୁଃଖ ଦୁର୍ଦ୍ଦଶା ଆସେ, ସେତେବେଳେ ସେ ଏକା ଆସେ ନାହିଁ । ସାଙ୍ଗରେ କେତୋଟି ସାଙ୍ଗ ସାଥୀ ମଧ୍ୟ ଆଣିଥାଏ । ଗୋଟିକର ପାଳି ସରିଗଲେ ଅନ୍ୟଟି ଠିକ୍ ହୋଇ ପ୍ରସ୍ତୁତ ଥାଏ । ସୁଯୋଗ ପାଇ ଚାଲିଆସେ । ଫୁଲ ପାଣି ଆଣିବାକୁ ଯାଇଥିବା ସମୟରେ ଦୁଇଟା ବିଲେଇ କାମୁଡ଼ା କାମୁଡ଼ି ହୋଇ ଅଟୁଉପରୁ ଖସି ପଡିଲେ ଚୁଲିମୁଣ୍ଡରେ ଥିବା ସେଇ ଜାଳଉପରେ । ବିଲେଇ ଦୁଇଟା ଜାଳଉପରେ ପଡିଯିବାରୁ ଡେରିହୋଇଥିବା ଜାଳତକ ଖସିଗଲା ଓ ଚୁଲ୍ଲୀ ଦେହକୁ ଲାଗିଯାଇ ହଠାତ୍ ନିଆଁ ଧରିନେଲା । ଚାହୁଁ ଚାହୁଁ ମୁହୂର୍ତ୍ତିକ ମଧ୍ୟରେ ଜାଳଦ୍ୱାରା ଚାଳ ଉପରକୁ ନିଆଁ ଚାଲିଗଲା ଓ କ୍ରମେ କ୍ରମେ ଚାରିଆଡ଼କୁ ନିଆଁ ମାଡିଯାଇ ଘର ପୋଡିବାକୁ ଆରମ୍ଭ କଲା । ଏହିଯଣି ଘୋର ବିପଦ ।

ଏହି ସମୟରେ ଫୁଲ ପାଣି ଗରାଟା ଧରି ପହଞ୍ଚିଗଲା ଓ ତରତରରେ ରୋଷେଇ କରିବା ସକାଶେ ଚୁଲ୍ଲୀ ପାଖକୁ ଚାଲିଚଲା । ଚୁଲ୍ଲୀ ନିକଟରେ ପହଞ୍ଚି ହଠାତ୍ ଦେଖିଲା ଯେ ଘର ପୋଡିଯାଉଛି । ତାର ବୁଦ୍ଧି ହଜିଗଲା । ଏହି ଭୟାବହ ଘଟଣାରେ ତାର ଜ୍ଞାନ ଲୋପ ହୋଇଗଲା । 'ଘର ପୋଡିଯାଉଛି' ଏହା ସତ୍ୟ କି ସ୍ୱପ୍ନ ସେ କିଛି ଠିକ୍‌କରି ପାରିଲାନାହିଁ । ପାଟିକରି କାହାକୁ ଡାକିଦେବ ତା ବି ନୁହେଁ । କାରଣ ସେ ନୂଆବୋହୂ । କହିଲେ ଏକ ରକମର ଗୃହପାଳିତ ପଶୁ । ଏଣୁ ବଡ଼ପାଟି କରି ଡାକିବା କ୍ଷମତା ତାର ନାହିଁ । ଅତଏବ ଫୁଲ କଣ କରିବ କଣ ନ କରିବ କିଛି ଠିକ୍ କରି ନ ପାରି ଶେଷକୁ କେବଳ ଆଣିଥିବା ପାଣିଗରାକ (ଯେଉଁ ପାଣି ଆଣିବାକୁ ଯାଇ ଆଜି ଏ ବିପଦ) ମୁଠା ମୁଠାକରି ଚାଳ ଉପରକୁ ଛାଟିଲା ।

କି ଅସମ୍ଭବ ! ପର୍ବତ ପିଲାଙ୍କ ଠେକା ମାଡ଼ରେ ଭାଙ୍ଗିଯିବା କିମ୍ବା ନୀଳସମୁଦ୍ର ତାହାର ଉଦରୋତ୍ପନ୍ନ ବାଲୁକା ରାଶିରେ ପୋତି ହୋଇ ପଡ଼ିବା ଯଦିଚ କାହିଁଉ ସମ୍ଭବ ହୋଇ ପାରିବ, କିନ୍ତୁ ଅସହାୟା ଫୁଲର ମୁଠା ମୁଠା ପାଣି ଛିଟାରେ ସୁବୃହତ୍ ତୃଣ ଆବରଣ ଗୃହଟିରେ ଲାଗିଥିବା ଅଗ୍ନି ନିବର୍ତ୍ତିବା ସମ୍ଭବ ନୁହେଁ । ମାତ୍ର ଏଇ ଆକସ୍ମିକ ଦୁଃଖର ଉପସ୍ଥିତ ସମୟରେ ଫୁଲର ଏହି ବୁଦ୍ଧିଟି ପ୍ରକାଶ ପାଇଲା ଯେ ସେ ଗରାକ ପାଣି ଘଟି ଘଟି ନିଆଁ ଲିଭାଇ ପାରିବ । ତାର ସେହି ବୁଦ୍ଧିଟି ସୁବୁଦ୍ଧି କମ୍ବା କୁବୁଦ୍ଧି ଯାହା ହେଉ, ଏହା ତାହା ପକ୍ଷରେ ଶ୍ରେୟସ୍କର । କି ଆପଦଜନକ ବିଷୟ ।

ସ୍ତ୍ରୀଲୋକମାନଙ୍କର ପ୍ରଧାନ କର୍ତ୍ତବ୍ୟ ନିଜର କ୍ଷୁଦ୍ର ସଂସାରଟିକୁ ଦାୟିତ୍ୱପୂର୍ଣ୍ଣ ମନେକରି ସର୍ବଦା ଏହାର ସୁପରିଚାଳନା କରିବାରେ ଯତ୍ନବାନ ହେବା । କିନ୍ତୁ ଏପରି ସଦ୍‌ଗୁଣସମ୍ପନ୍ନା କେତେ ଜଣ ଥାଆନ୍ତି ? ଅଧିକାଂଶ ଦେଖିବାକୁ ଗଲେ ଗୃହକର ପୁତ୍ତଳି ଅଛନ୍ତି ବା ବାବୁଆଣୀମାନେ ନିଶ୍ଚିନ୍ତ । ଏପରିକି ନିଜ ସନ୍ତାନସନ୍ତତି ଓ ପରିବାରର ଖାଦ୍ୟପେୟ ବିଷୟରେ ସୁବିଧା, ଅସୁବିଧା ପର୍ଯ୍ୟନ୍ତ ଦେଖିବାକୁ ଇଚ୍ଛୁକ ନୁହନ୍ତି । ଏଣେ ସାନ୍ତାଣୀଙ୍କଠାରୁ ମୂଲିଆଣୀ ପର୍ଯ୍ୟନ୍ତ ତାଙ୍କ ଘରେ ଗୋଟିଏ ବୋହୂ ଭୁଆସୁଣୀ ଥିଲେ ସେମାନଙ୍କର ଆଉ ଚିନ୍ତା ନାହିଁକି ଧୋକା ନାହିଁ । ଘରର ସବୁ କାମଦାମ ଭାର ତାଙ୍କ ଉପରେ । ବିଶେଷତଃ ବୋହୂ ଉପରେ । ଫୁଲ୍ ଘରର ବୋହୂ । ସୁତରାଂ ତା ଉପରେ ଘରର କାମଦାମ ନେଇ ହାନିଲାଭର ଭାର ଲଦିଦେଇ ଶାଶୁ, ଜାଆମାନେ ନିଶ୍ଚିନ୍ତ । ଚିନ୍ତାଶୂନ୍ୟ ହେଲେ ମନୁଷ୍ୟ ମନରେ କେତେ ପ୍ରକାର

ଆମୋଦ ପ୍ରମୋଦ କରବାକୁ ଇଚ୍ଛା ହେବାର ସ୍ୱାଭାବିକ । ଅତଏବ ଫୁଲର ଜାଆ, ନଣନ୍ଦ ମିଳି ଉପର ସାହାଲିରେ ଆମୋଦପ୍ରମୋଦ ଅଭିଳାଷପୂର୍ଣ୍ଣ ସକାଶେ ତାସ ଖେଳରେ ମାତିଛନ୍ତି । ଶଙ୍କର ହେରିକା ଗାଧୋଇ ଯାଇଥିବା ହେତୁ ସମସ୍ତଙ୍କ ଅଜ୍ଞାତରେ ଘରର ପଛପଟୁ ନିଆଁଲାଗି ବନାବାଧାରେ ପୋଡ଼ିବାକୁ ଲାଗିଲା । ଗୁହୁଁ ଗୁହୁଁ ତଳ ସାହାଲି ପୋଡ଼ିଯାଇ ତା ପାଖକୁ ଥିବା ପଣ୍ଡଶାଘରକୁ ନିଆଁ ଗୁଳିଗଲା । ଏତେବେଳକୁ ସମସ୍ତେ ଜାଣିଲେ ଯେ, ତ୍ରିପାଠୀଙ୍କ ଘରୁ ନିଆଁ ଲାଗି ଗାଁ ପୋଡ଼ିବାକୁ ବସିଛି । ହଠାତ୍ ଆକସ୍ମିକ ଦୁର୍ଘଟଣା ଦେଖି ଲୋକମାନେ ସବୁ ଦୌଡ଼ି ଆସିଲେ ଓ ଉଦ୍‌ବିଗ୍ନ ହୋଇ ଘରଗୁଡ଼ିକ ରକ୍ଷା କରିବାକୁ ନିଆଁ ଲିଭାଇବାରେ ତତ୍ପର ହୋଇ ପଡ଼ିଲେ ।

ଏ ମଧ୍ୟରେ ଫୁଲର ଶଙ୍କର, ଦେଢ଼ଶୁର ଗାଧୋଇ ଆସି ଦେଖିଲେ ଯେ, ଗାଁରେ ଭାରି ଗଣ୍ଡଗୋଳ ଲାଗିଛି । ଲୋକେ ସବୁ ଦୌଡ଼ାଦୌଡ଼ି କରି ମାଡ଼ି ଆସୁଛନ୍ତି । ଏହାର କାରଣ ବୁଝିବାକୁ ତାଙ୍କୁ ବିଳମ୍ବ ହେଲାନାହିଁ । ଅବିଳମ୍ବେ ଦେଖିଲେ ଗାଁରେ କେତୋଟି ଘରେ ନିଆଁ ଲାଗି ଜଳିଯାଉଛି । ତନ୍ମଧ୍ୟରେ ନିଜର ଘରକୁ ଅଗ୍ନିମୁଖରେ ଦେଖି ସେମାନେ ଅବାକ୍ ହୋଇଗଲେ ଓ ଘରର ପରିବାରମାନେ କଣ କରୁଛନ୍ତି ଦେଖିବାକୁ ଶୀଘ୍ର ଘରକୁ ଦୌଡ଼ି ଆସିଲେ । ଦେଖିଲାବେଳକୁ ଘରର ଗୋଟିଏ ପାଖ ଅଗ୍ନିରେ ଭସ୍ମୀଭୂତ ହୋଇ ଗଲାଣି । ଲୋକମାନଙ୍କ ଯତ୍ନରେ ଅଗ୍ନି ନିବର୍ତ୍ତି ଗଲାଣି । ବାହାର ଖଳାରେ ଘରର ସ୍ତ୍ରୀଲୋକମାନେ ଜମାହୋଇ ବିକଳ ବିକଳ ହୋଇ କଣ ଏଣୁ ତେଣୁ ଗୁଡ଼େ ବକୁଛନ୍ତି ଓ ଥରେ ଥରେ ଢେଢେ ଦିଅଁ ଦେବତାଙ୍କୁ ବିକଳରେ

ନେହୁରା ହେଉଛନ୍ତି । ଏହା ଦେଖି ସେମାନେ ନିଆଁ ଲିଭାଇବାକୁ ବାହାରି ପଡ଼ିଲେ । କିଛିକ୍ଷଣ ପରେ ସମସ୍ତଙ୍କ ଯତ୍ନରେ ନିଆଁ ଲିଭିଗଲା । କେତେଟା ଘର ପୋଡ଼ିଯିବାରୁ ଅଗ୍ନି ଦେବତା ସନ୍ତୁଷ୍ଟ ହୋଇ ଚାଲିଗଲେ ।

ଅଗ୍ନି ଲିଭିଯିବାରୁ ପୋଡ଼ିଯାଇଥିବା ସମସ୍ତ ଘରର ଉତ୍ତାପ କ୍ରମେ କମିଗଲା ସତ, କିନ୍ତୁ ଫୁଲ୍ ଶାଶୁ ଘରର ଉତ୍ତାପ କମିଲା ନାହିଁ । ବରଂ ବେଶୀ ବେଶୀ ବଢ଼ିବାକୁ ଲାଗିଲା । କାରଣ ଫୁଲ୍ ଏ ସମସ୍ତ କାର୍ଯ୍ୟର ମୂଳ । ସେ ହିଂସାରେ ଏ ଘରେ ନିଆଁ ଲଗାଇ ସମସ୍ତଙ୍କୁ ହଟହଟାରେ ପକାଇବାକୁ ଏପରି କାଣ୍ଡ କରିଅଛି । ଏହା ଧାରଣା ଘରର ସମସ୍ତଙ୍କ ମନରେ ଦୃଢ଼ୀଭୂତ ହୋଇଛି । ସୁତରାଂ ସମସ୍ତଙ୍କ କୋପ ଦୃଷ୍ଟି ସମକ୍ଷରେ ଫୁଲ୍ ଦଣ୍ଡାୟମାନା ହୋଇ ନୀରବରେ କେତେ ଭର୍ତ୍ସନା କେତେ ଗାଳି ସହି ଯାଉଛି । ଏହିପରି କେତେ ସମୟ ଗତ ହେଲା, କିନ୍ତୁ ଫୁଲର ଗାଳି ମନ୍ଦ ଶୁଣିବା ବନ୍ଦ ହେଲାନାହିଁ । କିଛି କହିବାକୁ ମଧ୍ୟ ତାର କ୍ଷମତା ନାହିଁ । ଏପରି ଅବସ୍ଥାରେ ସେ ବାରି ଅଡ଼ିକୁ ଯାଇ ମନ ଭୁଲାଇବାକୁ ଇଚ୍ଛାକରି ଶାଶୁ, ଜାଆମାନଙ୍କ ଚକ୍ଷୁର ଅନ୍ତରାଳକୁ ଚାଲି ଆସିଲା ଓ ନୀରବରେ ଅଶ୍ରୁବର୍ଷଣ କରି ଦୁଃଖ ଭାର ଲାଘବ କରିବାକୁ ଲାଗିଲା । ଏହା ଦେଖି ମା' ତୁଲ୍ୟ ଯେ ଶାଶୁ, ସେ ସହି ପାରିଲେ ନାହିଁ । ଘରର ଅମଙ୍ଗଳ ହେବ ଭାବି କହି ପକାଇଲେ, "ଆଲୋ, ଅଇଁଠା ଗୋଟେଇ ଘର ଝିଅ, ସବୁ ତ ସାରିଲୁ । ଆଉ ଲୁହକୁ ଭୂଇଁରେ ପକାଉଛୁ କାହିଁକି ? କଣ ଏ ମାଟିର ନାଁ ରଖିବୁ ନାହିଁ ? ତୋ ବଡ ପଣ ନେଇ ତୁ ଚାଲିଯା । ମୋର ଦରକାର ନାହିଁ । ଯାହା

କହନ୍ତି "ପାଦକେ ଶିରୀ, ପାଦକେ ହତଶିରୀ" ସେଇଆ । ଏଡ଼କି କୁଳାଙ୍ଗାରୀ ଝିଅ ହେ, ବାଣ୍ଡହେବା ନାଁ ପଡ଼ୁ ପଡ଼ୁ ଏ ଘରର ଶିରୀ ଗଲା । ବରକୁ ଖାଇଲା, ଘରକୁ ଖାଇଲା ତେବେ ସୁଦ୍ଧା ମନରେ ଶାନ୍ତି ନାହିଁ । ଏମିତି ଅଲକ୍ଷଣୀ ଥାଇ କଣ ହେବ ? କୂଳରେ ପାଣି ଗଡ଼ାଇବ ପରା ? ଆଜି ଏ ଘରୁ ଛୁ ଯା । ଏମିତି ସର୍ବଖାଇ ଅମଙ୍ଗୁଳୀକୁ ରଖି ଆଉ ମଙ୍ଗଳ ନାହିଁ ।—"ଯା ଲୋ ଅମଙ୍ଗଳି ଯା—"

## —ନଅ—

**ଯେ**ତେବେଳେ ଫୁଲର ପୂଜନୀୟା ଶାଶୂ ଗଳାରେ ହସ୍ତ ଦେଇ ବଳପୂର୍ବକ "ଯାଲୋ ଅମଙ୍ଗୁଳିଯା" କହି ବାରଅଣ୍ଡକୁ ଉଡ଼ି ଦେଇ କବାଟ ଘଞ୍ଚାଇ ଦେଲେ । ସେତେବେଳେ ଅଶ୍ରୁପୂର୍ଣ୍ଣନୟା ଶକ୍ତିହୀନା ଅନାଥା ଫୁଲ ଭୟାର୍ତ୍ତ ଓ ଶୋକାର୍ତ୍ତ ହୃଦୟରେ ଉକ୍ତ ବାରଅଣ୍ଡ ସବୁ ପିଣ୍ଡାଟିରେ ବସି ପଡ଼ିଲା । ସେ କ'ଣ ଭାବି ଏ ଦୁଃଖକୁ ମନ ମଧ୍ୟରୁ ପୋଛି ଦେବ କିଛି ଠିକ୍ କରି ପାରିଲା-ନାହିଁ । ତାର ମୁଣ୍ଡ ଝାଇଁ ଝାଇଁ ହୋଇଗଲା । ଆଖି ସାମନାରେ ସମସ୍ତ ଅନ୍ଧକାର ଦେଖାଗଲା । ସେ ଭ୍ରାନ୍ତମନା ହୋଇ ଭାବିଲା "ହାୟରେ ଜଗତ ! ମୁଁ ବିଧବା ସତ୍ୟ, କିନ୍ତୁ ମନୁଷ୍ୟ ମୁଁ, କେତେ ସହିବି । କର୍ମ ମୋରରେ, ତୁ ପୋଡ଼ା ହେଲୁ ବୋଲି ମୁଁ କଣ ଏତେ ଲୋକଙ୍କଠାରୁ ଏତେ କଷ୍ଟ ଏତେ ଯନ୍ତ୍ରଣା ସହିବାକୁ ବାଧ୍ୟ । ମନୁଷ୍ୟ ଫେରେ ଏତେ ଅବୁଝା । କହିଲେ କଥା ପଦେ ମଧ୍ୟ ବୁଝିବେ ନାହିଁ । ସବୁ ଦୋଷ ବୋହୂର । ସେ ଦୋଷୀ ହେଲେ ଯାହା ନ ହେଲେ ମଧ୍ୟ ତାହା । ଏ ବୁଝାମଣା ଏହି ଜଗତରେ କାହିଁକି ଅଛି ? ଭାବୁଛି ବିଧବାର (ଯେଉଁ ପାପର ଦଣ୍ଡ ହେଉଛି ବିଧବା) ପ୍ରାୟଶ୍ଚିତ୍ତ ପାଇଁ ଏ ଅବୁଝା ଶକ୍ତି ଭଗବାନ ମନୁଷ୍ୟଙ୍କ ନିକଟରେ ଦେଇ-ଥାନ୍ତି । ତେବେ ମୁଁ ବିଧବା । ଏହା ସହିବାକୁ ବାଧ୍ୟ ! ହାୟରେ !"

ବେଳ ଚାଲିଗଲା, ଫୁଲର ଦୁଃଖକୁ ଟିକିଏ ହେଲେ ଅପେକ୍ଷା କଲାନାହିଁ । ଗାଁଟିରେ ଘରେ ଘରେ ସଞ୍ଜବତୀ ଜଳି ଉଠିଲା । ଗାଁମୁଣ୍ଡରେ ମହାଦେବଙ୍କ ଦେଉଳରେ ଆରତି ଘଣ୍ଟା ବାଜି ଉଠିଲା ଠ—ଠଂ—ଠଂ— । ଫୁଲ ଆଜି ଦିବସର ସମସ୍ତ ଘଟଣାକୁ ଗୋଟି ଗୋଟି ଭାବି ମନମଧ୍ୟରେ କେତେ ଚିନ୍ତା କରୁ-ଥିବା ବେଳେ ଦେଉଳର ଘଣ୍ଟା ଧ୍ୱନି ଶୁଣି ପାରିଲା । ଏତେ ବେଳେ ତାର ହୃଦୟ ନୈରାଶ୍ୟ ଅନ୍ଧକାରରେ ବୁଡ଼ିଗଲା ।

ଛଳ ଛଳ ଲୋତକପୂର୍ଣ୍ଣ ଚକ୍ଷୁରେ ସେ ଦେଖି ପକାଇଲା, ସମ୍ମୁଖରେ ଥିବା ବୃକ୍ଷଲତା ଶୋଭିତ ନିର୍ଜନ ବାରିଅଡ଼ଟି । ଫୁଲ ଯେଉଁ ସମୟରେ ଏହି ଜନଶୂନ୍ୟ ନିସ୍ତବ୍ଧ ବାରିଅଡ଼କୁ ମନପ୍ରାଣ ଦେଇ ଦେଖିଲା, ସେତେବେଳେ ତାର ପ୍ରାଣଟି ଥରି ଉଠିଲା । ସେ ଭୟରେ ଓ ଦୁଃଖରେ ଅଧୀର ହୋଇ କାନ୍ଦି କାନ୍ଦି କହି ପକାଇଲା, "ବୋଉଲୋ, ତୁ କେଉଁଠି ଅଛୁ ? ମୁଁ ଏତେ ଦୁଃଖରେ ଏହି ଅନ୍ଧାର ବାରିଅଡ଼ରେ ଏକା ହୋଇ ବସି କାନ୍ଦୁଛି । ତତେ ଏହା କଅଣ ସତରେ ଦେଖା ଯାଉନାହିଁ । ତୁ ପ୍ରକୃତରେ ଏଡ଼େ ନିଷ୍ଠୁର ବୋଲି ମୁଁ ଭାବି ନ ଥିଲି । ମୁଁ ମନେ କରିଥିଲି ବୋଉ ମତେ ଯେମିତି ଗୋଲାପ ଫୁଲ ବୋଲି କଅଲେଇଁ କଅଲେଇଁ ଡାକୁଛି, ସେମିତି ସବୁ ଦିନେ ଡାକିବ । ମୋର ସୁଖର ଦିନ ବେଳକୁବେଳ ଉଜ୍ଜ୍ୱଳି ଉଠିବ । କିନ୍ତୁ ଆଜି ଏ କଅଣ ? ମୁଁ ଭୟରେ ଥରି ଥରି ଏତେ କଷ୍ଟରେ କାନ୍ଦୁଛି, ହେଲେ ମୋର 'ମାଲୋ' ଏହି ପଦଟି ଶୁଣୁନାହୁଁ କାହିଁକି ? ଯାହା ହେଉ ବୋଉ, ମୁଁ ଶେଷଥର ମୋର ବୁଦ୍ଧିରେ କହୁଛି, ତୁ ମତେ 'ମାଲୋ' କହି ଶୁଣାଇପକା, ତା ନ ହେଲେ ଏଇ ଦେଖ, ବହି ଯାଉଥିବା ନଈଟିରେ ଡେଇଁପଡ଼ି ତୋର ଆଶ୍ରୟ ନେବି । "ବୋଉଲୋ ।" ଫୁଲ ଠିକ ଏହା କହିବା

ପରେ ତାର ମନରେ ଏହି ଭାବ ଜାଗ୍ରତ ହେଲା । ତାକୁ ଜଣାଗଲା ଯେମିତ ନିଜେ କୁନ୍ତଳା ଦେବୀ କହୁଛନ୍ତି, "ମୋ ଫୁଲ, ତୋର ଏ କି ମନ୍ଦବୁଦ୍ଧି ? ଏ ଯେ ଆତ୍ମହତ୍ୟା । ଏହାର ମୁକ୍ତି ନାହିଁ । ନା, ନା, ଦୁଃଖ ଧକ୍କାରେ ତୁ ଏ ମନ୍ଦକାର୍ଯ୍ୟ କରନାହିଁ । ତୋର ଅନ୍ତରେ ସୁଖ ଆସିବ ।"

ଫୁଲକୁ ଏହା ପ୍ରକୃତ ପରି ପ୍ରତୀୟମାନ ହେଲା । ସେ ହୃଦୟରେ ଦମ୍ଭ ପାଇଲା; ମନରେ ସାହସ ପାଇ ଆତ୍ମହତ୍ୟା-ସ୍ୱରୂପ ମହାପାପ କାର୍ଯ୍ୟରୁ ବିରତ ହୋଇ ଭଗବାନଙ୍କୁ ଡାକିବାକୁ ଲାଗିଲା ।

ଏହିପରି ଦୁଃସହ ଯାତନାରେ ପଡ଼ି ରହି ଫୁଲର ସମସ୍ତ ଦିନ ଗତ ହୋଇ ସନ୍ଧ୍ୟା ସମୟ ଚାଲିଗଲା । ଚାହିଁ ଚାହିଁ ଦୁଃଖର ରାତ୍ରି ମାଡ଼ି ଆସିଲା । ତେବେ ସୁଦ୍ଧା ଫୁଲକୁ ଆଉ ଆଖିରେ କେହି ଚାହିଁଲେ ନାହିଁ, କି ପଦେ କଥା ବି କହିଲେ ନାହିଁ ।

ଘଡ଼ିଏ ଗଲା, ଦିଘଡ଼ି ଗଲା, ପହରେ ପାଞ୍ଚଘଡ଼ି ମଧ୍ୟ ଗଲା । କିନ୍ତୁ ଫୁଲ ଯେଉଁ ଅବସ୍ଥାରେ ଥିଲା, ସେହିପରି ଅବସ୍ଥାରେ ପଡ଼ି ରହିଲା । ଯେତେବେଳେ ରାତ୍ରି ଅଧ ସୁଦ୍ଧା ତାର ଅବସ୍ଥାର କୌଣସି ପରିବର୍ତ୍ତନ ହେଲା ନାହିଁ, ସେତେବେଳେ ସେ ଜାଣିଲା ଯେ ସେହି ମୁହୂର୍ତ୍ତଠାରୁ ସେଠାରୁ ତାକୁ ବିଦାୟ ନେବାକୁ ହେବ । ସେ ଘରେ ଆଉ ତାର ସ୍ଥାନ ନାହିଁ । ଏହା ସ୍ମରଣ କରି ସେ ଅବସନ୍ନ ହୋଇ ପଡ଼ିଲା ଓ ତାର ସର୍ବାଙ୍ଗ କାତରତାରେ ଅସ୍ଥିର ହୋଇଗଲା । ଏହି ସମୟରେ ଫୁଲ ମନେ କଲା, ଆତ୍ମହତ୍ୟା କରିବା ପାପ । ଏଥିପାଇଁ ମୁଁ ସେଥିରୁ କ୍ଷାନ୍ତ ହେଲି । କିନ୍ତୁ ଭବିଷ୍ୟତ ଯଦି ଏହି ରାତି ଅର୍ଦ୍ଧ ସମୟରେ ଏହି ପଡ଼ିଆରେ କେହି

ଭୂତ, ପ୍ରେତ କମ୍ବା ଡାହାଣୀ ଶରଗୁଣୀ ବୁଲ୍ ବୁଲ୍ ମୋତେ ଶେଷ କରନ୍ତୁ, ତେବେ ମୁଁ ବାହ ପାଇଯାନ୍ତି । ଏହା ଭାବି ନିକଟରେ ମୃତ୍ୟୁର ଅପେକ୍ଷାରେ ବସି ରହିଲା । ହେଲେ ଫୁଲର ଭାଗ୍ୟକୁ କେହି ଡାହାଣୀ ଶରଗୁଣୀ ଆସିଲେ ନାହିଁ । ସେ ମନେ ମନେ କହିଲା, "ମୋ ପରି ହତଭାଗୀକୁ ଫେର୍ ଡାହାଣୀ ଛୁଇଁବ ।"

ରାତି ଦି ପହରରୁ ଢଳିଗଲା । ଫୁଲ୍ ଆଖିକୁ ନିଦ ନାହିଁ କି ତାକୁ ଡର ମଧ୍ୟ ଲାଗୁ ନାହିଁ । ଏକୁଟିଆଟି ଅନ୍ଧାରିଆ ବାଡ଼ି ଆଡ଼ିଟିରେ ବସି ରହିଛି । କେତେବେଳେ ସାପଟେ କି ବେଙ୍ଗଟେ ପତ୍ର ଖଡ଼ ଖଡ଼ କରି ଚାଲିଗଲେ ସେ ମନେ ମନେ ଭାବୁଛି, ଏଇ ଡାହାଣୀ କି ଭୂତ କିଏ ଆସିଲା ପରି । ମାତ୍ର ତାର ଭାଗ୍ୟକୁ କିଛି ଘଟିଲା ନାହିଁ । ଶେଷକୁ କାନ୍ଦି କାନ୍ଦି ଆଖି ଦିଓଟି ଫୁଲିଗଲା । ଏଣେ ଗାଳି ଗଞ୍ଜଣା ଶୁଣି କାନ ବଧିର ଓ ଛାତି ପଥର ହୋଇଥିଲା । ଅଧୁର ବୋଝ ଉପରକୁ ନଳିତା ବିଡ଼ା ପରି ଅନ୍ଧାରିଆ ବାଡ଼ିଆଡ଼େ ଏକାକିନୀ ରହି ରହି ତାର ମନ ପ୍ରାଣ ପୋଡ଼ି ଜଳିଗଲା । ତା' ପରେ ଅପମାନରେ ହୃଦୟ କମ୍ପି ଉଠିଲା । ସୁତରାଂ ଫୁଲ୍ ସେ ସମସ୍ତର ଉପଦ୍ରବ ସହି ନ ପାରି ଭଗବାନଙ୍କ ନିକଟରେ ଗୁହାରି କରି ଓ ତାଙ୍କୁଇ ସାକ୍ଷୀ ରଖି, ସେହି ସବୁ ପିଣ୍ଡାଟିରୁ ବାହାରି ପଡ଼ିଲା ।

× × × ×

ଫୁଲ୍ ଯେତେବେଳେ ଘରୁ ବାହାରି ଚାଲି ଆସିଲା, ସେତେବେଳେ ରାତି ପାହିବାକୁ ଆଉ କେତେ ସମୟ ବାକି ଥାଏ । ବର୍ତ୍ତମାନ ସେ ଯେ କୁଆଡ଼େ ଯାଉଛି ଓ କାହିଁକି ଯାଉଛି, ତାକୁ ଜଣାନାହିଁ । କିନ୍ତୁ ଦୁଃଖ ତା ପକ୍ଷେ ଏକବାର ଅସହ୍ୟ ହେବାରୁ

ସେ ଈଶ୍ବରଙ୍କ ସାକ୍ଷୀ ରଖି କୁଆଡ଼େ ଚାଲିଯାଉଛି, ଏତିକି ମାତ୍ର ଜାଣିଛି ।

ଫୁଲ କେତେକ ବାଟ ଚାଲିଯିବା ପରେ ତାର ମନେ ହେଲା ମୁଁ କୁଆଡ଼େ ଯାଉଛି ଓ କେଉଁଠାକୁ ଯିବ । କିନ୍ତୁ ସେ କିଛି ଠିକ୍ କରି ନ ପାରି ଭାବିଲା, ଭଗବାନ ମତେ ଯେଉଁଠାକୁ ନେବେ ମୁଁ ସେହିଠାକୁ ଯିବ । ଏଥିପାଇଁ ମୋର ଚିନ୍ତା କରିବା ଦରକାର ନାହିଁ । ଏହା ଭାବି ଭୟରେ ଥରୁଥିବା ତାର ପାଦ ଦୁଇଟାକୁ ସେ ବଳେ ବଳେ ଚଳାଇବାକୁ ଲାଗିଲା ।

ଫୁଲର ଶାଶୁ ଘରଠାରୁ ବାପ ଘର ବେଶୀ ଗୁଡ଼େ ବାଟ ନୁହେଁ । ବାପା ଦେଖି ଚାହିଁ ବାଟ କଆସିକେ ଝିଅକୁ ଦେଇଥିଲେ । ଖୁବ୍ ବେଶୀ ହେଲେ କୋଶେ କି ପାଞ୍ଚ ପା ହେବ । ଫୁଲକୁ ଏ ବାଟ ଅଜଣା ଅଛପା ନ ଥିଲା ସତ; କିନ୍ତୁ ସେ ବର୍ତ୍ତମାନ ପରି ସମୟରେ ଏକ ପ୍ରକାର ପାଗଳ ହୋଇଅଛି । ବାଘୁଣୀ ପରି ଯେଉଁଆଡ଼େ ଗୋଡ଼ ଦୁଇଟା ନେଇ ଯାଉଛି, ସେଇଆଡ଼େ ଏକ ମୁହାଁ ହୋଇ ଚାଲିଛି । ଏଇଲାଏ ତାର କଣ୍ଟା ଝଂଟା କି ସାପ ବେଙ୍ଗକୁ ଡର ନାହିଁ । ଡାହାଣୀ ଚିରୁଗୁଣୀଙ୍କ ଭୟ ତାର ହୃଦୟରେ ପ୍ରବେଶ କରୁନି କିମ୍ବା ସ୍ତ୍ରୀ ଲୋକର ଅନ୍ଧାର ବାଟରେ ଏକାକୀ ଯିବା ଆପଦଜନକ ବୋଲି ମନେ ହେଉ ନାହିଁ । ଏକମାତ୍ର (ତୋର ଅନ୍ତରେ ସୁଖ ଆସିବ) ଏହି କେତେ ଗୁଡ଼ାଏ ପଦକୁ ଧ୍ୟାନ କରି ଗୋଟିଏ ଲୟରେ ଚାଲି ଯାଉଛି ।

ଘଣ୍ଟେ କି ଦେଢ଼ ଘଣ୍ଟା ବାଦ କେତେ କେତେ ହୁଙ୍କା ବାଡ଼ ଡେଇଁ ଆସିବା ପରେ ଗୋଟିଏ ଅଧାଭଙ୍ଗା ଦେଉଳ ଫୁଲକୁ ଦେଖି ପାରିଲା । ଯେତେବେଳେ ସେ ଏହି ଭଙ୍ଗା ଦେଉଳକୁ ଦେଖିଲା, ତାର ମନରେ ଟିକିଏ ସାହସ ସଞ୍ଚାର ହେଲା । ଏବେ

ସେ ଗୋଟିଏ ଦୀର୍ଘ ନିଶ୍ୱାସ ପକାଇ ପୂର୍ବ ପରିଚିତ ପୁରାତନ ମନ୍ଦିର ନିକଟକୁ ଧୀରେ ଧୀରେ ଯାଇ ସେହି ଦେଉଳର ନିକଟରେ ଥିବା ବୃହତ ବଟବୃକ୍ଷ ମୂଳରେ ବସି ପଡ଼ିଲା । କିନ୍ତୁ ଏ କଣ ? ଫୁଲ ସେହି ବୁଢ଼ା ବରଗଛ ମୂଳେ ବସି ପଡ଼ି ତାର କାନ୍ଦର ଲହରିଟି ଫିଟାଇ ଦେଲା କାହିଁକି ? କାରଣ ଏଇଥି, ଫୁଲ ପିଲାଦିନ କଥା ତଳ ବସି ଯାଇ ମନେ କଲା । ଆଗେ ଏହି ବୁଢ଼ା ବରଗଛ ମୂଳରେ ମୁଁ, ସଙ୍ଗୀତ, ବଉଳ, ମଲ୍ଲୀ, ଅଶୋକ, ଅପର୍ଣ୍ଣା, ଏମିତି ଆଉ ଯେତେ ସାଙ୍ଗ ସମସ୍ତେ ସାଥୀ ହୋଇ ଖେଳୁଥିଲୁଁ, ଯେତେବେଳେ ଏ ବରଗଛ ପାଖେ ଖେଳିବାକୁ ଆସୁଥିଲୁ ସମସ୍ତେ ସାଙ୍ଗ ହୋଇ ଦଶ ପାଞ୍ଚଜଣ ନ ହେଲେ ଆମୁ ନ ଥିଲୁ । କାହିଁକିନା ଏଠାକୁ ଏକା ହୋଇ ଆସିଲେ ଭାରି ଡର ମାଡ଼େ । ଏଇଥିପାଇଁ କେହିତ କେବେ ଏକାକୀ ଆସନ୍ତି । ମୁଁ ଆଗେ ଏଠାକୁ ଆସିବାକୁ ଭାରି ଡରୁଥିଲି । ଏଇଠା ଖୁବ ବଡ଼ ଗଛ, ଆଉ ଭଙ୍ଗା ଦେଉଳଟା ଏହା ପାଖରେ ଥିବାରୁ ମତେ ଖାଁ, ଖାଁ ଲାଗି ଭାରି ଡର ମାଡ଼େ । କିନ୍ତୁ ଏବେ ଡର କୁଆଡ଼େ ଯାଇଛି ? ଭଗବାନ ସେହି ଦିନ ସାଙ୍ଗେ ଏହି ଦିନର କେତେ ତଫାତ୍ କରିଛନ୍ତି ମୋର ଭାଗ୍ୟକୁ । ଆଜି ସଙ୍ଗୀତ, ବଉଳ କେଉଁଠି ଅଛନ୍ତି । ହେଲେ ମୁଁ ସେମାନଙ୍କୁ ସାଙ୍ଗରେ ନ ନେଇ ଏଠାରେ ଏକା ହୋଇ ବସିଛି । ଧନ୍ୟ ରେ ବିଧାତା ।

ଫୁଲ ଏହିପରି ଭାବି କାନ୍ଦୁ କାନ୍ଦୁ ପିଲାଦିନେ ଏହି ଗଛ ଦେଖିଲେ ଯେମିତି ଡରୁଥିଲା, ତାହା ତାର ମନେ ପଡ଼ିଗଲା । ଅତଏବ ସେ ପୂର୍ବର ଡରକୁ ମନେ ପକାଇ ଚମକି ପଡ଼ିଲା । ତାର ଦେହ ରୋମାଞ୍ଚିତ ହୋଇ ଥରିବାକୁ ଲାଗିଲା । ମୁହୂର୍ତ୍ତକ ପରେ ଫୁଲ

ସେଠାରେ ଅଉ ମୁହୂର୍ତ୍ତେ ସମୟ ନ ରହି ଅବିଳମ୍ବେ ଗ୍ରାମାଭିମୁଖେ ଚାଲିଲା ।

ଉକ୍ତ ବରଗଛ ନିକଟରୁ ଚକ୍ରଧର ମିଶ୍ରଙ୍କର ଘର ବେଶୀ ବାଟ ନୁହେଁ । ହେଲେ ଫୁଲକୁ ଏହି ସାମାନ୍ୟ ବାଟତକ ଅସିବାକୁ ବହୁତ ସମୟ ଲାଗିଲା । କାରଣ ସେ ବାଟରେ ଅସୁ ଅସୁ ତାର ପୂର୍ବ ପରିଚିତ ସ୍ଥାନ ସବୁ ଦେଖି, ଦୁଃଖର ସହିତ ସେହି ପିଲା-ଦିନର କ୍ରୀଡ଼ା କୌତୁକକୁ ସ୍ମରଣ କରି ମନେ ମନେ କେତେ କଥା ଭାବିବାକୁ ଲାଗିଲା । ଏପରି ଭାବି ଖଣ୍ଡେ ଦୂର ଆଗକୁ ଅସି ଖଣ୍ଡିଏ ତାଳତାଟି ଘେରା କୁଡ଼ିଆ ଘର ଦେଖିବାକୁ ପାଇଲା । ଯେତେବେଳେ ଫୁଲ ଏହି ଭଗ୍ନାବଶିଷ୍ଟ କୁଡ଼ିଆଟିକୁ ଦେଖିଲା, ସେତେବେଳେ ଛଳ ଛଳ ଆଖିରେ କାନ୍ଦି କାନ୍ଦି କୁଡ଼ିଆ ନିକଟକୁ ଚାଲି ଆସିଲା । ବର୍ଷେ ଅନ୍ତରରେ ମନେ କଲା, "କଣ ହେଲା ଏ ? ମୋର ଫୁଲ ଶରୀରର ମୂଲ୍ୟ ଲୁପ୍ତ ହେଲାପରି ମୋର ଏଇ ସୁନା କୁଡ଼ିଆଟି ମଧ୍ୟ ଆଜି ଚୂନା ହୋଇ ଯାଇଛି । ଆଜି ମୋତେ ଯେମିତି ସମସ୍ତେ ଅନାଦର କରୁଛନ୍ତି, ବିଧାତାର ଇଚ୍ଛାରେ ଏହି ଖେଳ କୁଡ଼ିଆଟିକୁ ମଧ୍ୟ ସେହିପରି ଅନାଦର କରୁଛନ୍ତି । ଧନ୍ୟରେ ବିଧାତା ! ଦିନ ଥିଲା, ଏଇ ଘରଟିକୁ କେତେ ସାଙ୍ଗ ସାଥୀ ମିଶି ଫୁଲରେ ସଜାଇ ଫୁଲଘର ନାଁ ଦେଇଥିଲେ । କିନ୍ତୁ ଏବେ ସେଦିନ କେଉଁଆଡ଼େ ଯାଇଛି ? ଏ ଘରକୁ କେହି ଆଉ ଆଖିରେ ଚାହୁଁ ନାହିଁ । ଯାହା ହେଉ କୁଡ଼ିଆଘର ! ମୋର ଦୁଃଖ ବର୍ତ୍ତମାନ ତୋଠାରୁ ବଳି ପଡ଼ିଛି । ତୁ ତୋର ଦୁଃଖେ ସୁଖେ ଥା, ମୁଁ ଯାଏଁ ।" ଏହା କହି ଫୁଲ ସେଠାରୁ ଚାଲି ଆସିଲା । କେତେ ଗଡ଼ିଆ, ପୋଖରୀ ପାରି ହୋଇ ଠିକ୍ ଭୋର ସକାଳକୁ ବାପଘର ଦାଣ୍ଡଦୁଆର ମୁହଁରେ ପହଞ୍ଚିଗଲା । ଦେଖିଲା ବାପା ଉଠି ଦାଣ୍ଡ

ପିଣ୍ଡାରେ ବସି ବାସି ମୁହଁରେ ପାଣି ଦେଉଛନ୍ତି । ସେ ଯେମିତ ବାପାଙ୍କୁ ଦେଖି ପକାଇଲା ଚଟ୍‌କିନା ଯାଇ ବାପାଙ୍କ ଗୋଡ଼ ଦିଟା ଧରି ପକାଇଲା ଓ ଦୁଃଖର ଯନ୍ତ୍ରଣାଗୁଡ଼ିକ ଭାବି ନ ପାରି ଅଧୈର୍ଯ୍ୟରେ ବାପାଙ୍କ ପାଦତଳେ ମୁଣ୍ଡପିଟି ବାଡ଼େଇ କରୁଣ ହୋଇ ବାହୁନିବାକୁ ଲାଗିଲା ।

ଚକ୍ରଧର ମିଶ୍ରେ ଝିଅର ଏତେଗୁଡ଼ିଏ ଦୁଃଖର କନ୍ଦାକଟା ସହି ପାରିଲେ ନାହିଁ । ତାଙ୍କ ଆତ୍ମାରେ ଏହା ଖୁବ୍ ଆଘାତ କଲା । ଯେତେହେଲେ ନିଜ ଦେହର ରକ୍ତରେ ଗଢ଼ା ଝିଅ, ନିଜ ଆତ୍ମା ତୁଳନାରେ ସମ୍ମାନର ଯୋଗ୍ୟା । ସେଇ ଝିଅ ପାଇଁ କେତେ ଦୁଃଖ କଷ୍ଟ ସହୁଛନ୍ତି । କେତେ ଅଳଝଳ ସମ୍ଭାଳୁଛନ୍ତି । ଆଜି ତାର ଦୁର୍ଦ୍ଦଶା ଦେଖି ସ୍ଥିର ହେବେ କେତେକେ ? ତାଙ୍କର ଦେହ ବା ସହିବ କେମିତି ? ମନ ବୁଝିବ କେମିତି ?

ଯେତେବେଳେ ଫୁଲ 'ବାପା' ବୋଲି କହି ଗୋଡ଼ ତଳେ ମୁଣ୍ଡ ପିଟି ଦେଲା । ସେତେବେଳେ ଚକ୍ରଧର ମିଶ୍ରେ ଝିଅକୁ କୋଳକୁ ଟାଣି ନେଇ ଅପତ୍ୟ ସ୍ନେହରୁ ଭୋ କରି କାନ୍ଦି ପକାଇଲେ । ପରେ ଝିଅକୁ ଘରକୁ ନେଇଯାଇ ବୁଝାବୁଝି କରି ତୁନି କରି ଦେଲେ ।

## —ଦଶ—

କୁନ୍ତଳା ଦେବୀ ଯେଉଁ ସମୟରେ ପ୍ରାଣତ୍ୟାଗ କଲେ, ତାହା ପୂର୍ବରୁ ଚକ୍ରଧର ମିଶ୍ରେ ଓ ବନଙ୍କ ହସ୍ତରେ ଏକମାତ୍ର ପ୍ରାଣରୁ ଅଧିକ କନ୍ୟା ଫୁଲକୁ ଅନ୍ତରର ନିବେଦନ ସହ ସମର୍ପି ଦେଇ ଯାଇଥିଲେ ସତ; କିନ୍ତୁ ଚକ୍ରଧର ମିଶ୍ରେ ଏହି ନିବେଦନ ରକ୍ଷା କରି ପାରିଲେ ନାହିଁ । କାରଣ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଗ୍ରାମର ବୃଦ୍ଧ ବ୍ୟକ୍ତିମାନଙ୍କ ପ୍ରଲୋଭନରେ ପ୍ରଲୋଭିତ ହୋଇ ଦ୍ୱିତୀୟ ଦାର ପରିଗ୍ରହ କଲେ ଏବଂ କୁନ୍ତଳା ଦେବୀଙ୍କ ନୟନ ପ୍ରତିମା ଫୁଲଠାରୁ କ୍ରମେ କ୍ରମେ ସ୍ନେହ ମାୟା ବିବର୍ଜିତ ହୋଇ ପ୍ରତିଜ୍ଞାଚ୍ୟୁତ ହେଲେ ।

ଚକ୍ରଧର ମିଶ୍ରେ ଅର୍ଥଲୁବ୍ଧ ହୋଇ କୁନ୍ତଳାଦେବୀଙ୍କ ଅନୁରୋଧକୁ ଅର୍ଥାତ୍ ଫୁଲକୁ ଅନ୍ତର ମଧ୍ୟରୁ ପାଶୋରି ଦେବାକୁ ଲାଗିଲେ । କିନ୍ତୁ ବନ ମାଉସୀଙ୍କ ବାକ୍ୟଟି ଭୁଲିଲେ ନାହିଁ । ତାଙ୍କର ହୃଦୟପଟରେ ଚିରଦିନ ପାଇଁ ମାଉସୀଙ୍କ ଶେଷ କଥା ଅଙ୍କିତ ହୋଇ ରହିଲା । ସୁତରାଂ ବନ ମାଉସୀଙ୍କ ସମର୍ପିତ ଫୁଲର ତତ୍ତ୍ୱ ନେବାରେ ଯଥାସାଧ୍ୟ ଚେଷ୍ଟାରୁ ବିରତ ହେଲେ ନାହିଁ । ସେ ଭଲ ମନ୍ଦ ନ ବିଚାରି ପ୍ରାୟ ଫୁଲକୁ ଅନେକବାର ଉତ୍ସାହ ଓ ସାହସ ପ୍ରଦାନ କରନ୍ତି, ତାକୁ ନିଜର ସାନ ଭଉଣୀଟି ପରି ଭାବି । ମାତ୍ର ଚକ୍ରଧର ମିଶ୍ରଙ୍କୁ ଏହା ଭଲ ଲାଗେ ନାହିଁ । ସେ ମନେ

ମନେ ଭାବୁଥାନ୍ତି; ଯୋକାଠା ଏ ଘରକୁ ଯିବା ଆସିବା ନ କଲେ ଭଲ ହୁଅନ୍ତା । କାହିଁକିନା ପଣ୍ଡିତମାନେ କହିଛନ୍ତି, "ଯୋକାଳେ କୋ ଭବିଷ୍ୟତି ।" ଅତଏବ ଏହିକ୍ଷଣି ଏହା ଚଳି ଯାଉଛି; କିନ୍ତୁ ପଛକୁ ଅଡୁଆ ହେବ । ଏହା ଭାବି ଚକ୍ରଧର ମିଶ୍ର ପୂର୍ବରୁ ସତର୍କ ହେବାକୁ ଲାଗିଲେ ।

× × × ×

ଗୋଟିଏ ଦିନ ଚକ୍ରଧର ମିଶ୍ରେ ମନସ୍ଥ ଅଭିପ୍ରାୟ ପ୍ରକାଶ କରିବାର ସୁଯୋଗ ପାଇଲେ । ଅନେକ ଦିନ ବିନ ଆସି ମଉସାଙ୍କ ନିକଟରେ ବସି ଗଳ୍ପ କରନ୍ତି । ଆଜି ସେହିପରି ସନ୍ଧ୍ୟା ସମୟକୁ ଆସି ଗଳ୍ପ କରିବା ନିମିତ୍ତ ମଉସାଙ୍କ ପାଖରେ ବସି ଅଛନ୍ତି । ଦେଶ ବିଦେଶର ଦଶ ପାଞ୍ଚ ବିଷୟ କଥାବାର୍ତ୍ତା ହେଉ ଅଛନ୍ତି । ଏହିପରି ସମୟରେ ବିନର କୌଣସି ଏକ ପ୍ରଶ୍ନର ଉତ୍ତର ଦେଇ ଚକ୍ରଧର ମିଶ୍ରେ କହିଲେ, "ତୁ ଯାହା କହନା ବିନ, ମୋର ଇଚ୍ଛା, ଏଇ ବ୍ରାହ୍ମଣଘର ବାଲ୍ୟ ବିଧବା ବିବାହରେ ଯେଉଁମାନେ ମତ ଦେଉଛନ୍ତି, ସେମାନଙ୍କ ଦୈବ ନ ସହୁ ।" ବିନ ଏହାର କାରଣ କଅଣ ପଚାରିବାରୁ ଚକ୍ରଧର ମିଶ୍ରେ କହିଲେ, "ଆରେ କାରଣ କଅଣ ଜାଣି ପାରୁନୁ, ବ୍ରାହ୍ମଣଘର ଛତିଶ ପାଠକରେ ସାର । ତାଙ୍କ ଘରେ ପୁଣି ଯୁବତୀ ମାଇକିନାଆଗୁଡ଼ାକ ଲୁଚି ହୁଇ ଛନାଥର ଲେଖେଁ ବାହା ହେବେ । ଛି, କି ଅସମ୍ଭବ କଥା । ଏମିତି ହେଲେ ତ ସଂସାର ବୁଡ଼ିଯିବ ।" ବିନ ଏଥର କିଛି ନ କହି ରହିବା ଉଚିତ ମନେ କଲେ ନାହିଁ । ସେ ଦରହସିତ ବଦନରେ କହିଲେ, "ମଉସା, ଆପଣ ଯାହା ସବୁ କହିଲେ ସେ ସବୁ ମୋତେ ଅସଙ୍ଗତ ବୋଲି ମନେ ହେଉଛି । କାରଣ ପୁରୁଷମାନଙ୍କର ପ୍ରଥମା ସ୍ତ୍ରୀ ନଷ୍ଟ ହେଲେ ସେମାନେ ଦ୍ୱିତୀୟବାର ବିବାହ

କରିବେ । ଦରକାର ହେଲେ ତୃତୀୟ, ଚତୁର୍ଥ ଧରି ସପ୍ତମବାର ପର୍ଯ୍ୟନ୍ତ ବିଭା କରି ପାରିବେ । ଏପରି ସ୍ଥଳରେ ସେମାନଙ୍କର ପାପ ହେବ ନାହିଁକି ସଂସାର ବୁଡ଼ି ଯିବନି । କିନ୍ତୁ ଜ୍ଞାନହୀନା ସରଳା ବାଳିକାମାନଙ୍କର ସ୍ୱାମୀ ନଷ୍ଟ ହେଲେ ସେମାନେ କାହିଁକି ପୁନର୍ବାର ବିଭା କରି ପାରିବେ ନାହିଁ, ଏହାର କାରଣ କଅଣ ? ' ସେମାନେ କଅଣ ଈଶ୍ୱରଙ୍କ ସନ୍ତାନ ନୁହନ୍ତି, ନା ସେମାନଙ୍କର ମନୁଷ୍ୟ ହୃଦୟ ନାହିଁ ।" ରକ୍ତଧର ମିଶ୍ରେ ବନଙ୍କ ପରି ପିଲାଟିଠାରୁ ଏହିପରି ଜବାବ୍ ଶୁଣି ଟିକିଏ ତାତି ଯାଇ କହିଲେ, "ବନ, ତୁ ବେଳକୁ ବେଳ ଯେତେ ଯେତେ କଥା କହୁଛୁ, ସେତେ ସେତେ ଅସଙ୍ଗତ ହେଉଛୁ । କାହିଁକିନା ପୁରୁଷମାନେ ପୁନର୍ବିବାହ କରନ୍ତି କୁଳରକ୍ଷା ପାଇଁ ଓ ଘର ଅଚଳକୁ । ଏଥିପାଇଁ କଣ ସ୍ତ୍ରୀ ଲୋକେ ବାଦବିବାଦ କରି ପୁନର୍ବିବାହ କରିବେ ।" ପ୍ରଶ୍ନର ଉତ୍ତର ଦେଇ ବନ କହିଲେ, "ନା, ନା, ଏହା ବାଦବିବାଦ ନୁହେ । ପୁରୁଷମାନଙ୍କ ପରି ସ୍ତ୍ରୀମାନଙ୍କର ମଧ୍ୟ ଅଚଳ ଅବସ୍ଥା ଦେଖୁ ନାହାନ୍ତି, ରାତି, ପାହିଲେ ଯୁବା ତା ନାଁରେ କେତେ ନିନ୍ଦା । ଏ ଅମୁକଟା ଖରାପ ହୋଇଗଲା, ପାପ କାମ କରି କରି ସରିଗଲା ଇତ୍ୟାଦି ଇତ୍ୟାଦି । ଶେଷକୁ ଫଳ ଏଇଯା ହେବ ଯେ, ସ୍ତ୍ରୀ ଲୋକମାନଙ୍କର ବାଲ୍ୟ ବିଧବା ପ୍ରଥା କ୍ରମେ ସମାଜ ଓ ସଂସାରକୁ ଅନୀତି ମାର୍ଗରେ ଘୂର୍ଣ୍ଣି କରିଦେବ । କେତେ ଶିଶୁହତ୍ୟାର କାରଣ ହୋଇ ପାପର ଶେଷ ସୀମାରେ ପହଞ୍ଚି ଜୀବନ ଓ ଜାତିକୁ ନଷ୍ଟ କରୁଛନ୍ତି । ଏହା ଅପେକ୍ଷା ବାଲ୍ୟବିଧବାର ପୁନର୍ବିବାହ ହେବା କଣ କ୍ଷତିକାରକ ? ତା ନୁହେଁ । ଈଶ୍ୱର କରନ୍ତୁ, ବାଲ୍ୟ ବିଧବାର ଦୁଃଖ ମୋଚନ ପାଇଁ ଉକ୍ତ ବିବାହ ପ୍ରସ୍ତାବରେ ସମସ୍ତେ ମନୋଯୋଗୀ ହୁଅନ୍ତୁ ।"

ମଉସା ଏଥର କାହାର ନୁହନ୍ତି । କଥାରେ କଥାରେ ଉତ୍ତେଜିତ ହୋଇଯାଇ ପରକ୍ଷଣରେ ବନକୁ ଅନାଇ ରାଗରେ ତମତମ ହୋଇ କହିଲେ, "ଦେଖ ବନ, ତୁ ଏଡ଼େ ଟିକିଏ ପିଲା ହେଇ କଥା କହୁ କହୁ ଖୁବ୍ ବଢ଼ିଗଲୁଣି । ତୋର ଆଉ ସାନବଡ଼ ବୋଲି ବିଚାର ନାହିଁ । ତୁ ଯାହା ମନରେ ଭାବୁ ମତେ ଏତେ କଥାରେ ବୁଦ୍ଧି ଦେଉଛୁ, ତାହା ମୁଁ ଜାଣି ପାରୁଛି । ମୁଁ ମୋର ଘରେ ମାଲିକ । ମୋର ଭଲମନ୍ଦ ହାନିଲାଭ ମତେ ଲାଗି, ତୋର ସେଥିରେ କଅଣ ଅଛି ? ଯେଉଁଠି ଦେଖ ଗୋଟିଏ ଗୋଟିଏ ଘରେ ପୁଞ୍ଜେ ପୁଞ୍ଜେ ସନ୍ତାନ ସନ୍ତତି କେତେ ଅଛନ୍ତି । ମୁଁ କଅଣ ମୋର ଗୋଟିଏ ଝିଅକୁ ରଖିପାରିବି ନାହିଁ ଯେ, ତୋର ପଣ୍ଡିତପଣିଆ କଥାଗୁଡ଼ାକରେ ବୁଝିଯିବି, ଯାହାହେଉ ଏବେ ତୁ ଯା । ଆଜିଠାରୁ ତୁ ଏ ଦ୍ୱାର ମାଡ଼ିବୁ ନାହିଁ ।" ଏଇଯାଏ କଥା । ଦୁଆର ମାଡ଼ିବା ମନା କରି ମିଶ୍ରେ ନିଶ୍ଚିନ୍ତ ହେଲେ ।

ସେହିଦିନଠାରୁ ବନର ମିଶ୍ରଙ୍କ ଘରକୁ ଯିବା ଆସିବାରେ ବାଧା ପଡ଼ିଲା । ଏବେ ତାଙ୍କ ଦୁଆରକୁ ଉଠିବା ବନକୁ ମନା ହୋଇଛି । କିନ୍ତୁ ବନ ଦୁଆର ନ ମାଡ଼ିଲେ ସୁଦ୍ଧା ମାଉସୀଙ୍କ ପ୍ରତି ଭ୍ରୂକ୍ଷେପ ନ କରି ଦୂରରେ ଥାଇ ଫୁଲର ତତ୍ତ୍ୱ ନେବାରେ ଓ ଭଲ ମନ୍ଦରେ ପଦେ ଅଧେ ପଚାରି ଦେବାରେ ତ୍ରୁଟି କରନ୍ତି ନାହିଁ । କାରଣ ମାଉସୀଙ୍କ ଆଦେଶଟି ପାଳନ କରିବାକୁ ସେ ତାଙ୍କର ପ୍ରଧାନ କର୍ମ ବୋଲି ସ୍ଥିର କରିଛନ୍ତି ।

ଘଣ୍ଟା ଘଣ୍ଟା ହୋଇ କେତେ ସମୟ ଚାଲିଯାଇ ଦୁଇ ଦିନ ବିତିଗଲାଣି । ଫୁଲ ପାଣି ପାଇଁ ଗଡ଼ିଆକୂଳକୁ ମାଠିଆ ଧରି ଯାଇଛି । ସେଇ ସମୟରେ କୌଣସି କାର୍ଯ୍ୟବଶତଃ ବନ ସେହି ଗଡ଼ିଆକୂଳକୁ ଯାଇଥିଲେ । ଏହିପରି ସମୟରେ ଫୁଲ ପାଣି ଆଣି ଠିକ୍ ଫେରିବା

ବେଳେ ବନ ତାକୁ ଦେଖି ପଗ୍ଚାରି ଦେଲେ, "ଫୁଲ୍ ଭଲ ଅଛୁ ତ ? କାହିଁକି ଏତେ ଝଡ଼ିଯାଇଛୁ ?" ଫୁଲ୍ କାନ୍ଦ କାନ୍ଦ ହୋଇ ଗ୍ଲ ଅସୁ ଅସୁ କହିଦେଲା, "ବନଭାଇନା, ଯେବେ ମରିବ ତେବେ ଯାଇ ଭଲ । ଏଇଲେ ଗୋଟେ ଭଲ କଅଣ ? ଏ ଦୁନିଆରେ ଏତେ ଲୋକ ମରୁଛନ୍ତି, ହେଲେ ମତେ ମରଣ ହେଉନି କାହିଁକି ?" ଏହା କହୁ କହୁ ଫୁଲ୍ ଶୋକାର୍ତ୍ତ ହୃଦୟରେ ଘରକୁ ଗ୍ଲ ଆସିଲା ।

ଫୁଲ୍ ଦୁଃଖେ ସୁଖେ ବାପା ପାଖେ ଦିନ କେଇଟା ଚଳିବା ପରେ ଗୋଟିଏ ନୂଆବୋହୂ ଆସି ତାଙ୍କ ଘରେ ଗୋଡ଼ ଦେଲା । ଫୁଲ୍ ହଠାତ୍ ନୂଆବୋହୂଟିଏ ଦେଖି କିଛି ବୁଝିପାରିଲା ନାହିଁ । ତାର ମନରେ ପ୍ରଥମେ ଖୁବ୍ ଗୋଟେ ସନ୍ଦେହ ପଶିଗଲା, କିନ୍ତୁ ସମୟ ପରେ ମଧ୍ୟ ଗଲା ଅଇଲା ଲୋକଙ୍କଠାରୁ ଶୁଣିଲା, ସମସ୍ତେ କହିଲେ, "ଫୁଲ୍, ଇଏ ତୋର ବୋଉ । ତୁ ବୋଉ ପାଇଲୁ, ତୋର ଦୁଃଖ ଗଲା, ଆଜିଠାରୁ ଆଉ କାନ୍ଦିବୁ ନାହିଁ । ୟାକୁ ବୋଉ ଡାକ, ଗଲା ବୋଉକୁ ପାଶୋରି ଦେବୁ ।"

ଫୁଲ୍ ଏହା ଶୁଣିଲା, ମନେ ମନେ ଖୁବ୍ ହସିଲା । ପଛକୁ ଭାବିଲା, "ହାୟରେ ଜଗତ ! ତୋର ଦେହରେ ଫେର ଏତେ ଖେଳ କୌତୁକ ? ଇଏ ପୁଣି ମୋର ବୋଉ । ବାପା ଏଇ ଝିଅ ସଦୃଶ କନ୍ୟାଟିଏ ବିଭା ହେବା ବେଳେ ମତେ ମାମୁଁଘରେ ଲୁଚାଇ ରଖିଥିଲେ କାହିଁକି ? ମୁଁ ସେତେବେଳେ ଜାଣିଥିଲେ କଣ କ୍ଷତି ହୋଇଥାନ୍ତା ? ତାହା ନୁହେଁ, ତେବେ ମୋତେ ଲୁଚାଇଥିବା ବାପାଙ୍କର ମୂର୍ଖାମୀ ବୋଲି ମନେ ହେଉଛି । ଯାହାହେଉ ମୁଁ ଭାବୁଛି ଆଜିଠାରୁ ମୋର ପୁଣି ଏକ ନୂତନ ଦିନ ଗ୍ଲ ଆସିଲା । ଆଉ କେତେ କେତେ ପୁରାତନ ଦିନମାନ ମୋର ଆଖି ଆଗରେ

ଦେଖାଦେଇ ପଛପଟେ ଲୁଚି ରହିଲା । ହାୟରେ ! ମୁଁ ଆଜଠାରୁ ଅନ୍ୟ ଗୋଟେ ପ୍ରକାରରେ ଚଳିବି, ଆଜି ମଧ୍ୟ ଏହାଙ୍କୁ ବୋଉ ବୋଲି ଡାକିବି । ଧନ୍ୟ ଧନ୍ୟ । ଏ ତ ମୋର ସାନ ଭଉଣୀଟି ପରି ହୋଇଛନ୍ତି, କେମିତି ବୋଉ ଡାକିବି ?" କିଛି ସମୟ ଗଲା, ଫୁଲ ପୁନର୍ବାର ମନେ କଲା, ବାପା ତ ବିଭା ହେଲେ, ଏ ମୋର ବୋଉ, ମୁଁ ଯାଙ୍କୁ ବୋଉ ଡାକିବା ଉଚିତ । କିନ୍ତୁ ମୋର ପ୍ରକୃତ ବୋଉ ଯେ ଦୁନିଆରୁ ଛାଡ଼ି ଚାଲିଯାଇଛନ୍ତି । ଏଥିପାଇଁ ବୋଉ ଡାକିବାକୁ କଷ୍ଟ ଲାଗୁଛି । ତେବେ ଏହା କରିବି । ବୋଉ ମୋର ନାହିଁ, ଏ "ନୂଆବୋଉ" । ଅତଏବ ଏହାଙ୍କୁ "ନୂଆବୋଉ" ଡାକିବି ।"

କିଛିଦିନ ଗଲା, ଫୁଲ ନୂଆବୋଉ ଡାକିବା ଅଭ୍ୟାସରେ ପରିଣତ ହେଲା । ମାତ୍ର ନୂଆବୋଉଟିଙ୍କୁ ଡାକିବା ବେଳେ ଫୁଲର ମନ ମଧ୍ୟରେ ମୃତ ବୋଉର ସ୍ମୃତି ବେଶି ବେଶି ଜାଗରିତ ହୋଇ ତାଙ୍କୁ ଖୁବ୍ କଷ୍ଟ ବୋଧହେଲା । ଏଥିରେ ସେ ବୋଉକଥା ଭାବି ନୈରାଶ୍ୟ ଅନ୍ଧକାରରେ ବୁଡ଼ିଗଲା । କିନ୍ତୁ ବିଧିର ବିଧାନ ପ୍ରାୟ ଏଇଆ "ମନୁଷ୍ୟ, ନୈରାଶ୍ୟର ଅନ୍ଧକାରରେ ଆଶାର ଆଲୋକ ବରାବର ଦେଖିବାକୁ ପାଏ ।" ନଚେତ୍ ମନୁଷ୍ୟ ତିଷ୍ଠି ରହିବା କଷ୍ଟକର ହୁଅନ୍ତା । ସୁତରାଂ ଫୁଲର ଏଥିରେ ଦୁଃଖ ଓ ନୈରାଶ୍ୟ ହେଲେ ମଧ୍ୟ, ସେ କିଞ୍ଚିତ ଆନନ୍ଦ ଉପଲବ୍ଧି କଲା । ସେ ଭାବିଲା, ନୂଆବୋଉ ଯେତେ ହେଲେ ମୋର ବୟସର । ମୁଁ ଏଠି ଏକା ହୋଇ ରହିଥିଲି । ଏବେ ନୂଆବୋଉ, ମୁଁ ସାଥୀ ହୋଇ ରହିବୁ । ଦି ପାଇଟି ସେ କରିନେଲେ ଦି ପାଇଟି ମୁଁ କରିନେବି । ଏମିତି ଭାବେ ସାଙ୍ଗ ହେଇ ହସି ଖୁସି ଦିନ କଟିଯିବ । ଆଜିମଧ୍ୟ ଏଥି-ଯୋଗୁ ମୋର ଦୁଃଖ ଲାଘବ ହୋଇ ପାରିବ । ଏହା ଭଲ ହେଲା ।

କଥାରେ ଅଛି, "ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ ।" ଏଇପରି ଫୁଲ୍ ତାର ହୃଦୟରେ ଅଶାଲତାଟି ଦେଖି ଦେଖି ଦିନ କଟାଇବାକୁ ଲାଗିଲା ସତ, କିନ୍ତୁ ନୂଆବୋଉଟିର ମନ ସେପରି ନୁହେଁ, ଯେପରି ହେଲେ ଫୁଲ୍‌ର ଆଶା ସଫଳ ହୁଅନ୍ତା । ନୂଆ ବୋଉ ଦେଖିଲା, ଏ ଘରେ ମାମୁଁ, ମାଇଁ ଦୁଇ ଜଣ ଛଡ଼ା ଆଉ କେହି ନାହିଁ । ଫୁଲ୍ ସଉତୁଣୀ ଝିଅ, ସେ ପୁଣି ବାହା ହୋଇ ଯାଇଛି । ଏଥିପାଇଁ ଝିଅର ମଧ୍ୟ କିଛି ଅଧିକାର ନାହିଁ । ଏ ଘରେ ଆଉ ମିଛୁଟାରେ ବାଣ୍ଟିଆ ଖାଇପିଇ କାହିଁକି ଥିବ ?

ଯାହାର ହୃଦୟ ଏପରି ଗୁଣରେ ପରିପୂର୍ଣ୍ଣ, ତା ନିକଟରେ ଫୁଲ୍‌ର ମନସ୍କାମନା ପୂର୍ଣ୍ଣହେବା କଠିନତର । ଫଲ୍ ଯେ ମନେ କରିଥିଲା ସାଙ୍ଗସାଥି ହୋଇ ଚଳିବାକୁ, ଏହା ନୂଆବୋଉ ଓ ଫୁଲ୍ ପକ୍ଷେ ଆକାଶପାତାଳ ପ୍ରଭେଦ ପରି । ତଥାପି ଫୁଲ୍ ତାର ଚେଷ୍ଟାରୁ ବିରତ ହେଲାନାହିଁ । ନୂଆବୋଉ ମନ ନେଇ ହସି ଖୁସି ଦିନ କଟାଇବାକୁ କେତେ କେତେ ଉପାୟ ଅନ୍ୱେଷଣ କରି ଚାଲିଲା । ହେଲେ କାହିଁରେ କିଛି ହେଲା ନାହିଁ । ଶେଷରେ ଫୁଲ୍ ବାଧ୍ୟ ହୋଇ ନିଜର କର୍ମର ଅପମାନ ସହିବାକୁ ଲାଗିଲା, କାଳକୁ ଅପେକ୍ଷା କରି ।

ଦିନ କେତେ ଚାଲିଗଲା । ଗୃହୁଁ ଗୃହୁଁ ନୂଆବୋଉର ଏ ଘରେ ଅତ୍ୟଧିକ ଭାବେ କ୍ଷମତା ଓ ଅଧିକାର ବଢ଼ିବାକୁ ଲାଗିଲା । ଏବେକ୍ଷଣି ସେ ଘରେ ମାଲିକ । ସବୁ ମୁରବି ପଣ ତାରିଠାରେ । ଗଲା ଅଇଲାରେ ନୂଆବୋଉ, ଭଲ ମନ୍ଦରେ ନୂଆବୋଉ, ଶାଶୁ, ନଣନ୍ଦ, ଜାଆ, ଦିଅର କେହି ନାହାନ୍ତି । ସେ ବା ସେବେଇତ, ରଇତ ବାଇତ ଆସିଲେ ନୂଆବୋଉ ସାନ୍ତାଣୀଙ୍କୁ ଆଗେ ଦଣ୍ଡବତ କରନ୍ତି । ଭାତଗୁଣ୍ଡେ କି ଗୃହଉଲ

ମୁଠେ ହାତଟେକ୍କୁ ଦେଇ ଦେଲେ ନୂଆ ସାନ୍ତାଣୀ ଭଗ୍ନି ଦେଲ ଘରଟିଅ, ପାଖରେ ଠିଆ ହୋଇଗଲେ ଦୁଃଖ ଯିବ ଇତ୍ୟାଦ ଶୁଣିବାକୁ ହୁଏ । ଏହାଙ୍କ କମ୍ ମୁରବି ପଣ ?

ନୂଆବୋଉ୍ ସମ୍ମାନ ସୂଚକ ବ୍ୟବହାର ଓ ପ୍ରଶଂସାବାଣୀ-ଗୁଡ଼ିକ ଶାଶୁଘରକୁ ଆସିବାର ଅଳ୍ପ ଦିନରେ ଶୁଣି ଏବଂ ହୃଦୟରେ ଅନୁଭବ କରି ଗର୍ବିତ ହେବାକୁ ଲଗିଲା । ତା'ର ମନଟି କହିବାକୁ ଗଲେ ଟିକିଏ ମୋଟା ହୋଇଗଲା । କାରଣ ଗାଁ ଗହଳିର ପଲ୍ଲୀବଧୂମାନଙ୍କ ପକ୍ଷରେ ଅଳ୍ପ ଦିନରେ ଏତେଗୁଡ଼ିଏ ମୁରବି-ପଣ ପାଇବା ବଡ଼ କଷ୍ଟସାଧ୍ୟ । ସୁତରାଂ ଯେତେବେଳେ ନଆବୋଉ୍ ପକ୍ଷେ ଏହା ସହଜ ସାଧ୍ୟ ହୋଇଛି, ସେତେବେଳେ ସେ ନିଜକୁ ଭାଗ୍ୟବାନ ମନେକରି ବିଶେଷତଃ ଫୁଲକୁ ତୁଚ୍ଛ ବୋଲି ଜ୍ଞାନ କଲା । ସେତିକି ସେ ଫୁଲ ଉପରେ ଚଢ଼ି ଚଢ଼ି ହୋଇ ତା ପ୍ରତି ଅସତ୍‌ବ୍ୟବହାର କଲା ଓ ସର୍ବଦା ତାକୁ ଘୃଣା ଚକ୍ଷୁରେ ଦେଖି ତାର ଅନିଷ୍ଟ ଖୋଜିବାକୁ ଲଗିଲା । ନୂଆବୋଉର ମନ, 'ଫୁଲ ଏ ଘରେ ନ ରହୁ' । କାରଣ ବିଧବା ସ୍ତ୍ରୀଟା, ଯେତେ-ହେଲେ ଜୀବନକୁ ଗୋଟେ ବିପଦ ଓ ଅଡୁଆ । ଏଥିସକାଶେ ଗୋଟିଏ ବିଧବା ଯୁବତୀ ଝିଅକୁ ବେକରେ ବାନ୍ଧିଲାପରି ଘରେ ରଖିବାକୁ ସେ ଅନିଚ୍ଛୁକ ।

ଯେଉଁ ଲୋକର ମନରେ କୌଣସି ଗୋଟେ ମାନସିକ ଇଚ୍ଛା ପ୍ରବଳ ହୋଇଥାଏ, ତାହା ସେ କେଉଁ ପ୍ରକାରେ ହେଲେ କାର୍ଯ୍ୟରେ ପରିଣତ କରିବାକୁ ଯଥାସାଧ୍ୟ ଚେଷ୍ଟା ଓ ଉପାୟ ଅବଲମ୍ବନ କରେ । ଅତଏବ ନୂଆବୋଉ୍ ଯେତେବେଳେ ଦେଖିଲା, ଫୁଲକୁ ଏ ଘରୁ ବିଦାୟ ଦେବା ତା ପକ୍ଷେ ଖୁବ୍ କଷ୍ଟକର, ତେତେବେଳେ ସେ ସ୍ୱାମୀଙ୍କ ନିକଟରେ ମନର

ଅଭିଳାଷ ପୂର୍ଣ୍ଣକରିବା ନିମିତ୍ତ ଫୁଲ୍ ନାମରେ କେତେ କେତେ ମିଥ୍ୟା ନିନ୍ଦା ଓ ମନ୍ତ୍ରଣା ଶୁଣାଇବାକୁ ଲଗିଲା ।

ଚକ୍ରଧର ମିଶ୍ରେ ମଧ ଏଇ କେତେଦିନ ମଧ୍ୟରେ ଅନେକ ବଦଳି ଯାଇଛନ୍ତି । ପୂର୍ବଧାରଣା ତାଙ୍କ ନିକଟରେ ବର୍ତ୍ତମାନ ଆଦୌ ନାହିଁ କହିଲେ ଚଳେ । ସେ ଏହିକ୍ଷଣି ସ୍ତ୍ରୀ ଉପଦେଶ-ଗୁଡ଼ିକ ହିତକର ବୋଲି ଭଲରୂପେ ସ୍ଥିର କରିଛନ୍ତି । "ବିଧବା ଝିଅ ପିଲା କାହିଁକି ଆମର ଏତେ ପଇସା ଖର୍ଚ୍ଚ ହେବ ? ଅକାରଣ ସେ ସବୁ ଜିନା ! ଝିଅ ତ, କଣ ପୁଅ ହୋଇଛି ଯେ, ବୁଢ଼ା କାଳକୁ ପୋଷିବ ?" ଏଇ କେତେ ପଦ କଥା ମିଶ୍ରଙ୍କ ମନକୁ ବେଶୀ ମାରିଦେଇଛି ।

ଅର୍ଥର କି ମହାଯ୍ୟାନ ଶକ୍ତି ! ତା ସକାଶେ ସଂସାରର ସୁଖ ସମ୍ପତ୍ତି, ସନ୍ତାନ ପ୍ରତି ମାତାପିତାଙ୍କ ମନରେ କି ଭାବାନ୍ତର ! ସମୟ ଥିଲା, ସେଇ କନ୍ୟା ଫୁଲପାଇଁ ପ୍ରାଣପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ମିଶ୍ରେ ପ୍ରସ୍ତୁତ ଥିଲେ । ବର୍ତ୍ତମାନ ମଧ ସମୟ ଅଛି ସତ, କିନ୍ତୁ ଚକ୍ରଧର ମିଶ୍ରେ ଝିଅର ଖାଇବା ଖର୍ଚ୍ଚ ଚଳାଇବାକୁ ଅନିଚ୍ଛୁକ ଓ କୁଣ୍ଠିତ । ଠିକଏ ଭାବିଲେ, ଯାଏଁ ଯାଏଁ ମନରୁ ବାହାରି ପଡୁଛି, "ଧନ୍ୟ ଅର୍ଥ !" ଏଥିପାଇଁ ତୋତେ ଦୂରରୁ ଜୁହାର !!!

ଚକ୍ରଧର ମିଶ୍ରେ ଅର୍ଥ ପ୍ରତି ଓ ରମଣୀ ବାକ୍ୟରେ ଆକୃଷ୍ଟ ହୋଇ ସ୍ନେହର କନ୍ୟା ଫୁଲ୍ ପ୍ରତି ଥରେମାତ୍ର ଭ୍ରୂକ୍ଷେପ କଲେ ନାହିଁ । ନିଜର ବୁଦ୍ଧିବଳ ହରାଇ ଓ ବିବେକ ଶକ୍ତିକୁ ଧ୍ୱଂସକରି ହୃଦୟାବଦ୍ଧ ସ୍ନେହରୁ ଜନ୍ମିତ ଆତ୍ମଜା ଫୁଲକୁ ବଞ୍ଚିତ କଲେ ଓ ଦିନକୁ ଦିନ ତା ପ୍ରତି ନିଷ୍ଠୁର ବ୍ୟବହାର କରିବାକୁ ଲଗିଲେ ।

ଫୁଲକୁ ତ ଭିନ୍ନ ଭିନ୍ନ ଭାବରେ ଏତେ ଦୁଃଖ ସଦା ସର୍ବଦା ବେଢି ରହିଛି । ସେଥିରେ ପୁଣି ଜନ୍ମଦାତା ପିତାଙ୍କର ନିଷ୍ଠୁର

ଓ ମମତାଶୂନ୍ୟ ବ୍ୟବହାର ତା ପ୍ରତି କଠା ଘାତରେ ଚୂନ ଦେଲାଭଳି । ତାର କ୍ଷୀଣ ଆଶା ଦୀପଟି ଦିନକୁ ଦିନ ଲିଭି ଲିଭି ଆସିଲା, ପ୍ରତି ମୁହୂର୍ତ୍ତରେ ଦୀର୍ଘ ନିଶ୍ୱାସ ତ୍ୟାଗର ଉଷ୍ଣପବନ ଠିକକରେ । ଏବେ ଫୁଲର ପୂର୍ବ ସାହସ ତକ ଉଡ଼ିଯାଇ ହା ହତାଶରେ ପ୍ରାଣ ଭରିଗଲା । ସେ ଚିନ୍ତାର୍ଥିକା ହୋଇ ମନେ ମନେ ଭାବିଲା, "କପାଳରେ, ତୁ ମୋର କର୍ମକୁ ଏତେ ଶ୍ଳେଷ୍ଠ । ମୋର କର୍ମକୁ ଭାଇବନ୍ଧୁ, ବାପ, ମା ସମସ୍ତେ ଶ୍ଳେଷ୍ଠ ହେଲେ । ମାତ୍ର ବଡ଼ ହେଲା ଏଇୟା ଯେ, 'ଅସହ୍ୟ ଦୁଃଖ । ଦୁଃଖ ତ ଦୁଃଖ, କିନ୍ତୁ ଭାବୁଛୁ, "ମୋର, ଚିର ଜୀବନପାଇଁ ଦୁଃଖ । ମୋ ଜୀବନରେ ଆଉ ସୁଖର ଚିହ୍ନ ନାହିଁ । ଦୁଃଖପରେ ପ୍ରାୟ ସୁଖ ଥାଏ । ମାତ୍ର ମୁଁ ଚିର ଦୁଃଖିନୀ । ଏହା ସତ୍ୟ, ଏଥିରେ ସଂଶୟ ନାହିଁ ।" କର୍ମଶୂନ୍ୟ ଅବସ୍ଥାରେ (ରାତ୍ରିରେ) ଏଇ ଭାବନାରେ ଭାବିତା ହୋଇ ଫୁଲ ବ୍ୟଥିତା ହୋଇଗଲା । ତାର ଚକ୍ଷୁ ଦୁଇଟିରୁ ଝର ଝର ହୋଇ ଲୋତକ ଗଡ଼ି ପଡ଼ିଲା । ସେ ଏପରି ଅସହାୟା ଅବସ୍ଥାରେ ଥିବାବେଳେ ମନୁଷ୍ୟର ଆଶ୍ରୟ-ସ୍ଥଳ ଭଗବାନଙ୍କୁ କାକୁସ୍ଥଭାବେ ଡାକି ଡାକି କହିଲା, "ହେ, ପ୍ରଭୁ ହେ ଦୀନଦୟାମୟ ପ୍ରଭୁ ! ଏ ହତଭାଗ୍ୟ ସନ୍ତାନକୁ କାହିଁକି ତୁମେ ତୁମ ସୁନ୍ଦର ସଂସାରରେ ସ୍ଥାନ ଦେଇଛ ? ହେ, ଜଗତ ପିତା ! ମୁଁ ବର୍ତ୍ତମାନ କି ସଂକଟ ଅବସ୍ଥାରେ ପତିତ ହୋଇଛି । ଏହାର ଇୟତ୍ତା ନାହିଁ । କିନ୍ତୁ ଭାବୁଛି, ମୁଁ ତୁମ୍ଭର ପାଦତଳେ ବଡ଼ କିଛି ଦ୍ରୋହ କାର୍ଯ୍ୟ କରିଛି । ଏଣୁ ବର୍ତ୍ତମାନ ଦଣ୍ଡ ସ୍ୱରୂପ ଏ ଯନ୍ତ୍ରଣା ଭୋଗ କରୁଛି । ଅତଏବ ମୋର ଗୁହାରି ଶୁଣି ମୁଁ କି ଦୋଷରେ ଦୋଷୀ ତାହା ଜଣାଇ ଦିଅ । ନଚେତ୍ ମୁଁ ନିଶ୍ଚୟ ଆତ୍ମଘାତିନୀ ହେବି ଏସବୁ ବୃଥା ଲାଞ୍ଛନା ନ ସହି । ବର୍ତ୍ତମାନ ମୁଁ

ମାତୃହୀନା, ବିଧବା, ଏଣେ ସମସ୍ତ ଆତ୍ମୀୟମାନଙ୍କଠାରୁ ତାଡ଼ିତା, ପୁନର୍ବାର ସାବତ ଜନନୀର ଅସତ୍ ବ୍ୟବହାର ଓ ସ୍ୱୟଂ ଜନକଙ୍କଠାରେ ଅପ୍ରିୟ । ଆଜ ମଧ୍ୟ ବୈଧବ୍ୟ ଯନ୍ତ୍ରଣାରେ ଦଗ୍ଧ ହେବା ସଙ୍ଗେ ସଙ୍ଗେ ସମସ୍ତ ମନୁଷ୍ୟଙ୍କଠାରେ ଅନାଦୃତ । ଏହିପର ମର୍ମାନ୍ତିକ ଅବସ୍ଥାରେ ମୁଁ ତବାଶ୍ରିତ ଲୀଳାଭୂମିରେ ବଞ୍ଚି ରହିବାକୁ ଲଜ୍ଜିତା ଓ ଦୁଃଖିତା ହେଉଛି । ଅତଏବ ହେ, ଜଗଦୀଶ୍ୱର, କରୁଣାମୟ ଏ ଚିର ଦୁଃଖିନୀ ନାରୀପ୍ରତି କାହିଁତ୍ କୃପାକର ଆତ୍ମଘାତୀ ଦୋଷରୁ କ୍ଷମା ଦିଅନ୍ତୁ । ହେ ପରମ ପିତା । ତୁମ୍ଭର ପାଦରେ ଅଧୀନା ସନ୍ତାନର ଏହି ମାତ୍ର ଭିକ୍ଷା ।”

ଏହିପର ଚିନ୍ତାମଗ୍ନା ଥିବାବେଳେ ଫୁଲକୁ ନିଦ୍ରା ମାଡ଼ି ଆସିଲା ଓ ସେ ଲୋତକଭରା ଚକ୍ଷୁରେ ନିଦ୍ରିତା ହେଲା ।



## —ଏଗାର—

ପ୍ରଭୁ ପରମେଶ୍ୱରଙ୍କ ନିକଟରେ ଫୁଲର ପ୍ରାର୍ଥନା ଓ ଅନୁରୋଧ ପହଞ୍ଚିଲା କି ନାହିଁ ତାହା ଫୁଲର ଅଜ୍ଞାତ । ତାର ପ୍ରାର୍ଥନା ରକ୍ଷା ହୋଇଥିଲେ କିଛି ପ୍ରତିକାର ହୋଇଥିବା ଜଣାପଡ଼ି ଥାଆନ୍ତା । ମାତ୍ର ଫୁଲର ଦୁଃଖାନୁରୂପ ଯନ୍ତ୍ରଣା ଉପଶମ ହେବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାକୁ ଲାଗିଲା । ଏ ହେତୁ ସେ ମନେକଲା ଭଗବାନ ତା ପ୍ରତି ସୁଦ୍ଧା ନିଷ୍ଠୁର ଅଛନ୍ତି ।

ଫୁଲ ଦେଖିଲା ଏବେ ନୂଆବୋଉ ସକାଶେ ଭଲ ଭଲ ଅଳଙ୍କାର ଓ ଲୁଗାପଟା ବାପା କିଣିଆଣି ଦେଉଛନ୍ତି । ମାତ୍ର ଫୁଲର କୌଣସିଥିରେ ଭାଗ ନାହିଁ । ଏହାଦେଖି ସେ ସମ୍ଭାଳି ପାରିଲାନାହିଁ । ତାର ମନଭିତରେ ଘାଣ୍ଟି ହୋଇଗଲା । ହିଂସାରେ କ୍ରୋଧରେ ହୃଦୟ ଜଳିଯିବାକୁ ଲାଗିଲା । ସ୍ତ୍ରୀଲୋକମାନଙ୍କର ମନୋମୁଗ୍ଧକର ସୌଖିନ ଜିନିଷମାନ ଦେଖି ସେ ଲୋଭ ପରବଶହୋଇ ବିଶେଷ ଦୁଃଖିତ ହେବାକୁ ଲାଗିଲା । ଶେଷକୁ କରିବ କଅଣ ? କିଛିମାତ୍ର ଉପାୟ ନ ଦେଖି ମନକୁ ବୁଝେଇଦେଲା । "ମୋର ସେଥିରେ ସବୁ ଅଛି କଅଣ ? ଏଥିପାଇଁ ତ ଦୁଃଖିତ ହେବାର କାରଣ ନାହିଁ । କାହିଁକି ନା, ମୁଁ କଣ ସେ ଜିନିଷ ସବୁ ପିନ୍ଧିବି ? ତା ନୁହେଁ । ଭଗବାନ ତ ମତେ ସେ ସୁଖରୁ ବଞ୍ଚିତ କରାଇ ଅଛନ୍ତି । ଆଉ ଦୁଃଖ କଲେ କଣ ହେବ ।"

ଏହିପରି କେତେ କେତେଥର ମନକୁ ବୁଝାଇ ଫୁଲ ହୃଦୟ-ସ୍ଥିତ ସନ୍ତାପ ଓ ଦୁଃଖକୁ ଦୂରକରେ । ହେଲେ ବି ତାର ମନ ବୁଝେଁ କେତେକେ ? ପିଲାଟା ତ, ହେଇଛି ଜମା ହେଇ ହେଇ ୧୬-୧୭ ବର୍ଷ ବୟସ ମୋଟେ ହେବ । ପିଲା ସମୟରେ ଟିକିଲି; ଗୋଡ଼ମୁଦିଠାରୁ, ଅତର, ବାସନାତେଲ ପର୍ଯ୍ୟନ୍ତ ସୌକର ଟାଣଟା ବେଶୀ ଥାଏ ( ପ୍ରାୟ ସବୁ ଝିଅମାନଙ୍କର ) । ଫୁଲ ସହଜେ ଅଳ୍ପବୟସ୍କା ଝିଅ । ତାପରେ ତାର ଅଳଙ୍କାର, ଲୁଗାପଟା ବା ଅନ୍ୟାନ୍ୟ ଜିନିଷ (ଯାହାପ୍ରତି ତାର ଖୁବ୍ ଶ୍ରଦ୍ଧା ଓ ସୌକ୍) ତାକୁ ସେ ଛାଡ଼ି ରହିପାରୁଛି କେଉଁଠି ? ଏଥିପାଇଁ ମଝେ ମଝେ ଖୁବ୍ ଗୁଡ଼ିଏ ଗମ୍ଭୀର, କାମୁଡ଼ି ହୋଇ ମନଦୁଃଖକୁ ମନରେ ମାରି ରହେ ।

ଆଜି ଚଇତ୍ରମାସିଆ ଗୁରୁବାର । ଆମ ଗାଁ ମାନଙ୍କରେ ପ୍ରାୟ ଅନେକଙ୍କର ଏହି ପର୍ବ ଥାଏ । ବିଶେଷତଃ ଯେଉଁମାନଙ୍କର ମାଣବସା ଗୁରୁବାର ନ ଥାଏ, ସେମାନଙ୍କର ଚଇତ୍ରମାସିଆ ଗୁରୁବାର ଥିବା ଦେଖାଯାଏ । ଚକ୍ରଧର ମିଶ୍ରଙ୍କ ଘରେ ଗୁରୁବାର ସକାଳେ ପଡ଼ଦାତା ସାନ୍ତାଣୀ ଖଟୁଲିରେ ବିଜେ କରିଛନ୍ତି । ଲକ୍ଷ୍ମୀଙ୍କ ବାରରେ ଠିକ୍ ସନ୍ଧ୍ୟା ସମୟକୁ ସଞ୍ଜଦେବା ଲାଗି ଫୁଲ ବସି ସଞ୍ଜବତି ବଳୁଛି । ଫୁଲର ନୂଆବୋଉଟି ଫୁଲଠାରୁ ଅନତିଦୂରରେ ବସି ବାଳ ବାନ୍ଧୁଛି । ଏପରି ସମୟରେ ଚକ୍ରଧର ମିଶ୍ରେ ଗୋଟିଏ କାଇଁଚ ଡାଲାରେ କେତେଗୁଡ଼ିଏ ଅଳଙ୍କାର ଆଣି ସେମାନଙ୍କ ନିକଟରେ ରଖିଦେଲେ ଓ ମୁଣ୍ଡର ବାଳଗୁଡ଼ିକରେ ହାତମାରି କୁଣ୍ଡାଇ କୁଣ୍ଡାଇ କହିଲେ, "କେତେଦିନ ହେଲା ଜାଗୁବଣିଆକୁ ଏ ଜିନିଷଗୁଡ଼ି ଦେଇଥିଲି । ସେ ଆଜି ସଫାକରି ଦେଇଛି । ଘରେ ରହି ଆଉ ଲାଭ କଣ ? ପିନ୍ଧି ପକାଇଲେ ଯିବ । ଏହା କହି

ମିଶେ ବାହାରକୁ ଚାଲିଗଲେ । ନୂଆବୋଉ ଆସି ସବୁ ଜିନିଷ ବାହାରକରି ଦେଖି ପକାଇଲେ ଓ ଏଇଟା ସଫା ହେଇନି, ସେଇଟାର ଗୋଡ଼ ଢୋରହେଇ ଗଲାଣି ଇତ୍ୟାଦି କେତେଟା କଥା କହିବାକୁ ଲାଗିଲେ ।

ଫୁଲ ସଞ୍ଜ ବଳୁ ବଳୁ ଭକ୍ତି ଚିତ୍ତରେ ମହାଲକ୍ଷ୍ମୀଙ୍କୁ କେତେକ ଦୁଃଖ ଜଣାଇବାବେଳେ କାଇଁଚ ଡାଲାରେ ଅନେକଗୁଡ଼ିଏ ଅଲଙ୍କାର ଦେଖି ମନ ଓ ନୟନକୁ ଡାଲା ନିକଟକୁ ଫେରାଇ ଆଣିଲା । କିଛିକ୍ଷଣ ଏକଦୃଷ୍ଟିରେ ଜିନିଷଗୁଡ଼ିକୁ ଦେଖି ବିହ୍ୱୋଳ ହୋଇଗଲା । ପରକ୍ଷଣରେ ବାରମ୍ବାର ନିରୀକ୍ଷଣ କରି ଅଲଙ୍କାର ମଧ୍ୟରୁ ଅଧିକାଂଶ ନିଜର ବୋଲି ଚିହ୍ନି ମର୍ମାହତ ହୋଇ କେତେ କଣ ଭାବିବାକୁ ଲାଗିଲା ।

ଯେତେବେଳେ ଫୁଲର ଅଲଙ୍କାର ଗୁଡ଼ିକ ସଙ୍ଗେ ପରିଚୟ ହେଲା, ସେତେବେଳେ ତାର ମନ ମଧ୍ୟରେ କେତେଦିନର ଅତୀତ କାହାଣୀ ଜାଗରିତ ହୋଇ ଉଠିଲା । ଅନେକଟା ଅଲଙ୍କାରରେ ଜୀବନର ଗୋଟିଏ ଗୋଟିଏ କାହାଣୀ ଲୁଚି ରହିଥିବା ସତ୍ତ୍ୱେ ଆଜି ସେଇ ଅଲଙ୍କାର ଦେଖି ତାର ଚକ୍ଷୁ ସାମନାରେ କେତେଟା କାହାଣୀ ଦେଖାଦେଇ ତାକୁ ଅସ୍ଥିର କରି ପକାଇଲା । ବିଶେଷତଃ ସେ ଗଳାର ସୁନ୍ଦର ହାରଟିକୁ ଦେଖି ମନେକଲା, "ଏଇ ଦାନାହାରଟି ମୋର । ଏହାରି ସକାଶେ ମୋର କେତେ ଅଳାଝଲା, ତାହା ଅକଥନୀୟ, ମୋ ଭାଷାରେ । ସବୁ ଅଲଙ୍କାର କଥା ପଛରେ ଥାଉ, ଯେତେବେଳେ ମୋର ଅତି ଶଉକର ଏହି ଦାନାହାରକୁ ତିଆରି କରିବାପାଇଁ ବୋଉ ବାପାଙ୍କୁ କହିଲା, ସେତେବେଳେ ତାକୁ ତିଆରି କରିବାକୁ ବାପାଙ୍କର ମୋଟେ ଇଚ୍ଛା ନ ଥିଲା । କାରଣ ସେହି ସମୟରେ ମୋ

ବେକରେ ଏଇ ବଡ଼ ବଛା କଣ୍ଠି ମାଳଟି ଓ ସେଇ ନଡ଼ିଆ ଫୁଲ ଝିଖଟା ଥାଏ । ଆଜ ମୋର ପିଲାଦିନର କୋଳଥିଆ ମାଳଟା କାହିଁ ଏଠି ନାହିଁ । ବୋଧହୁଏ ସେଇଟା ଭାଙ୍ଗି ଯାଇଥିବ । ଏହାପର ଭଲ ମନ୍ଦ ହୋଇ ତନାଟା ରକମ ଥିବାରୁ ବାପା ଦାନାହାର କରିବାକୁ ରାଜି ହେଲେନି । କିନ୍ତୁ ମୁଁ ବାପାଙ୍କ ମନା ମାନିଲି ନାହିଁ । ଆମ ଗାଁ ଡାକ୍ତର ବାବୁଙ୍କ ଝିଅ ବେକରେ ଯେଉଁଦିନୁ ଦାନାହାର ଦେଖିଥିଲି, ସେହିଦିନୁ ଦାନା ହାରରେ ମନ କରି ବୋଉ ପାଖେ ଖୁବ୍ ଅଳି କଲି । ବୋଉ ମୋର ଅଳି କେବେ ଭାଙ୍ଗି ପାରେନି । ତାର ଜୀବନ ଥିବା ପର୍ଯ୍ୟନ୍ତ ସେ ମୋର ମନସ୍କାମନା ପୂର୍ଣ୍ଣ କରିବାକୁ ବରାବର ଚେଷ୍ଟା କରିଛି । ତେଣୁ ବୋଉ ଯେ କୌଣସି ମତେ ବାପାଙ୍କୁ ଭୁଲାଇ ମୋପାଇଁ ଦାନା ହାର ମଗାଇ ଦେଲା । ମୁଁ ମନ ମୁତାବକ ହାର ପାଇ ଖୁବ୍ ଖୁସି ହେଲି । ହାରଟି ପ୍ରଥମ କରି ବୋଉ ତୁଳସୀମୂଳେ ଲଗାଇଲା । ଏହା ଦେଖି ଲଗାଇବାର କାରଣ ମୁଁ ପଚାରିବାରୁ ବୋଉ କହିଲା, 'ଆଲୋ, ମା ତୁଳସୀ ଚଉରାରେ ହାର ଦେଲେ ଭଲ ହୁଏ । ବେଶି ଦିନ ସୁଖରେ ତାହା ଭୋଗ ହୁଏ ।' ମୁଁ ଏହା ଶୁଣିଲି । ହାରଟିକୁ ନେଇ ଗଳାରେ ଲଗାଇ ବଡ଼ ଅଇନା ନିକଟକୁ ଗଲି । ଦେଖିଲି ମୋର ବେକଟିରେ ଗୁରିଡ଼ିଆକ ମାଳ ଚକ୍‌ଚକ୍ ହୋଇ ବଡ଼ ସୁନ୍ଦର ଦିଶୁଛି ।

ଆଜି ଆଉ ସେ ଦିନ ନାହିଁ । ସେ ଦିନଟି କେତେ ପଛରେ ମୋର ପଡ଼ି ରହିଛି । ସେହି ଦିନକୁ ମୋର ଆଗକୁ ଆଣିବାପାଇଁ କାହାର କ୍ଷମତା ନାହିଁ । କାରଣ ମୁଁ ଭାଗ୍ୟହୀନା । ସେଇ ଦିନ-ଗୁଡ଼ିକ ଭାଗ୍ୟହୀନାକୁ ଅପ୍ରାପ୍ୟ, ଧନ୍ୟରେ ବିଧାତା । ତୋର ଭ

ଶକ୍ତି !! କି ମନ୍ଦ !!! ଏହିପରି ଭାବି ଭାବି ଫୁଲ ଗୃହ କାର୍ଯ୍ୟରେ ଅନ୍ୟମନ୍ୟ ହୋଇଗଲା ।

ସନ୍ଧ୍ୟା ପରେ କିଛି ସମୟ ଚାଲିଗଲା । ଫୁଲ ହଠାତ୍ ଚାହିଁ ଦେଖିଲା, ତାର ସମସ୍ତ ଅଳଙ୍କାରରେ ନୂଆ ବୋଉ ମଣ୍ଡିତ ହୋଇଛି । ସେସବୁ ଅଳଙ୍କାରରେ ନୂଆ ବୋଉର ଅଧିକାର ହୋଇଗଲା ଭାବି ଫୁଲ ସମ୍ଭାଳି ପାରିଲା ନାହିଁ । ତାର ମନ ହାଣି ହୋଇଗଲା । ସେ ଛଳଛଳ ଆଖିରେ ହୃଦୟରେ ଦୁଃଖ ଅନୁଭବ କରିବାକୁ ଲାଗିଲା । ଅଳ୍ପ ସମୟ ପରେ ରାତି ହେଲା । ସେ ଯାଇଁ ତାର ଶୋଇବା ଯାଗାରେ ଶୋଇ ପଡ଼ିଲା । କିନ୍ତୁ ଏ କି ଦଶା ! ସନ୍ଧ୍ୟା ସମୟର ସେହି ଗହଣା ପିନ୍ଧା ଦେଖା ଇତ୍ୟାଦି ତାର ମନ ପ୍ରାଣକୁ ଘେରି ରହି ନିଦ୍ରାରେ ବ୍ୟାଘାତ ଘଟାଇଲା । ଅନିଦ୍ରା- ବସ୍ଥାରେ ଲୋକ ପ୍ରାୟ ଦୁଃଖର ଛାୟାଗୁଡ଼ିକ ଦେଖିବାକୁ ପାଏ । ଏଣୁ ଫୁଲର ଅନ୍ତର ନାନା ଦୁଶ୍ଚିନ୍ତାବଶତଃ ବିଷାଦଛାୟାରେ ଢଙ୍କାହୋଇ ରହିଥିବାରୁ ସେ ରାତି ଅଧକୁ ହାଲିଆ ହୋଇଯାଇ ନିଦ୍ରାଦେବୀଙ୍କ କୃପାରୁ ଶୋଇ ପଡ଼ିଲା ।

× × × ×

ଦିନ ପରେ ଦିନ ହୋଇ କେତେଦିନ ଚାଲି ଯାଇଛି । ଏବେ ଫୁଲ ଖାସ୍ ବାପା ବୋଉଙ୍କର ବ୍ୟବହାରରେ ପାଗଳ । ତାର କୌଣସି ଆଶା ଚରିତାର୍ଥ ହୋଇ ନ ପାରିବାରୁ ଏହାର ପରିଣାମ ହୋଇଛି ଫୁଲ ଜ୍ଞାନଶୂନ୍ୟା । ବର୍ତ୍ତମାନ ଫୁଲ ମନରେ ଖାଲି ହିଂସା । ସେ ବାପା, ବୋଉ, ଜାତି ଓ ସମାଜର ବ୍ୟବ- ହାରରେ ସମ୍ପୂର୍ଣ୍ଣ ଅସନ୍ତୁଷ୍ଟା । ଢେର ଦୁଃଖ ତାର । ଯେଉଁ ଦୁଃଖ ଯନ୍ତ୍ରଣା ସବୁ ସାଧାରଣ ମାନବ ପକ୍ଷେ ଅସହ୍ୟ ହୁଏ, ଆଜି ସେ ସମସ୍ତ ଦୁଃଖରେ ଫୁଲ ଜର୍ଜରିତା ହୋଇଅଛି । ଫୁଲ ଏତେ ହୀନକର୍ମୀ

କାହିଁକି ? ସେ ଗିନାଏ ଭାତ ଖାଇଲେ ବାପାଙ୍କ ଅଖିରେ ତାହା କଂସେ । ସେ ଦଶପାଇଟି କରିଗଲେ ସମସ୍ତେ ଦେଖିବାକୁ ପାଆନ୍ତି; ଖୁବ୍ ବେଶୀ ହେଲେ ପାଞ୍ଚ କାମ ହେବ । ନାରୀର ତରଳ ହୃଦୟକୁ ତା'ଠାରେ ପୂର୍ଣ୍ଣମାତ୍ରାରେ ଅଛି । ସେ ଏତେ ହତାଦର ସହିବ କେମିତି ? ନ ସହିଲେ ମଧ୍ୟ ତାର ଗତି ନାହିଁ । ଏଣୁ ଅଗତ୍ୟା ସହି ସହି ଫୁଲ ପାଗଳାମୀପରି ହୋଇ ଗଲାଣି । ଏବେ ଯାହା ମନ ହେଉଛି ତାହା କରି ଦେଉଛି । ତାର ଜୀବନକୁ ଲୋଭ ନାହିଁ କି ପ୍ରାଣପ୍ରତି ମମତା ନାହିଁ ।

ଆଜି ଫୁଲର ଖୁବ୍ ବିରସ ଅନ୍ତର, ଦୁଃଖିତ ମନ । ସେ ବାରିବାର ସ୍ଥିର କରୁଛି ଯେ, ଆଉ ଏ ସଂସାରରେ ତାର ସ୍ଥାନ ନାହିଁ । ମୃତ୍ୟୁ ହିଁ ତାର ଉପଯୁକ୍ତ ଆଶ୍ରୟ, କିନ୍ତୁ ମୃତ୍ୟୁର ପଥ କେଉଁଠି ? କେଉଁ ପଥରେ ଗଲେ ସେ ସେହି ସ୍ଥାନରେ ପହଞ୍ଚିବ କିଛି ଠିକ୍ କରି ପାରିଲା ନାହିଁ । ଶେଷକୁ ଭାବିଲା, "ମୃତ୍ୟୁର ପଥ ଯେଉଁଠି ହେଉ ପଛକେ ମୁଁ ପ୍ରଥମେ ମୋର ସ୍ୱଗର ପ୍ରତିଶୋଧ ନେବା ଦରକାର ଓ ପରେ ମୃତ୍ୟୁପଥକୁ ଅବଲମ୍ବନ କରି ଶାନ୍ତିର ନିକେତନକୁ ଚାଲିଯିବା ଉଚିତ । ତେବେ ସ୍ୱଗର ପ୍ରତିଶୋଧ ଓ ମନର କାମନା ପୂର୍ଣ୍ଣ କରିବା ବର୍ତ୍ତମାନ ଉପଯୁକ୍ତ ମନେ କରୁଛି । ଅତଏବ ହେ ପରମ ପିତା ! ପରମେଶ୍ୱର !!! ମୋର ମନସ୍କାମନା ପୂର୍ଣ୍ଣ କରିବାପାଇଁ କୌଣସି କୌଶଳ ବତେଇ ଦିଅନ୍ତୁ । ମୁଁ ଶେଷ ସମୟରେ ଏତିକି ପ୍ରାର୍ଥନା ଓ ଭିକ୍ଷା କରୁଛି ।"

ଫୁଲ ଏହିପରି ମନରେ ଭାବି ଶକ୍ତି ଓ ସାହସକୁ ହୃଦୟର ସାଥୀ ରୂପେ ଅବଲମ୍ବନ କରି ନୂଆବୋଉ ନିକଟକୁ ଗଲା ଏବଂ ନୂଆବୋଉକୁ ସମ୍ବୋଧନ କରି କହିଲା, "ନୂଆବୋଉ, ଆଜି ତୋର ସବୁ ଅଳଙ୍କାରତକ ମାଜି ସଫା କରିଦେବି ଦେ । ସେଗୁଡ଼ିକ

ଝୁବ୍ ମଇଲା ହୋଇ ଗଲଣି । ମୁଁ ସଫା କରି ରଖି ଦେବି, ତୁ ଉପରବେଳା ପିନ୍ଧ ପକେଇବୁ ।"

ନୂଆବୋଉ ଫୁଲ କହିବା ବିଷୟରେ ରାଜି ହୋଇ ଅଙ୍ଗର ସମସ୍ତ ଅଳଙ୍କାର ଶୀତଳେଇ କରି ଦେଇ ଦେଲା । ଫୁଲ ଖୁସିରେ ସବୁ ଗହଣା ନେଇ ମାଜିବା ନିମିତ୍ତ ଚାଲିଗଲା ଓ ସମସ୍ତ ଜିନିଷକୁ ସଫା କରି ବାକ୍ସ ଭିତରେ ସାଇତି ଦେଲା ।

## —ବାର—

ଫୁଲର ମନରେ ରାଗ ହେଉଛି ଯେ, ସେ ନିରାଲଙ୍କାରୀ, ଆଜି କାମନାଟି ପୂର୍ଣ୍ଣ ହେବାମାନେ ସେ ସମ୍ପୂର୍ଣ୍ଣରୂପେ କ୍ଷଣକପାଇଁ ସାଲଙ୍କାରୀ ହେବ । ଅତଏବ ମନର ଉଭୟ ଅଭିଲାଷ ଚରିତାର୍ଥ କରିବାକୁ ଫୁଲ୍ ଆଜି ଖୁବ୍ ତତ୍ପର । ସେ ଭଗବାନଙ୍କୁ ସାକ୍ଷୀ କରି କେତେ ଚେଷ୍ଟା ଓ କେତେ ଯତ୍ନରେ ଆଶ୍ରୟ ନେଇ ସମୟ କଟାଉଛି । ବର୍ତ୍ତମାନ ଦିନ ଦି ପ୍ରହର ହେବ । କିପରି ଭାବରେ ଓ କେଉଁ ସମୟରେ ଫୁଲର କୌଶଳଟି କାର୍ଯ୍ୟରେ ପରିଣତ ହେବ, ଏହା ଭାବି ତାର ଶରୀର ରୋମାଞ୍ଚିତ ହେବା ସଙ୍ଗେ ସଙ୍ଗେ ମନପ୍ରାଣ ଉତ୍ଫୁଲ୍ଲ ହୋଇଯାଉଛି । ମଧ୍ୟରେ ମଧ୍ୟରେ ନିକଟ ଭବିଷ୍ୟତ ଚିନ୍ତାରେ ଚକ୍ଷୁରୁ ଲୋତକ ଗଡ଼ିପଡ଼ୁଛି । କିନ୍ତୁ ଫୁଲ୍ ଏ ସବୁ ପାଇଁ ବେଶୀ ସମୟ ଅପେକ୍ଷା କଲା ନାହିଁ । ମନେକଲା 'ଯାଉଛି, ବର୍ତ୍ତମାନ ଆଉ ଡେରି କରିବାର ସମୟ ନୁହେଁ । ଯାହା ଏ ପୋଡ଼ା କପାଳରେ ଥିବ ତାହା ଭୋଗିବି । ଆଉ ବେଶୀ ଚିନ୍ତା କଲେ କଅଣ ହେବ ? ମୋର ମଧ୍ୟ ଚିନ୍ତା କରିବା ଶକ୍ତି ଲୋପ ପାଇ ଆସିଲା । ତେବେ ପ୍ରଭୁଙ୍କର ଅନୁଗ୍ରହ ଅଛି କି ଦେଖେଁ ।'

ଏହାପରେ ମନେ କରି ଫୁଲ ଘର ଭିତରୁ ବାହାରକୁ ଚାଲି ଆସିଲା । ଧୀରେ ଧୀରେ ସମସ୍ତ ଘର ଓ ବାହାର ବୁଲିଆସି ଦେଖିଲା, ବାପା ଦାଣ୍ଡଘରେ ଖଣ୍ଡିଏ ସପରେ ଅଣ୍ଟାଏ ନେଇ ପ୍ରଚକ୍ଷୁ ସଂଯୁକ୍ତ ନୟନାଗ୍ରତେ କେତେ ତାଳପତ୍ର ପୋଥି ମେଲେଇ ଦେଇଅଛନ୍ତି । ଭୋଜନ ପରେ ଆଳସ୍ୟ ହେତୁ ଗୋଟାଏ ଲେଖାଏଁ ହାଇ ମାରି ମାରି ଟୋପାଏ ଲୁହ ବୋହିଆସିବାରୁ ମଝିରେ ମଝିରେ ହାତରେ ପୋଛୁ କାନ୍ଥକୁ ଛୁଆଁଇ ଦେଉଛନ୍ତି । ନୂଆବୋଉ ତାର ଶୋଇବା ଘରଟିରେ ଘୋରନିଦ୍ରାରେ ମୋହିତ । ଆଉ ଅନ୍ୟାନ୍ୟ ଘରଗୁଡ଼ିକ ବନ୍ଦ । ବାରଣ୍ଡାରେ ଗୋଟିଏ ଧାନ ଟୋକେଇ ଭିତରେ ଶୋଇ ସୁନେଇ ବିରାଡ଼ିଟି ଘୁଡ଼ୁ ଘୁଡ଼ୁ ହେଉଛି ଓ ଥରେ ଥରେ ଲାଙ୍ଗୁଡ଼ ହଲାଇ ଏକଡ଼ ସେକଡ଼ ହୋଇ ଆଖି ବୁଜିଦେଉଛି ।

ଫୁଲ ଏହାପରି ସୁଯୋଗ ବା ଦୁର୍ଯୋଗ ସମୟ ଦେଖି ନୂଆବୋଉ ଶୋଇଥିବା ଘରକୁ ଚାଲିଆସିଲା । କିଛି ସମୟ ପରେ ନୂଆବୋଉକୁ ନିଦ୍ରା ହୋଇଥିବା ସଙ୍କେତଦ୍ୱାରା ଜାଣି ଆନନ୍ଦିତ ହେଲା । ପରେ ସର୍ବମଙ୍ଗଳାଙ୍କୁ ଅନ୍ତର ମଧ୍ୟରେ ଭାବି ଭାବି ନୂଆବୋଉ ମୁଣ୍ଡ ଦେଇଥିବା ମାଣ୍ଡିଟି ତଳୁ ଅତି ଧୀରେ ଗହଣା ବାକ୍ସର ଚାବିଟି ନେଇଆସିଲା ।

ଫୁଲ ହାତରେ ବିପଦଦ୍ୱାରର ଚାବିଟି ଅକ୍ଳେଶରେ ପଡ଼ିଯିବାରୁ ତାର ମନ ବିଶେଷ ଚଞ୍ଚଳ ହୋଇଗଲା । ସେ ସଧୀର ପଦବିକ୍ଷେପ କରି ବାହାରକୁ ଫେରି ଆସିଲା । ଯେତେବେଳେ ଫୁଲର ହାତରେ ଚାବିଟି ପଡ଼ିଲା ସେତେବେଳେ ସେ ମନେକଲା, 'ମୁଁ ବର୍ତ୍ତମାନ ଏକପ୍ରକାର ଚୋର' । ଅତଏବ ଏହି କାରଣରୁ ତାକୁ ଜଣାଗଲା ଯେପରିକି ତାର ସମସ୍ତ ଗୁପ୍ତରହସ୍ୟ କିଏ କେଉଁଠି ଗୋପନରେ ରହି ଦେଖିଯାଉଛି । ସୁତରାଂ ଫୁଲ

ମନାଭିଳାଷ ପୂର୍ଣ୍ଣ କରିବା ଇଚ୍ଛାରେ କର୍ତ୍ତବ୍ୟ ସମ୍ପାଦନ କରିବାକୁ ବ୍ୟଗ୍ର ହୋଇ ବାହାରି ପଡ଼ିବାକୁ ଲାଗିଲା ।

ଚାବିଟିକୁ ହାତରେ ଧରି ଫୁଲ କଅଣ କରିବ, କିଛି ଭାବି ନ ପାରି ଅନ୍ତଃରେ ଘରର ଏମୁଣ୍ଡ ସେମୁଣ୍ଡ ଦେଖିଲା । ଏତେବେଳକୁ ତାକୁ ନିଦ୍ରା ଲାଗିଆସିବା ପରି ଜଣାଯିବାରୁ ସେ ତରବର ହୋଇ ନୂଆବୋଉର ବାକ୍ସଥିବା ଘରକୁ ଚାଲିଗଲା । ବାକ୍ସଟିକୁ ହଠାତ୍ ଫିଟାଇଦେଇ ବାକ୍ସ ଭିତରକୁ ଅନାଇ ଥକା ହୋଇ ବସିପଡ଼ିଲା । ସେ ବର୍ତ୍ତମାନ କଅଣ କରୁଛି, ନିକଟ ଭବିଷ୍ୟତରେ କଅଣ କରିବ, କିଛି ଠିକ କରି ପାରିଲା ନାହିଁ । ଠିକ୍ କରିବା ମଧ୍ୟ ସମୟ ସାପେକ୍ଷ । ସୁତରାଂ ଫୁଲ ନିସ୍ତେଜ ଭାବେ କିଛି ସମୟ ବସି ରହିଲା । ପରେ ପୁଣି ବାକ୍ସ ମଧ୍ୟରେ ମଜା ହୋଇ ଥୁଆ ହୋଇଥିବା ଅଳଂକାରଗୁଡ଼ିକ ଦେଖି ମୋହିତ ହୋଇଗଲା । ତାର ହୃଦୟ ଓ ମନ ଲୋଭରେ ଆକୃଷ୍ଟ ହୋଇ ପ୍ରୀତହେବାକୁ ଲାଗିଲା । ଅତଏବ ଫୁଲ ମନେକଲା, "ଆଜି ଅନେକ ଦିନ ପରେ ଏ ସୁଯୋଗ । ଏହାକୁ ଛାଡ଼ିଲେ ଆଉ ପାଇବା କଷ୍ଟକର ହେବ । ଏବେ ନୂଆବୋଉ ମୋର ସବୁ ଅଳଂକାର ବାପାଙ୍କ ଅନୁମତିରେ ପିନ୍ଧୁଛି । ସହଜେ ମୁଁ ମୋର ଜିନିଷ ପିନ୍ଧିବି ନାହିଁ । ପୁଣି ଆଉ ଜଣେ ମୋର ଜିନିଷ ପିନ୍ଧି ମୋର ଆଗରେ ଚାଲିବ । ଏହା ମୋ ପକ୍ଷେ ବଡ଼ ଅସହ୍ୟ, ବଡ଼ କଷ୍ଟପ୍ରଦ । ଜୀବନରେ ଯେତେ ଯେତେ ଦୁଃଖର ଧକ୍କା ମୁଁ ଖାଇଛି, ତନ୍ମଧ୍ୟରେ ମୋର ହୃଦୟ ମଧ୍ୟରେ ଦୁଃଖ ଏଇ । ଅତଏବ ଏହି ଅପୂର୍ବ ସମୟରେ 'ମୋର' ଓ ନୂଆବୋଉର ମଜା ହୋଇଥିବା ଅଳଙ୍କାର ପିନ୍ଧି ଚିରଦୁଃଖିନୀ ହତଭାଗିନୀର ଥରେ ମାନ ସଙ୍ଗ ପରିତୋଷ ସହ ମନର ଶେଷ ଆଶା ପୂରଣ କରିବି ।"

ଏହାପରେ ଭାବୁ ଭାବୁ କ୍ଷଣକ ପାଇଁ ଆନନ୍ଦ ଉଲ୍ଲାସରେ ଫୁଲର ମନ ନାଚି ଉଠିଲା । ତତ୍‌ପରେ ସେ ଭଲ ମନ୍ଦ, ଆଗପଛ, ପାପ ପୂଣ୍ୟ ପ୍ରତି ଦୃଷ୍ଟି ନ ଦେଇ, ନୂଆ ହୋଇଥିବା ସମସ୍ତ ଅଳଙ୍କାର ପିନ୍ଧି ପକାଇଲା । ସେଇ ବାକ୍‌ସ ମଧ୍ୟରେ ନୂଆବୋଉର ଖଣ୍ଡିଏ ନୀଳରଙ୍ଗ ପାଟଶାଢ଼ୀ ଥାଏ । ତାକୁ ମଧ୍ୟ ତରତର ହୋଇ ପିନ୍ଧିଲା । ଏହାପରେ ଟିକିଏ ଭୀତମନା ହୋଇ ନୂଆବୋଉର ସିନ୍ଦୂର ପେଡ଼ି ନିକଟକୁ ଗଲା ଓ ସେହି କୁଞ୍ଚିକୁଞ୍ଚିଆ ବାଳରେ ତେଲ ଲଗାଇ ଶୀଘ୍ର କରି ମୁହଁ ଆଡ଼ୁ କୁଣ୍ଡାଇ ଦେଲା । କାରଣ, ସମସ୍ତ ବାଳ କୁଣ୍ଡାଇବାକୁ ବହୁତ ସମୟ ଦରକାର । ଏଣୁ ସଟଖିଲେ ସାମନା ଆଡ଼ୁ କୁଣ୍ଡାଇ ନେଲା । ମୁଣ୍ଡ କୁଣ୍ଡାଇ ସାରି ଫୁଲର ମନ କି ଏକ ଅଜ୍ଞାତ ଦୁଃଖରେ ପୂରି ଉଠିଲା ଓ ସେ ଭାବିଲା, ବର୍ତ୍ତମାନ ମୋର ସମସ୍ତ ଅଭିଳାଷ ପୂର୍ଣ୍ଣ କରିବାକୁ ସୁବିଧା ଓ ସୁଯୋଗ ମିଳିଛି । କିନ୍ତୁ ମୁଁ ବିଧବା ହେବା ଦିନଠାରୁ ସିନ୍ଦୂର ପିନ୍ଧି ନାହିଁ । ଆଜି ମଧ୍ୟ ସମସ୍ତଙ୍କଠାରୁ ଶୁଣିଛି ବିଧବା ସିନ୍ଦୂର ପିନ୍ଧିବା ଶାସ୍ତ୍ରରେ ନିଷେଧ । ହେଲେ କଣ ହେବ ? ମୋର ମନ ସିନ୍ଦୂର ପିନ୍ଧିବାକୁ ଭାରି ଉତ୍ସୁକ । ମୋର ଯେ ପାପକୁ ବା ଶାସ୍ତ୍ରକୁ ଭୟ ଅଛି, ତା ନୁହେଁ, ତେବେ ମନଟା କାହିଁକି କିଅଣ ହୋଇ ଯାଉଛି । ଯାହାହେଉ ସିନ୍ଦୂର ନ ପିନ୍ଧିଲେ ନ ହୁଏ । ଏହାପରେ ମନରେ ଭାବି ଫୁଲ କମ୍ପିତ ହସ୍ତରେ ଗୋଟିଏ ସିନ୍ଦୂର ଟୋପା ମୁଣ୍ଡରେ ଲଗାଇଲା ।

ଏତେବେଳେ ଫୁଲର ଆନନ୍ଦର ସୀମା ନାହିଁ । ଯେଉଁ ଭୂଷଣ ପାଇଁ ଅନେକ ଦିନ ହେଲା ସେ କେତେ ମନସ୍ତାପ ଭୋଗ କରିଥିଲା । କିନ୍ତୁ ଥରେହେଲେ ପାଇପାରି ନ ଥିଲା । ଆଜି ତାହା ଅଳ୍ପକ୍ଷଣରେ ପାଇଛି । ହେଲେ ତାର ମନର ଆକାଙ୍‌କ୍ଷା ତେବେ

ମୂଢା ପୂର୍ଣ୍ଣ ହୋଇନାହିଁ । କାରଣ ସେ ପାଦରେ ଅଳତା ପିନ୍ଧିବା ପାଇଁ ଭାରି ଭଲପାଏ । ପିଲାଦିନେ ଅଳତାର ସାମାନ୍ୟ ଅଭାବ ହେଲେ ସେ କେତେ ଥର ପୋଇ ମଞ୍ଜିକୁ ଗୋଡ଼ରେ ଲଗେଇ ମନର ବାସନା ପୂର୍ଣ୍ଣ କରିଛି । ଏଣୁ ଆଜି ତାର ଅଳତା ପିନ୍ଧିବାକୁ ମନ ହେବା ସ୍ୱାଭାବିକ । ଅତଏବ ଉକ୍ତ ବାସନା ପୂର୍ଣ୍ଣ କରିବାକୁ ଫୁଲ କେତେ ଯତ୍ନ କଲା । ଅନେକ ଯାଗା ଖୋଜିବା ପରେ ଅଳତା ନ ପାଇବାରୁ ମନେ ମନେ ଗୋଟିଏ ବୁଦ୍ଧି ପାଞ୍ଚି କିଛି ଚୂନ ଓ ହଳଦୀ ଏକାସି ମିଶାଇ ଦେଲା । ତହିଁରେ ପାଣି ଗୋଳେଇ ଦେଇ ଦେଖିଲା ଏହା ଲାଲରଙ୍ଗ ଦେଖାଯାଉଛି । ଏହି ଲାଲରଙ୍ଗକୁ ଗୋଡ଼ରେ ଲଗାଇ ଅଳତା ପିନ୍ଧା ବାସନା ପୂର୍ଣ୍ଣ କଲା ।

ଯେତେବେଳେ ଫୁଲର ଝିଟସି ବୁଦ୍ଧି ସହିତ ଅଳତା ପିନ୍ଧା ହୋଇଗଲା । ସେତେବେଳେ ସେ ବହୁତ ଆନନ୍ଦ ଉପଭୋଗ କଲା । ଭେରି ଖୁସି ହେଲା । ଆଉ ମଧ୍ୟ ଏହି କ୍ଷଣିକ ସୁଖରେ ତାର ହୃଦୟ ପୁଲକିତ ହୋଇ ଆନନ୍ଦରେ ନାଚି ଉଠିଲା । ସେ ମନ ମଧ୍ୟରେ କିଛି ନ କହି ରହି ପାରିବା କଷ୍ଟକର ହେଲା । ସୁତରାଂ ଫୁଲ ରୂପ ସଜ୍ଜାରେ ବିଭୋଳ ହୋଇ ମନେ ମନେ କହିଲା, "ଆଜି ଏହି ସମୟରେ ସୁଖ ସମ୍ଭବ ମୋର ଜୀବନରେ ପ୍ରଥମେ ଆରମ୍ଭ ଓ ଚୀରଦିନକୁ ଶେଷ । ଏପରି ଅବସ୍ଥାରେ ବର୍ତ୍ତମାନ ମୁଁ ଯେତେ ସୁଖୀ ହୋଇଛି, ପିଲାଦିନେ ମା କୋଳରେ ଥିବା-ବେଳେ ମଧ୍ୟ ଏପରି ସୁଖୀ ହୋଇଛି କି ନା କହି ପାରୁନି । ତଥାପି ମୋର ଏହି, ସୁଖ ସମୟରେ କିଞ୍ଚିତ୍ ଦୁଃଖ ପ୍ରକାଶ ହେଉଛି । କାରଣ ବର୍ତ୍ତମାନ ମୋର ଅନେକ ଦିନର ଲୁଚି ଯାଇଥିବା ରୂପଟି ଫୁଟି ବାହାରିଲା ପରି ବାହାରି ପଡ଼ୁଛି । ହେଲେ ଏହା ମୁଁ

କିପରି ଦେଖିବି ?” ଏହିପରି ମନେ କରି ଫୁଲ ନିଜର ରୂପ ଦେଖିବାକୁ ଖୁବ୍ ଇଚ୍ଛା କଲା । ହେଲେ ଦେଖି ପାରିଲା ନାହିଁ । କାରଣ ଯେଉଁ ଘରେ ନୂଆବୋଉ ଶୋଇଛି ସେହିଘରେ ତାର ରୂପଦେଖା ବଡ଼ ଆଇନାଟି ଅଛି, ସୁତରାଂ ସେହି ଘରେ ନୂଆବୋଉ ଶୋଇଥିବାରୁ ଫୁଲର ମନସ୍କାମନା ପୂର୍ଣ୍ଣର ଅନ୍ତରାୟ ହୋଇ ଉଠିଲା । ପାଞ୍ଚ କି ଦଶ ମିନିଟ ଗଲା, ଘଣ୍ଟାଏ ଖଣ୍ଡେ ଗଲା, ଫୁଲର ମନ ଅଥୟ ହୋଇ ଉଠିଲା । ତାର ମନେ ଅଛି ଯେ ସେ ଘରକୁ ଯାଇ ନିଜର ଅମୂଲ୍ୟ ରୂପଟିକୁ ଦେଖିବ । ଏଥି ସକାଶେ ତାକୁ ଶତ ବିପଦ ଥିଲେ ସୁଦ୍ଧା ଫୁଲ ଡରିବା ଲୋକ ନୁହେଁ । ଏହାର ବିଶେଷ କାରଣ ସେ ରୂପ ମୋହରେ ପାଗଳୀ । ଏହି ସକାଶେ ଫୁଲ ଏହି କେତେ ସମୟ ଭାବିଲା ଓ ଦେଖିଲା, ଆଇନା ଥିବା ଘରକୁ ଯିବା ତା ପକ୍ଷରେ କଷ୍ଟକର । କିନ୍ତୁ ସେ ଏଥିପାଇଁ ଡରିଲା ନାହିଁ । ନିର୍ଭୟ ଚିତ୍ତରେ ଶେଷକୁ ମନେ କଲା, “ଯାଉଛି, ଖୁବ୍ ଧୀରେ ଧୀରେ ଆଇନାଥିବା ଘରକୁ ଯିବି ଓ ମନ ବାସନା ପୂର୍ଣ୍ଣ କରିବି, କେତେ ଦିନକୁ ପ୍ରଭୁଦତ୍ତ ମୋର ସୁନ୍ଦର ରୂପକୁ ଦେଖି ଆସିବି । ଆଜି ଅନେକ ଦିନ ପରେ ମୋ ପାଇଁ ଏହା ସୁବର୍ଣ୍ଣ ସୁଯୋଗ । କେବେହେଲେ ଆଉ ମୋ ପରି ହତଭାଗିନୀ ପକ୍ଷରେ ଏପରି ଦିନ ଘଟିବା ଅସମ୍ଭବ । ଅତଏବ ଭଗବାନ ଯେତେବେଳେ ମୋ ପ୍ରତି ଏପରି ବିଧାନ କରିଛନ୍ତି ସେତେବେଳେ ମୁଁ ଚେଷ୍ଟା କରିବା ଦରକାର ।

ଫୁଲ ଏହା ମନେକରି ଅବିଳମ୍ବେ ଆଇନାଥିବା ଘରକୁ ଚାଲିଆସିଲା ଏବଂ ଅତି ଧୀରେ ଦ୍ୱାରବନ୍ଧକୁ ଧରି ଝୁଙ୍କିପଡ଼ି ଦେଖିଲା ନୂଆବୋଉ ବାମକଡ଼ ମାଡ଼ି ନିଦରେ ଶୋଇଛି । ଠିକ୍ ନୂଆ-ବୋଉର ପଛପଟେରେ କାନ୍ଥରେ ସେହି ବଡ଼ ଆଇନାଟା ଝୁଲୁଛି ।

ଏହାଦେଖି ଫୁଲ୍ ଖୁବ୍ ସାବଧାନରେ ଗୋଟିଏ ଗୋଟିଏ ପାଦ ପକେଇ ଘର ଭିତରକୁ ଗଲା ଓ ନିଜର ସୁସଜ୍ଜିତ ମୁଖ ମଣ୍ଡଳକୁ ଦେଖିବା ମାନସରେ ପୂର୍ବଦିନର ସେହି ବଡ଼ ଅଇନା ମଣ୍ଡଳକୁ ଠିଆ ହୋଇ ପଡ଼ିଲା, ଖୁବ୍ ସଙ୍କୀର୍ଣ୍ଣ ହୃଦୟରେ ଓ ସ୍ପନ୍ଦିତ ଅନ୍ତରେ ।

ଭଗବାନଙ୍କ ଲୀଳା ଅସୀମ, ତାଙ୍କର ଲୀଳାଭୂମିରେ ମନୁଷ୍ୟ ନିମିତ୍ତମାତ୍ର । ଭଗବାନ ତାଙ୍କ ଲୀଳା ଚରିତାର୍ଥ କରିବା ପାଇଁ ମନୁଷ୍ୟଙ୍କୁ କୁଣ୍ଢେଇ ପର ଖେଳାଇ ନିଅନ୍ତି । କିନ୍ତୁ ମନୁଷ୍ୟମାନଙ୍କର ଏହା ଅଜ୍ଞାତ ହୋଇଥାଏ । ଅତଏବ ଏହି କାରଣରୁ ଯେତେବେଳେ ଫୁଲର ଏପରି ନିଷ୍ଠକୃତ ପୂର୍ଣ୍ଣ ସମୟ ସେତେବେଳେ ଭଗବାନଙ୍କ ଲୀଳା ବଶତଃ, ଗୋଟିଏ ଝିଟିପିଟି କାନ୍ଥ ଉପରେ ତାହାର ଖାଦ୍ୟ ଧରୁଥିବା ସମୟରେ ଦୈବାତ୍ ନୂଆବୋଉ ଉପରେ ଖସିପଡ଼ିଲା । ନୂଆବୋଉ ଚମକିପଡ଼ି ଉଠି ପଡ଼ିଲା ଓ ଦେଖିଲା ଝିଟିପିଟିଟାଏ କାନ୍ଥ ଉପରକୁ ଉଠି ଯାଉଛି । ଏଣୁ ମନେ ମନେ ଭାରି କୁପିତ ହୋଇ ପଛପଟକୁ ଅନାଇଦେଲା । ନୂଆବୋଉ ଯେମିତି ପଛପଟକୁ ଅନାଇଦେଲା, ସେମିତି ଫୁଲକୁ ଦେଖି ଥରି ଉଠିଲା । ଭାବିଲା, ଏତେ ସୁନ୍ଦରୀ ମାଇକିନାଟିଏ କିଏ ? ଏ କଣ ମା ଦୁର୍ଗା ନା ମୋର ସଉତୁଣୀ ? ତାଙ୍କୁ ବେଶୀ ସମୟ ମଧ୍ୟ ଏ ବିଷୟ ଭାବିବାକୁ ଡରମାଡ଼ିଲା । ସେ ଅତୁଇ ସ୍ୱରରେ "ମୋ ବୋଉଲେ" ବୋଲି ରଡ଼ିଟାଏ ଛାଡ଼ି ଠିଆହୋଇ ପଡ଼ିଲା । ଦାଣ୍ଡ ଘରେ ଏତେବେଳକୁ ଚନ୍ଦ୍ରଧର ମିଶ୍ରଙ୍କ ଘୁଇଁନିଦ ଲାଗି ଆସୁଥାଏ । ହଠାତ୍ ଘର ଭିତରେ ଭୟଙ୍କର ଶବ୍ଦଟାଏ ଶୁଣି, ସେ ଚମକିଗଲେ ଏବଂ 'ଆରେ' କୁଆଡ଼େ କଣ ହେଲା' ବୋଲି କହୁ କହୁ ଘର ଭିତରକୁ ଦୌଡ଼ି ଆସିଲେ ।

ଯେମିତି ନୂଆବୋଉ ଚକ୍ରଧର ମିଶ୍ରଙ୍କୁ ଦେଖିଲା, ସେମିତି ତାର ମନରେ ସାହସ ଆସିଲା । ତତ୍ପରେ ଭେଁ ଭେଁ କରି କାନ୍ଦି କାନ୍ଦି ସ୍ୱାମୀଙ୍କୁ ଅନାଇ କହିଲା, "ହଇହେ, ଦେଖିଲଣି ତମ ଅଲ୍‌ଅଲ ଫୁଲ୍‌ରାଣୀର ଗୁଣ । ମୁଁ କହିଲେ ପରା ଅବିଶ୍ୱାସ କର, ଝିଅଟାଏ ତ ନିଜର, କଣ କରିବା" ଏହା କହି । ଏବେ ନିଜେ ଦେଖ, ମୋତେ ଖାଇବ ବୋଲି କେମିତି ଡରଉଛି । ମୁଁ ପ୍ରଥମେ ଦେଖି ବାଟ୍ଟିରଲି, "ଏ ଘରେ କେଉଁ ଠାକୁରାଣୀ ବିଜେ କଲେଣି । ପଛକୁ ଯାଇ ଜାଣିଲି ନା, ଏ ଗୁଣମଣି ଝିଅ ବୋଲି । ଏମିତି ସବୁ କାମ ସବୁ କଥା । ରାଣ୍ଡ ଝିଅଟା ଗହଣାପାତି ପିନ୍ଧି କଳା ସିନ୍ଦୂର ଲଗେଇ ଘରମଝିରେ ଠିଆ । ଓହୋ ମୋ ଘର ବର ସବୁ ସାରିବ ଲୋ ।" ଏହା କହି ମା ମଙ୍ଗଳାଙ୍କୁ ଧ୍ୟାନ କରିବାରେ ନୂଆବୋଉ ଲାଗିଗଲା । ଚକ୍ରଧର ମିଶ୍ରେ ସ୍ତ୍ରୀଠାରୁ ଏପରି କଥାଗୁଡ଼ିକ ଶୁଣି ରାଗିଗଲେ ଏବଂ ସାଙ୍ଗେ ସାଙ୍ଗେ କହିଲେ, "କାହିଁ ସେ ସବଂଖାଇ ଡାକୁଣୀ କାହିଁ ? ଆଜି ଅଲକ୍ଷଣୀର ନାଁ ଲିଭାଇ ଦେବି । ସେ କୂଳ କଳଙ୍କିନୀ ସତରେ ସବୁ ସାରିବ । ଏହାପରି ନାନା କଥା କହି କହି ଖଣ୍ଡେ ପାଞ୍ଚଣ ବାଡ଼ି ହାତରେ ଧରି ମିଶ୍ରେ ଫୁଲ ପାଖକୁ ଦୌଡ଼ି ଆସିଲେ ଏବଂ ଘର ଭିତରକୁ ପଶିଯାଇ ଦେଖିଲେ ଫୁଲ ନୂତନ ବେଶ ଧରି ଠିଆ ହୋଇଛି । ଏପରି ଅନ୍ୟାୟ ମିଶ୍ରଙ୍କ ଚକ୍ଷୁରେ ପିବା ସହଜ ନୁହେଁ । ଏଣୁ ସେ ବେଦ ପଇତା ଛୁଇଁ ମନେ ମନେ ପ୍ରତିଜ୍ଞା କଲେ ଫୁଲ ସ୍ତ୍ରୀ ଜାତି ହେଉ ବା ଝିଅ ହେଉ ସେ ମାନିବେ ନାହିଁ । ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ ସ୍ୱହସ୍ତରେ ବାଡ଼େଇକରି ରାଗର ପ୍ରତିଶୋଧ ନେବେ ।" ଅତଏବ ରାଗର ବଶବର୍ତ୍ତୀ ହୋଇ ମିଶ୍ରେ ଫୁଲକୁ ବାଡ଼ିରେ ବାଡ଼େଇବାକୁ ଉଦ୍ୟତ ହୋଇ ପଡ଼ିଲେ । ଫୁଲ ମଫସଲ ଜାଗାର ଝିଅ ହେଲେ କଣ

ହେବ ସେ ଦୁଇ ଅକ୍ଷର ପଢ଼ି ଶୁଣି ଟିକିଏ ବୁଦ୍ଧିମତୀ ହୋଇଛି । ଭଲ ମନ୍ଦ, ସୁନ୍ଦର ଅସୁନ୍ଦର, ନ୍ୟାୟ ଅନ୍ୟାୟ ବିଚାର କରିବାକୁ ତାର ସାମାନ୍ୟ ହେଲେ ଶକ୍ତି ଅଛି । ଗୋଟିଏ ମନୁଷ୍ୟର ଆଶା ଅଭିଳାଷ ଦମନ କରିବାକୁ ଅନ୍ୟ ଲୋକମାନଙ୍କର ଦାବୀ ଥିବା ତାକୁ ପୂର୍ଣ୍ଣ ଅନ୍ୟାୟ ବୋଲି ଅନୁଭୂତ ହୋଇଛି । ଏଥିପାଇଁ ଆଜି ତାର ଏତେ ଦୁର୍ଦ୍ଦଶା । ସୁତରାଂ ଫୁଲ ଟିକିଏ ମସ୍ତିଷ୍କ ସଂଚାଳନ କରି ଦେଖିଲା ତା ପ୍ରତି ବାପାଙ୍କର ଏ ବ୍ୟବହାର କେଡ଼େ ଅଯୌକ୍ତିକ । ଅତଏବ ସେ ଦାମ୍ଭିକ ଭାବରେ ଗର୍ଜ୍ଜନ କରି କହିଲା, "ଦେଖ ବାପା, ମୋତେ ଛୁଅନା । ମୋ ପ୍ରତି ଏ ବ୍ୟବହାର କରିବା ଶକ୍ତି ତମଠାରେ ନାହିଁ, ତାହା ଛାଡ଼ । ଆଜି ମୁଁ ସତ୍ୟ କହୁଛି, ବର୍ତ୍ତମାନ ମୁଁ ମୋର ପାଇଁ ପାଗଳ । ଏହି ପାଗଳାମୀ ବେଶରେ ମୁଁ ତୁମକୁ ମାରିବି ନ ହେଲେ ମୁଁ ମରିବି । ଆଜିଠାରୁ ତମେ ସବୁ ମୋର ଚିର ଶତ୍ରୁ । ଆଜି ମୁଁ ତୁମ୍ଭମାନଙ୍କର ମହାପାପୀ କନ୍ୟା ।"

ଚକ୍ରଧର ମିଶ୍ରେ ଝିଅଠାରୁ ଏପରି ଗର୍ଜ୍ଜନ ସହିତ ଲାଞ୍ଛନା-ବାଣୀ ଶୁଣି ଦବିଗଲେ । ମନରାଗକୁ ମନରେ ମନରେ ଲୁଚାଇ ରଖିଲେ । କିନ୍ତୁ ବୋହୂଟି ଦବିବାର ନୁହେଁ । ଫୁଲ ତାର ସମସ୍ତ ଅଳଙ୍କାର ପିନ୍ଧିଥିବା ଦେଖି ସେ ଧୈର୍ଯ୍ୟଧରି ରହିପାରିଲା ନାହିଁ ।

ଅତି ବ୍ୟଗ୍ର ଭାବରେ ଫୁଲଠାରୁ ସମସ୍ତ ଅଳଙ୍କାର ଛଡ଼ାଇ ନେବାକୁ ଉଦ୍‌ଯୋଗ କଲା । ଫୁଲ ଏହା ଦେଖି ଖୁବ୍ ଚିନ୍ତିତ ହେଲା ଓ ଲଜ୍ଜିତ ଭାବରେ ନତ ମସ୍ତକରେ ନୂଆବୋଉକୁ ଅନାଇ କହିଲା, "ନୂଆବୋଉ, ଏଇଲାଏ ମୋର ଯେମିତି ଶୋଚନୀୟ ଅବସ୍ଥା, ତତେ ନୂଆବୋଉ ଡାକିବା ମଧ୍ୟ ମୋ ପକ୍ଷରେ ଘୋର କଷ୍ଟକର । କିନ୍ତୁ କଣ କରିବି । ଚିରଦିନକୁ ଆଜିଠାରୁ ବୋଉ ଡାକ ଛାଡ଼ି ଦେବାକୁ ହେବ । ଏହା ଭିବି

ବାଘରେ ବୋଉ ଲଗାଇ ଭାଙ୍ଗ ଦେଉଛୁ । ଆଉ ମଧ ଗୋଟିଏ ଅନୁରୋଧ କରୁଛୁ, ତୁ ଏ ହତଭାଗିନୀ ପାଇଁ ଏତେଗୁଡ଼ାଏ କଷ୍ଟ ପାଆନା । ମୁଁ ତୋର ସମସ୍ତ ଅଳଙ୍କାର ତୋତେ କାଢ଼ି କରି ଖୁସିରେ ଦେଇ ଦେଉଛୁ । ତୋର ବ୍ୟସ୍ତ ହେବା ଦରକାର ନାହିଁ ।

ନିଜ ରକ୍ତରେ ଗଢ଼ା ସେଇ ଏକ ଝିଅ ସେ । ତାଠାରୁ ଏପରି ଗୁଡ଼ାଏ ଝୁଲନ ଭଳ ମର୍ମାନ୍ତିକ ବାଣୀ ଶୁଣି ମିଶ୍ରେ ଭାରି ଦୁଃଖିତ ହେଲେ । ଯେତେହେଲେ ଜନ୍ମଦେଇଛନ୍ତି । ସେଇ ଝିଅ ପ୍ରତି ଅନାବିଳ ସ୍ନେହ ଦେଖାଇ ଦିନେ ଫୁଲ ସଙ୍ଗେ ତୁଳନା କରି 'ସୁନାମଣି' ନାମ ବଦଳାଇ ଫୁଲ ଡାକିଛନ୍ତି । ଅତି ଶ୍ରଦ୍ଧାରେ ଓ ଅତି ପ୍ରେମରେ ଯେତେବେଳେ 'ଫୁଲଟି ପରି ମନେ କରିଛନ୍ତି, ସେତେବେଳ କଥା ବର୍ତ୍ତମାନ ଭାବିଲେ, କେତେ ଦୁଃଖିତ ହେବାକୁ ନ ହେବ । ଏଇଥିପାଇଁ ତାଙ୍କର ହୃଦୟ ମନ୍ଥି ହୋଇଗଲା । ପ୍ରାଣ ମଧରୁ ଦୁଃଖର ତେଜ ବେଶୀ ବେଶୀ ମାଡ଼ି ଆସି ତାଙ୍କ ହୃଦୟରେ ସଜୋରେ ଆଘାତ କରିବାକୁ ଲାଗିଲା । ଏଣୁ ମିଶ୍ରେ ବ୍ୟତିବ୍ୟସ୍ତ ହୋଇ ସମସ୍ତ ରାଗ, ସମସ୍ତ ଦୋଷ ଫୁଲ ଉପରେ ଢାଳି ଦେଲେ । ତାଙ୍କୁ ଅନ୍ୟ କୌଣସି ବୁଦ୍ଧି ନ ଦିଶିବାରୁ ଶେଷକୁ ଏସବୁ ଯନ୍ତ୍ରଣାରୁ ରକ୍ଷା ପାଇବା ଆଶାରେ ମାୟା ମମତା ଛଡ଼ାଇ ଝିଅକୁ କହିଲେ, "ମା, ଫୁଲ ! ମୁଁ ଏବେ ତୋର ହାତ ଧରୁଛୁ । ତୁ ଭଲମନ୍ଦ ବିଚାରି ଯାହା କରିବୁ କର ।

ମୁଁ ତୋତେ ଜନ୍ମ ଦେଇଥିଲି ବାସ୍ତବିକ, କିନ୍ତୁ କର୍ମ ଦେଇନି । ତୁ ତୋର କପାଳର ଲେଖା ବର୍ତ୍ତମାନ ଭୋଗୁଛୁ । ଆଉ ମଧ ଭବିଷ୍ୟତରେ ଭୋଗିବୁ । ହେଲେ ମୋର କହିବାର ଏତିକି ମୁଁ ତୋ ପରି ଝିଅକୁ ଜନ୍ମ ଦେଇ ଯଥେଷ୍ଟ ପାଇଲିଣି ।

କେତେ ମିଛ ସତ, କେତେ ନିନ୍ଦା ଅପନିନ୍ଦା ସବୁ ତୋର ପାଇଁ । ଏବେ ମୋର ଆଉ ଦରକାର ନାହିଁ । ତୁ ମୋ କଥା ମାନି ମୋର ଆଦେଶ ପାଳନ କଲେ ଏହିକ୍ଷଣି ସବୁ ହେଲା । ଅତଏବ ତୁ ଏ ଘରୁ ଆଜି ବିଦାୟ ନେଇ ଯୁଆଡ଼େ ଖୁସି ସେଆଡ଼େ ଚାଲି ଯା ।”

ପତିପତ୍ନୀ, ଭାଇଭଉଣୀ, ପିତା ପୁତ୍ରୀ ଏମାନଙ୍କ ମଧ୍ୟରେ ସ୍ନେହରୂପକ ଅମୂଲ୍ୟ ସମ୍ପଦ ସର୍ବତୋଭାବେ ଶ୍ରେଷ୍ଠ ହୋଇ ବିରାଜିତ ଥିଲେ ମଧ୍ୟ ମିଶ୍ରେ ପତ୍ନୀ ଲାଳସାରେ ଓ ହୃଦୟର ସଂକୀର୍ଣ୍ଣ ବୃତ୍ତିରେ ଅନ୍ତରଜାତ କନ୍ୟାକୁ ତୁଚ୍ଛ ମନେ କଲେ ଏବଂ ଭଲ ମନ୍ଦ ବିଚାର ଶକ୍ତି ରହିତ ହୋଇ ଫୁଲକୁ ଏପରି ଗୁଡ଼ିଏ ବାକ୍ୟ ଶୁଣାଇ ଦେଲେ । ଫୁଲ୍ ଜଡ଼ବତ୍ ଠିଆ ହୋଇଥିବା ସମୟରେ ଏସବୁ ଶୁଣିଲା ଅବଶ୍ୟ । କିନ୍ତୁ ତାକୁ ନ ଶୁଣିଲା ପରି ବୋଧ ହେଲା । ପରେ ମନେ ମନେ ବାପା କହିବା ବିଷୟ ଗୁଡ଼ିକ ଆଲୋଚନା କରି ଠିକ୍ କଲା, ‘ଏ ଘରେ ତାର ଆଉ ଅଣୁମାତ୍ର ସ୍ଥାନ ନାହିଁ । ତାକୁ ଆଜି ଏଠାରୁ ଶେଷ ବିଦାୟ ନେବାକୁ ହେବ ।’ ଏହା ଭାବି ଫୁଲ୍ ବାପାଙ୍କ ପଦଦ୍ୱୟକୁ ସ୍ଥିର ଦୃଷ୍ଟିରେ ଅନାଇ ରହିଲା ଏବଂ ଚିରଦିନ ସକାଶେ ବିଦାୟ ସୂଚକ ଲୋତକ ଦୁଇ ଧାର ଗଡ଼ାଇ ଦେଲା ।

ଏହା ପରେ କ୍ଷୁବ୍ଧମନା ଫୁଲ ଲୋତକଭରା ନୟନରେ ନିଜର ସମସ୍ତ ଅଙ୍ଗରୁ ଗୋଟି ଗୋଟି କରି ଅଳଙ୍କାରତକ କାଢ଼ି ଦେଲା । ପାଟଖଣ୍ଡିକ ପାଲଟି ଦେଇ ପିନ୍ଧା ଅଲଗୁଣିରେ ଥିବା ଖଣ୍ଡିଏ ମଇଳା ଗାମୁଛା ବେଢ଼େଇ ହେଲା । ଗାମୁଛା ପିନ୍ଧିବାର ଠିକ୍ ପରମୁହୂର୍ତ୍ତରୁ ଚିରଦିନକୁ ଏହି ଜନ୍ମ ଗୃହକୁ ଦଣ୍ଡବତ କରି ସନ୍ନ୍ୟାସିନୀ ବେଶରେ ଘରୁ ବାହାରି ଧୀରେ ଧୀରେ ଚାଲିଗଲା ।

## —ତେର—

ଘରର ଅନତି ଦୂରରେ ଗୋଟିଏ ମସ୍ତବଡ଼ ଅମ୍ବବଗିଚ୍ଚ । ତହିଁ ମଧ୍ୟରେ କେତେଟା ତାଳ ଓ ପଣସଗଛ ଥାଏ । ବଗିଚ୍ଚଟିର ଚ୍ଚରପଟ କଅଁବୁଦାରେ ପୂର୍ଣ୍ଣ । ତାର ମୂଳରେ ସାପ, ବେଙ୍ଗ ଓ ଗୋଧିଗୁଧା କେତେଟା ଜନ୍ତୁ ବରାବର ଥାଆନ୍ତି । ସଞ୍ଜହେଲେ ଗାଁର ଚଢ଼େଇ, କୁଆ ଓ ଅନ୍ୟାନ୍ୟ କେତେକ ପକ୍ଷୀ ସେହି ବଗିଚ୍ଚରେ ଥିବା ବଡ଼ ଗଛମାନଙ୍କରେ ଆଶ୍ରୟ ନିଅନ୍ତି । ମାତ୍ର ମନୁଷ୍ୟ ଚଳାଚଳ ସନ୍ଧ୍ୟାପରେ ସେଠି ବିରଳ । କିନ୍ତୁ ଫୁଲ୍ ଗୃହରୁ ତାଡ଼ିତା ହୋଇ ସନ୍ଧ୍ୟା ଆଗମ ସମୟକୁ ସେହି ଜନଶୂନ୍ୟ ଘନ ବଗିଚ୍ଚଟିରେ ଯାଇ ବସି ପଡ଼ିଲା । ଏହାଭାବି ମନେ ହୁଏ, ଆଜି ବଗିଚ୍ଚଟିର ବଡ଼ ଭାଗ୍ୟ । କାରଣ ସନ୍ଧ୍ୟାପରେ ଏପରି ଗୋଟିଏ ସରଳା ନବଯୌବନାବତୀ ଯୁବତୀ ତାର ନିକଟରେ ସ୍ଥାନ ପାଇଛନ୍ତି । ଧନ୍ୟ ବଗିଚ୍ଚ ! ଧନ୍ୟ ତୁ ! ! ବଗିଚ୍ଚ ହେଲେ ମଧ୍ୟ ତୋର ଭାଗ୍ୟ ଭଲ । ତୋର ଆଦର୍ଶ ଭଲ । ଯେଉଁ କାରଣରୁ ତୁ ପିତା, ମାତାଠାରୁ ତାଡ଼ିତା କନ୍ୟାକୁ ଆଶ୍ରୟ ଦେବାକୁ ତୁ ସକ୍ଷମ ହୋଇଛୁ ।

ଅତି ଦୁଃଖରେ ଅତି କଷ୍ଟରେ କେତେ ସମୟ ଚାଲିଗଲା । ଫୁଲ୍ ଅନ୍ତର ମଧ୍ୟରେ ଟିକିଏ ଆଶାର ଆବେଗ ଧରି ବସିଥାଏ । କେଉଁଠି ଗୋଟିଏ ଚଢ଼େଇ ଏ ଗଛରୁ ଉଡ଼ିଯାଇ ସେ ଗଛରେ ବସିଲା ବା କେଉଁଠି ଗୋଟିଏ ବେଙ୍ଗ ଖୁପୁରୁ ଖୁପୁରୁ ହୋଇ ଡେଇଁ ଚାଲିଗଲା । ଏହି ସବୁ ଦେଖି ଦେଖି ମନକୁ ଅନେକବାର ଆଇଭାବରେ ଭୁଲାଉଥାଏ । ଏମିତି ଭାବରେ କେତେ ସମୟ ଚାଲିଗଲା । ସନ୍ଧ୍ୟା ଯାଇ ରାତି ଦୁଇତିନି ଘଡ଼ି ହେଲା । ସେଦିନ କୃଷ୍ଣପକ୍ଷ ଚତୁର୍ଥୀ ତିଥି । ଚାହୁଁ ଚାହୁଁ କିଛି ସମୟପରେ ଆକାଶର ପୂର୍ବ ପଟରେ ଚନ୍ଦ୍ର ଉଦିତ ହେଲେ ଓ ପଞ୍ଜର ଫାଙ୍କ ଦେଇ ଫୁଲର କୋମଳ ଓଷ୍ଠାଧରେ ଶୀତଳ ଜ୍ୟୋତ୍ସ୍ନା ଢାଳି ସ୍ନେହ ଚୁମ୍ବନ ପ୍ରଦାନ କଲେ ।

ଫୁଲ୍ ସେଠି କିଛି ସମୟ ବସି ରହି ଉଇଁ ଯାଉଥିବା ଜହ୍ନମାମୁଁର ହସ ହସ ମୁହଁକୁ ଅନାଇ ରହିଛି । ଏପରି ସମୟରେ ଖୁବ୍ ଜୋରରେ ଧଡ଼ କରି କଣ ଶବ୍ଦ ହେଲା, ଏଥିରେ ଫୁଲ୍ ଚମକିପଡ଼ିଲା ଓ ତାର ଛାତି ଦୁଲୁକିଗଲା । ଚାହୁଁ ଚାହୁଁ ତାର ଅଜଣାରେ ଲମ୍ବା ଆଖି ଦୁଇଟିରେ କେତେବେଳେ ଝରି ଲୁହ ଛଳ ଛଳ ହୋଇ ଭାସି ଉଠିଲା । ଯେତେବେଳେ ସେ ନିଶ୍ଚିତରୂପେ ଜାଣିଲା, ଆଜି ଏହି ମୁହୂର୍ତ୍ତରୁ ବାପାଙ୍କଠାରୁ ସେ ସମ୍ପୂର୍ଣ୍ଣରୂପେ ତାଡ଼ିତା, ସେତେବେଳେ ତାର ଛଳ ଛଳ ଆଖିରୁ ଧାରି ଧାରି ହୋଇ ଅଜସ୍ର ଲୋତକ ଗଡ଼ି ପଡ଼ିଲା । ଫୁଲର ଆଶାହୀନ ହୃଦୟରେ ବୃଥାରେ ସ୍ୱର୍ଗୀୟ ଆଶା ପ୍ରବେଶ କରିଥିଲା । କିଏ ବା ଆସି ତାର ହାତଧରି ଡାକିନେବ । କିନ୍ତୁ ବାସ୍ତବରେ ତାହା ହେଲାନାହିଁ । ଏହି "ଧଡ଼" କରି ଶବ୍ଦ ତାର ଜୀବନର ନିକଟ ଭବିଷ୍ୟତ ପଥକୁ ଦୁଃଖମୟ କରିବା ନିମିତ୍ତ ସୁଗମ ହୋଇ ଉଠିବା ଜଣାପଡ଼ିଲା ।

ଯେତେବେଳେ ବାଉଦୁଆର ବନ୍ଦହୋଇ କାଲଣୀ ଲାଗିଲା, ସେତେବେଳେ ଫୁଲର ସମସ୍ତ ଆଶା ଭରସା ଲୋପ ପାଇଗଲା । ତାର ଆଶା ଲତାଟିର ମୂଳଉତ୍ପାଟନ ସ୍ଥିରୀକୃତ ହୋଇଗଲା ଜାଣି ଫୁଲ ଦୁଃଖର ଶେଷସୀମା ମଧ୍ୟରେ ହୃଦୟ ମିଳାଇ ବସି ପଡ଼ିଲା ଓ ବାରବୁହା ନୟନାଗ୍ରତେ ଦୁଃଖର ପ୍ରଧାନ ସହଚରକୁ ଦେଖି ପାରିଲା, "ଦୁଃଖେ ଚିନ୍ତା ।" 'ଦୁଃଖେ ଚିନ୍ତା' ମନୁଷ୍ୟକୁ ପାଗଳ କରେ । ମନୁଷ୍ୟକୁ କଳେବଳେ କୌଶଳେ ଶେଷ ଦଶାରେ ପକାଇଦିଏ । ଅତଏବ ଫୁଲ ଦୁଃଖ ବିହ୍ୱଳା ହୋଇ ବସି ବସି ମନେକଲା, 'ହାୟ ! ହାୟ ! ହତଭାଗିନୀର ଶେଷଦଶା କେଉଁଠାରେ ? ଭାଗ୍ୟ ଚକ୍ରରେ ବୁଲି ବୁଲି ମନୁଷ୍ୟ କଅଣ ଏପରି ଅବସ୍ଥାରେ ପହଞ୍ଚିପାରେ, ନା ଆଉ ଅନ୍ୟ କିଏ ଏପରି ଦଶାର ସମ୍ମୁଖୀନ ହୁଏ ? ମୋର ଦଶା ଅତି ଗୁରୁତର । ମୁଁ ଏହା ଭାବି ପାରୁନି କି ଠିକ୍‌କରି ପାରୁନି । ଦୁଃଖର ଉତ୍ତୁଙ୍ଗ ଲହରୀମାଳର ଘାତପ୍ରତିଘାତରେ ମୋର ଜୀବନ ଦୀପଟି ମିଞ୍ଜି ମିଞ୍ଜି ହୋଇ ଜଳି ଆସୁଥିଲା । କିନ୍ତୁ ଆଜି ଦୀପଟି ଲିଭିବା ପରି ହେଲାଣି । ଏ ଦୀପ ଆଉ ଜଳିରହିବା ଅସମ୍ଭବ । ଏହାର ବିଶେଷ କାରଣ ମୋର ଜୀବନର ଘଟଣାଗୁଡ଼ିକ ହାହାକାର ପୂର୍ଣ୍ଣ । କ୍ଷଣକପାଇଁ ଭାବିଲେ ହୃଦୟ ଥରି ଉଠୁଛି ଓ ଅନ୍ତର ଜଳି ଯାଉଛି । ହେଲେ ଆଜି ଏହି ସମୟରେ ନ ଭାବି ରହିପାରୁନି ସେଦିନ କଥାଗୁଡ଼ିକ, ଯେଉଁ ଦିନ କି ମୁଁ ବିଧବା ହୋଇଥିଲି ଓ ଯେଉଁଦିନ କି 'ବୋଉ' ଡାକରୁ ବଞ୍ଚିତ ହୋଇଥିଲି । ଏହାପରେ ମାମୁଁଘରରୁ ଅତୀବ ଅପମାନ ଓ ସାଇ ପଡ଼ୋଶୀଙ୍କ ମନ ଭୁଲାଣିଆ, ଏଣେ ଶାଶୁଘରର ବାରହାନସ୍ତା କଥା, ତେର ହଟହଟା, ପୁନର୍ବାର ବାପଘରେ ଜନ୍ମିତ ବାପ ଓ ସାବତ ମାଉ କେତେ କେତେ ମନ୍ତ୍ରଣା ମଧ୍ୟରେ ଚଳଣି ।

ଜୀବନର ସବୁ ସୁଖ ସୁବିଧା ନିଅାଁ ପାଉଁଶରେ ପୋଡ଼ିହୋଇ ପଡ଼ି ରହିଥିବା ସତ୍ତ୍ୱେ ଅଜ ଏ ଦଶା । ଆଶ୍ରୟହୀନା ଅନାଥା । ଶେଷ ସମୟକୁ ଦୁଃଖରସାଥୀ ହେବାକୁ ବାକି ରହିଥିଲି । କାଳର ପ୍ରତୀକ୍ଷା କରି କରି ଅଜି ସୁଯୋଗ ପାଇଲି । ଯେତେ ଯାହାହେଉ ଏ ସମସ୍ତ ମୋର କର୍ମଦୋଷ ଭାବି ରହିଥିଲି । କିନ୍ତୁ ବର୍ତ୍ତମାନ କଣ କରିବି ? ମୋତେ ନାନାପ୍ରକାର ଦୁଃଖଦେଇ ସୁଧା ବିଧାତାର ମନ ଶାନ୍ତି ହୋଇନି । ଅଜି ପୁଣି ଗୃହତ୍ୟାଗୀ, ସଂସାର ତ୍ୟାଗୀ ।

ଏହିପରି ଅନେକ ଅନେକ ବିଷୟ ଚିନ୍ତା କରିବା ପରେ ଫୁଲ୍ ଟିକେ ଏଣେ ତେଣେ ଚାହିଁଲା, କିନ୍ତୁ ସେ କିଛି ଦେଖି ପାରିଲା ନାହିଁ । ତାହାର ଚକ୍ଷୁ ସାମନାରେ ଚଳଚ୍ଚିତ୍ର ସ୍ୱରୂପ ସେଇ ପୂର୍ବ ଦିନର କଥାଗୁଡ଼ିକ ବେଳୁବେଳ ବେଶୀ ଦେଖାଗଲା । କେଉଁ-ଦିନ ସ୍ୱଚ୍ଛ ସୁନିର୍ମଳ ସୁଖ ସ୍ୱପନରେ ଅବୋହଣ କରୁଥିଲା ଓ କେଉଁଦିନ ଏହାର ପୂର୍ଣ୍ଣ ବିପରୀତ ଦୁଃଖାନଳରେ ଦଗ୍ଧ ହୋଇଥିଲା ଇତ୍ୟାଦି ଭାବି ତାର ମନ ଅସ୍ଥିର ହୋଇଗଲା । ହୃଦୟ ଅରି ଅରି କେତେଗୁଡ଼ିଏ କଥା କହିବାକୁ ବ୍ୟଗ୍ର ହୋଇ ପଡ଼ିଲା । ସୁତରାଂ ଫୁଲ୍ ମନେ କଲା, "ମୁଁ ଏହିକ୍ଷଣି କେଉଁଠି ରହିବି ? ମୋର ରହିବାପାଇଁ ଏ ଦୁନିଆରେ ଯେଉଁ ସ୍ଥାନ ସବୁ ପୂର୍ବରୁ ନିର୍ମିତ ହୋଇଥିଲା, ତାହାସବୁ ଅଜି ପ୍ରକୃତିର କୋଳରେ କୁଆଡ଼େ ଲୁଚିଯାଇଛି । ଯେଉଁଠାରେ ମୋର ରହିବା ସୁଖକର ଓ ନିଶ୍ଚିନ୍ତ ସେ ସ୍ଥାନସବୁ ଭାଗ୍ୟଦୋଷରୁ ଅପହୃତ ହୋଇଅଛି । କେବଳ ପିତାଙ୍କ ନିକଟରେ ମୋପାଇଁ କଥିତ ସ୍ଥାନ ଥିଲା ପ୍ରଭୁଙ୍କ କୃପାରୁ । ମାତ୍ର ଅଜି ତାଙ୍କର ନିର୍ଦ୍ଦୟା ସତ୍ତ୍ୱେ ସେ ସ୍ଥାନ ଅପଭ୍ରଷ୍ଟ । ତେବେ ମୋର ସ୍ଥାନ କାହିଁ ? ସାରା ଦୁନିଆରେ ମୋ ପାଇଁ ସ୍ଥାନ ନଥିବା ବିଶ୍ୱାସ ହେଉନି । ଝିବୁଛି ଯଦି ମୁଁ

ଦୁନିଆଁ ଛଡ଼ା, ତଥାପି ମୋର ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କ ନିକଟରେ ନିଶ୍ଚୟ ସ୍ଥାନ ଥିବ, କିନ୍ତୁ ସେ ସ୍ଥାନ ଖୋଜିବା କଠିନ, ପାଇବା କଷ୍ଟସାପେକ୍ଷ । ମୋପରି ହତଭାଗିନୀ ପକ୍ଷେ ସେ ସ୍ଥାନ ପାଇବା ହାସ୍ୟାସ୍ପଦ । ତଥାପି ମୁଁ ପ୍ରକୃତିବଶରେ ଆକାଶ ଚନ୍ଦ୍ର ଛୁଇଁବା ପାଇଁ ଅଭିଳାଷୀ ହେଉଛି । ଛି, ଛି, ମୋରବୁଦ୍ଧି ।

ଫୁଲ୍ ମନୁଷ୍ୟ ଜନ୍ମପାଇ କେତେ ବା ଚିନ୍ତା କରିବ ? ସେ ପୁଣି ନାରୀ, ଚିନ୍ତା କରିବା ଶକ୍ତି ତା ପକ୍ଷରେ ଅନେକ କମ୍ । ଏଣେ ପୁଣି ପିଲାଟାଏ । ବୟସର ପ୍ରଭାବରେ ଶକ୍ତି ପ୍ରତିଷ୍ଠିତ । ଫୁଲର ତାହା ମଧ୍ୟ ହୋଇନି । ଏଥିରେ ସେ ଚିନ୍ତା କରି କରି ଜଙ୍ଘ ପାଲଟି ଗଲା । କାନ୍ଦି କାନ୍ଦି ହାଲିଆ ହୋଇଗଲା ।

ଶେଷକୁ ଫୁଲ୍ ବସିବା ସ୍ଥାନରୁ ଉଠି ପଡ଼ିଲା ଓ ପଛପଟକୁ ବୁଲିପଡ଼ି ଆଖି ଆଗରେ ଦେଖି ପାରିଲା ପାଣିଭରା ନଈଟିଏ । ଭାଦ୍ରବ ମାସ, ନଈଟି ସମ୍ପୂର୍ଣ୍ଣରୂପେ ବଢ଼ିଛି । ଏହା ଦେଖି ତାର ଦେହଟା କମ୍ପରି ଗୋଟାଏ ଶୀତେଇ ଉଠିଲା । ସେ କଣ ଭାବୁର ସେହିଠାରେ କିଛି ସମୟ ପାଇଁ ଚିନ୍ତାଶୂନ୍ୟ ପ୍ରାଣରେ ଠିଆ ହୋଇ ଦେଖିଲା, ନଈରେ ଗୁରୁପା ପାଣି ଏକୂଳ ସେକୂଳ ହେଉଛି । ଅତଡ଼ା ତଳେ ଅଗାଧ ପାଣି ଭର୍ତ୍ତି ହୋଇ ଘୁ ଘୁ ଶବ୍ଦ କରିବାରେ ଲାଗିଛି । ଏଣେ ଆଜି ଗୋଟିଏ ମନମୁଗ୍ଧକର ବିଷୟ । ଶରତ ଋତୁର ନିର୍ମଳଚନ୍ଦ୍ର ପାଣିଉପରେ ଭାଙ୍ଗି ପଡୁଥିବା ସ୍ଥାନରେ ଢଳ-ଢଳ ହୋଇ ଖେଳୁଛି । ସତେ ଯେପରି ଗୁଡ଼ିଏ ମୁକ୍ତାମାଳ ଅନବରତ ସେହି ପାଣି ଭାଙ୍ଗି ପଡୁଥିବା ସ୍ଥାନରେ ମାଳମାଳ ହୋଇ ଭାସିଯାଉଛି ।

ଏହା ଦେଖିବାକୁ ଫୁଲକୁ ବଡ଼ ଭଲ ଲାଗିଲା । ସେ ଧୀରେ ଧୀରେ କୂଳନିକଟକୁ ଯାଇ ପ୍ରକୃତିର ଏଇ ସୌନ୍ଦର୍ଯ୍ୟ ଦେଖିବାରେ

ମନ ହଜାଇଦେଲା । କିଛି ସମୟ ପାଣିର ତେଉଭଙ୍ଗା ଦେଖି ଫୁଲ ଆନନ୍ଦିତ ହୋଇଗଲା । ତତ୍ପରେ ଯେତେବେଳ ସେ କୂଳକୁ ଅନେଇ ଦେଖିଲା ନିର୍ମଳପାଣି ଗୁଡ଼ିକ କଳକଳ ଧ୍ୱନିରେ ଏକ ଦିଗରୁ ଅନ୍ୟ ଦିଗକୁ ଅବଲମ୍ବେ ବହି ଯାଉଛି, ସେତେବେଳେ ସେ ତାର ମନକୁ ସମ୍ଭାଳି ପାରିଲା ନାହିଁ । ତାର ଏଇ ସଫା ପାଣି ମୁନ୍ଦାକରେ ଭାସି ଲୋଭ ହେଲା । ଥରକପାଇଁ ପାଣି ସଙ୍ଗେ ମିଳି ଯିବାକୁ ତାର ମନ ପ୍ରାଣ କଣ ହୋଇ ଉଠିଲା । ସେ ସବୁ ଦୁଃଖ ଦୁଃଶ୍ଚିନ୍ତାରୁ ରକ୍ଷା ପାଇବା ପାଇଁ ଏଇ ପାଣିରେ ଆଶ୍ରୟ ନେବାକୁ ମନେ ମନେ ଶପଥ କରିନେଲା । ତତ୍ପରେ ବାରିଦୁଆର ଆଡ଼େ ଅନାଇ ମନେ ମନେ ଗୋଟିଏ ଶେଷ ଦଣ୍ଡବତ ପକାଇ ପାଣି ନିକଟକୁ ଚାଲି ଆସିଲା ।

ଫୁଲ ପାଣି ନିକଟରେ ପହଞ୍ଚି କେତେ ଦିଅଁ ଦେବତାଙ୍କୁ ସ୍ମରଣ କଲା । ତତ୍ପରେ ବୋହିଯାଉଥିବା ପାଣିକୁ ସଜଳନେତ୍ରରେ ଅନାଇଁ ଏବଂ ତାକୁ ନିଜର ଶେଷ ଆଶ୍ରୟ ମନେକରି ପ୍ରୀତ ହେବାକୁ ଲାଗିଲା ।

ବର୍ତ୍ତମାନ ଆଉ ଫୁଲର ମରିବାକୁ ଚିନ୍ତା ନାହିଁ । ସେ ନିଶ୍ଚିନ୍ତରେ ମରିବାକୁ ଚାହେଁ । ଏଣୁ ଶେଷବେଳକୁ ଭକ୍ତଭଞ୍ଜନ ଶାନ୍ତିଦାୟିନୀ କୁନ୍ତଳା ଦେବୀଙ୍କୁ ସ୍ମରଣ କରି ହୃଦୟର କୃତଜ୍ଞତା ସମ୍ବଳ କୃତଜ୍ଞତାସହ ମୁଣ୍ଡ ନୁଆଇଁ ଗୋଟିଏ ପ୍ରଣାମ କଲା । ସେତେବେଳେ ଫୁଲର ଚକ୍ଷୁ ଦିଓଟିରୁ ନିର୍ମଳ ଜଳବିନ୍ଦୁ ଗୁଡ଼ିଏ ଗଡ଼ି ପଡ଼ି ତାର ଗଣ୍ଡ ବସ୍ତ୍ରକୁ ସିକ୍ତ କରିଦେଲା, । ଏହାର ପରମୁହୂର୍ତ୍ତରେ ଫୁଲ ଭୟାନକ ବିପଦକୁ ସାଥୀରେ ଧରି ସୁନ୍ଦର ସଂସାରରୁ ବିଦାୟପୂର୍ବକ ଜଳ ପୂର୍ଣ୍ଣ ନଦୀରେ 'ଭୂଷ୍' କରି ଡେଇଁ ପଡ଼ିଲା, ଖାସ୍ ଜୀବନର ଅସହ୍ୟ ଯାତନାରୁ ରକ୍ଷା ପାଇବା ଆଶାରେ ।

---

## —ଚଉଦ—

ଫୁଲର ପୂର୍ଣ୍ଣ ବିଶ୍ୱାସ ଥିଲା, ଶରଦିନକୁ ତାର ଅମୂଲ୍ୟ ରୂପଟି ଲୁଚିଯାଇ ଚକ୍ଷୁ ଦର୍ପଣଟି ବୁଜି ହୋଇ ରହିବ । କିନ୍ତୁ ପ୍ରକୃତରେ ତାହା ହେଲା ନାହିଁ । ଲୀଳାମୟ ଜଗଦୀଶ୍ୱରଙ୍କ କୃପାରୁ ଫୁଲର ଅଖି ଦିଓଟି ପୁଣି ଫିଟି ଏହି ଦୁନିଆଁ ମଧ୍ୟରେ ସ୍ଥାନ ପାଇଲା ।

ବିନ ଫୁଲର ଧର୍ମ ଭାଇପରି । ତାଙ୍କର ଉଦ୍ଦେଶ୍ୟ ସମାଜରେ ପ୍ରଚଳିତ କୁସଂସ୍କାର ଗୁଡ଼ିକୁ ଦୂର କରିବା । ସେହି ଦିଗରେ ସେ ବରାବର ଚେଷ୍ଟା ଚଳେଇଥାନ୍ତି । ଏଣୁ ସେ ସମାଜ ସଂସ୍କାରକ ସଂଘର ସଭ୍ୟ ହିସାବରେ କାର୍ଯ୍ୟ କରି ଆସୁଛନ୍ତି । ଏଥି ସକାଶେ ତାଙ୍କୁ ନିଜଗ୍ରାମ ଛାଡ଼ି ଥରେ ଥରେ ଅନ୍ୟ ସ୍ଥାନକୁ ଯିବାକୁ ପଡ଼େ । ଏଥି ମଧ୍ୟରେ କିଛିଦିନ ପାଇଁ ସେ ଗାଁରେ ଥିଲେ ।

"ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଟାଣିଲେ ତେଣିକି ଯାଇ ।" ଏହି ଢଗଟି ବିନ ପକ୍ଷରେ ଠିକ୍ ଖାଟିଛି । ଦୈବଯୋଗକୁ ଫୁଲ ଯେଉଁଦିନ ନଈକୁ ଡେଇଁ ପଡ଼ିବାକୁ ଚେଷ୍ଟା କରେ, ସେଦିନ ବିନ ତାର ଗାଁ ଛାଡ଼ି ସମାଜ ସଂସ୍କାରକ ସଂଘର ଅଫିସକୁ ଯିବାର ବିଧି ଥିଲା । ତା ପକ୍ଷରେ ରାତିଗାଡ଼ିରେ ଯିବା ସୁବିଧାଜନକ ଥିବାରୁ ସେ ସେହିଦିନ ରାତିରେ ଘରୁ ବାହାରି ସେହି ନଦୀ

କୂଳେ କୂଳେ ଥିବା କଚ୍ଚାବାଟ ଦେଇ ନିକଟବର୍ତ୍ତୀ ରେଲଷ୍ଟେସନକୁ ଯାଉଥିଲେ । ଦୈବଯୋଗେ ଫୁଲ୍ ଯେଉଁଠାରୁ ନଈକୁ ଡେଇଁ ପଡ଼ିଲା ସେହି ସମୟରେ ସେହି ସ୍ଥାନର ନିକଟବର୍ତ୍ତୀ ବାଟ ଦେଇ ସେ ଯାଉଥିବାବେଳେ, ଫୁଲ୍ ପାଣିକୁ ଡେଇଁ ପଡ଼ିବାଦ୍ୱାରା ଯେଉଁ "ଭୁସ୍" କରି ଶବ୍ଦ ଜାତ ହେଲା, ତାହା ତାଙ୍କର କର୍ଣ୍ଣ-ଗୋଚର ହେଲା । ନିର୍ଜନ ରାତି ହୋଇଥିବା ଯୋଗୁଁ ଶବ୍ଦଟି ତାଙ୍କୁ ସ୍ପଷ୍ଟରୂପେ ଜଣାଗଲା । ସେହି ଶବ୍ଦର ଅନୁସରଣ କରି ସେ ନଦୀ କୂଳକୁ ଗଲେ । କୂଳକୁ ଯାଇଁ ଯାହା ଦେଖିଲେ, ସେଥିରେ ତାଙ୍କର ହୃତ୍‌କମ୍ପ ହୋଇଗଲା । ପାଣିରେ ପଡ଼ିଥିବା ଜିନିଷ ଅଳ୍ପଅରେ ସେ ପରିଷ୍କାର ରୂପେ ଜାଣିପାରିଲେ ଯେ, ତାହା ଗୋଟିଏ ମନୁଷ୍ୟର ଦେହ । ତେଣୁ ଉପସ୍ଥିତ ଘଟଣାରେ କର୍ତ୍ତବ୍ୟାକର୍ତ୍ତବ୍ୟ ନ ବିଚାରି ମନୁଷ୍ୟଟିକୁ ଉଦ୍ଧାର କରିବାପାଇଁ ନଈକୁ ଯିବାକୁ ଉଦ୍ୟତ ହେଲେ । ଶେଷରେ ନଈକୁ ଯିବାକୁ କୌଣସି ଅଳକୂଳ ନ ପାଇବାରୁ ସେ ନିଜେ ନଈକୁ ଡେଇଁପଡ଼ିଲେ । ପହଁରି ପହଁରି ଅତିକଷ୍ଟରେ ତାକୁ ଧରିଲେ ଓ କୂଳକୁ ଟାଣି ଆଣିଲେ । କୂଳକୁ ଆଣିଲା ପରେ ଯାହା ଦେଖିଲେ, ସେଥିରେ ସେ ଅବାକ୍ ହୋଇ ଗଲେ ଏବଂ ଜାଣିଲେ ଯେ, ସେ ତାଙ୍କର ଭଉଣୀ "ଫୁଲ୍" ଓ ସେ ଦୁଃଖ ଜଞ୍ଜାଳ ସହି ନପାରି ଏପରି ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛି । ତାପରେ ଯଥାସାଧ୍ୟ ଚେଷ୍ଟା କରି ସେ ଫୁଲ୍‌କୁ ଘରକୁ ନେଇ ଆସିଲେ ।

ସଙ୍ଗେ ସଙ୍ଗେ ବନିର ମା ଓ ସେ ନିଜେ ଦୁହେଁ ମିଶି ଫୁଲ୍‌ର ଯତ୍ନ ନେଲେ । କିଛି ସମୟ ପରେ ଫୁଲ୍‌ର ଜ୍ଞାନ ହେଲା । ସେ ଚକ୍ଷୁ ମେଲି ଦେଖିଲା, ନିକଟରେ ଜଣେ ପ୍ରୌଢ଼ା ସ୍ତ୍ରୀ ଓ ଜଣେ ଯୁବକ । ଏ ଦୁହିଁଙ୍କୁ ସେ ଠିକ୍ ଚିହ୍ନା ଚିହ୍ନା ହେଲା

କିନ୍ତୁ ଭଲରୂପେ ଶୁଣି ପାରିଲା ନାହିଁ । ଦୁର୍ବଳତା ହେତୁ ତାର ମୁଣ୍ଡ ଘୁରାଇବାରୁ ସେ ପୁନର୍ବାର ବେହୋସ ହୋଇଗଲା ।

କିଛିକ୍ଷଣ ପରେ ବହୁ ଚେଷ୍ଟା ଫଳରେ ଫୁଲର ଅଜ୍ଞାନ ଅବସ୍ଥା ଦୂର ହେଲା ଓ କ୍ରମେ କ୍ରମେ ସେ ଭଲ ଅଡ଼କୁ ଆସିଲା । ତାର ଜ୍ଞାନ ହେବାରୁ ସେ ମନେ ମନେ ଭାବିଲା, "ବର୍ତ୍ତମାନ ମୁଁ ସ୍ୱର୍ଗରେ କି ମର୍ତ୍ତ୍ୟରେ ।" ଏତିକି ଭାବି ଫୁଲ ଠିକ୍‌ଏ ନିସ୍ତେଜ ଭାବେ ଶୋଇପଡ଼ିଲା । କିନ୍ତୁ ତାକୁ ନିଦ ହେଲା ନାହିଁ । ସେ ସ୍ୱର୍ଗରେ ଅଛି କି ମର୍ତ୍ତ୍ୟରେ ଅଛି ଜାଣିବାପାଇଁ ବହୁ କଷ୍ଟରେ ଉପରକୁ ଧୀରେ ଧୀରେ ମୁଣ୍ଡ ଟେକିଲା । ଦେଖିଲା ତାର ପୂର୍ବ-ପରିଚିତ ବନ ଭାଇନା ଓ ତାଙ୍କର ବୋଉ, ଏ ଦୁହେଁ ନିକଟରେ ଆଉ ସେ ନିଜେ ଖଣ୍ଡିଏ ଖଟ ଉପରେ । ଏହା ଜାଣିପାରି ଫୁଲ ଭାରି ବ୍ୟସ୍ତ ହେଲା ଓ ଠିକ୍ କଲା ନିଶ୍ଚୟ ବନଭାଇନା ତାକୁ ପାଣିରୁ ଛାଣି ଆଣିଛନ୍ତି । ଏଥିରେ ବନଭାଇନା ଉପରେ ଫୁଲର ଭାରି ରାଗ ହେଲା । ଏଣୁ ସେ ବାଷ୍ପରୁଦ୍ଧ କଣ୍ଠରେ କାନ୍ଦି କାନ୍ଦି କହିଲା, "ବନ ଭାଇନା, ତମେ ମୋ ପରି ଦୁର୍ଭାଗୀ, ଆତ୍ମଘାତୀକୁ କାହିଁକି ଏତେ ଜଞ୍ଜାଳକୁ ଆଣିଲ ? ମୋର ତ ମୁଣ୍ଡ ଗୁଞ୍ଜିବାକୁ ଅଣୁମାତ୍ର ସ୍ଥାନ ଦୁନିଆରେ ନାହିଁ । ଏପରି ଅବସ୍ଥାରେ ଏ ହଟହଟା ଜୀବନକୁ କାହିଁକି ଉଦ୍ଧାର କଲ ? ଭାବୁଛି, ଭାଗ୍ୟଠାରୁ ବଳୀୟାର ହୋଇ ଆଉ କିଛି ନାହିଁ । ତା ନ ହେଲେ ଏପରି ସମୟରେ ତମେ ମୋର ଉଦ୍ଧାରକର୍ତ୍ତା ହୋଇପାରି ନଥାନ୍ତ । ବର୍ତ୍ତମାନ ମୋର ଉପାୟ କଣ ପ୍ରଭୁ ? ଏ ଯେ ଅହୁରି ଅପନିନ୍ଦା ! ଲୋକେ କହିବେ ବୁଡ଼ିମଲାରୁ ପୁଣି ଉଠିଲା । ହାୟରେ ! ! ପୁଣି ଇଏ ! ! !

ଫୁଲର ବାମ ପାର୍ଶ୍ୱରେ ବନର ମା ବସିଥାନ୍ତି । ସେ ଫୁଲର ଏପରି ସମୟରେ ଏତେ ଚିନ୍ତା ଦେଖି ବଡ଼ ବ୍ୟସ୍ତ ହେଲେ ଓ

ତାକୁ ଆଶ୍ୱାସନା ଦେଇ କହିଲେ, "ହଇଅ ଲୋ, ତୁ ଏତେ ବ୍ୟସ୍ତ ହୁଅନା । ଈଶ୍ୱର ତତେ ଖୁବ୍ ପରୀକ୍ଷା କରି କରି ଏବେ ମୋ ହାତରେ ଦେଇଛନ୍ତି । ମନେକର ମୁଁ ଆଜଠାରୁ ତୋର ବୋଉ, ଅଉ, ମାଉସୀ ନୁହେଁ । ମୁଁ ଥିବାଯାଏ ତୋର ଦୁଃଖ ନାହିଁ । ତୁ କାନ୍ଦନା, ପବିତ୍ର ମନରେ ଭଗବାନଙ୍କୁ ଡାକ । ସେ ତତେ ସୁସ୍ଥ କରି ଦାଣ୍ଡରେ ଚଲାନ୍ତୁ । ତେବେ ଯାଇ ସବୁ । ତାଙ୍କର କୃପାରେ ତୋର ସୁଖ ଚନ୍ଦ୍ରମା ତାରା ବିମଣ୍ଡିତ ହୋଇ କାଲିକି କାଲି ଉଇଁ ଉଠିବ । ଏଇଲେ ତୁ ଚୁପହୋଇ ଶୋଇପଡ଼ । ଦେହରେ ବଳ ହେଉ ।" ଫୁଲର ସାହସ ହେଲାନି ଅଉ କିଛି କହିବାକୁ । ସେ ଏସବୁ ଶୁଣୁ ଶୁଣୁ ଶୋଇ ପଡ଼ିଲା ।

× × × ×

ପରମେଶ୍ୱରଙ୍କର ବୈଚିତ୍ର୍ୟପୂର୍ଣ୍ଣ ବିଧାନ । ସେ ଉତ୍ଥାନ ସଙ୍ଗେ ପତନର ଏପରି ସଂଯୁକ୍ତ ଭାବ ରଖିଛନ୍ତି ଯେପରିକି ଲୁହା ଏବଂ ଚୁମ୍ବକ ମଧ୍ୟରେ ଆକର୍ଷଣୀ ଶକ୍ତି ପ୍ରତିଷ୍ଠିତ । ଚୁମ୍ବକ ଯେପରି ଲୁହାକୁ ଟାଣେ, ଉତ୍ଥାନ ପତନ ମଧ୍ୟ ସେହିପରି ଟଣାଟଣିରେ ପ୍ରତିଷ୍ଠିତ । ସୁତରାଂ ଉତ୍ଥାନ ପରେ ପତନ ଏବଂ ପତନ ପରେ ଉତ୍ଥାନ ଏହି ସଂସାରରେ ନିତ୍ୟ ବିରାଜି କରି ଆସୁଛି । ଏହି ଉତ୍ଥାନ ପତନ ମଧ୍ୟରେ ଥାଇ କିଛିଦିନ ଗଲାପରେ ଫୁଲ ସୁସ୍ଥ, ସବଳ ହୋଇ ଉଠି ବସିଲା । ଦୁଇ ଚାରି ମାସ ବାଦ୍ ଦେବୀ ସ୍ୱରୂପା ବିନର ମା ଫୁଲକୁ ପୁନର୍ବିବାହ ଦେବାକୁ ମନସ୍ଥ କଲେ ଓ ଦିନେ ରାତିରେ ଖାଇବା ସମୟରେ ବିନ ନିକଟରେ ବସି ଉକ୍ତ ଅଭିଳାଷ ପୂର୍ଣ୍ଣ କରିବା ଇଚ୍ଛାରେ କହିଲେ, "ବିନ, ତୁ ମୋର କଥା ମାନିବାକୁ ଭଲ ପାଉ ବୋଲି ମୁଁ ଜାଣିଛି । ଏଣୁ କହୁଛି ଫୁଲକୁ ଗୋଟେ ସତ୍‌ପାତ୍ରରେ ବିଭା

ଦେଲେ ଭଲ ହୁଅନ୍ତା । ଆଉ ଗୋଟିଏ କଥା, ଟିକିଏ ଚଞ୍ଚଳ ଏହି କାର୍ଯ୍ୟ ହେଲେ ମୁଁ ଭାରି ଖୁସୀ ହୁଅନ୍ତି ।" ବିନ ମଧ୍ୟ ଏଥିରେ ରାଜି ହୋଇ କହିଲେ, "ତାକୁ ବାହା ଦେବାକୁ ମୋର ମନ ଷୋଳ ପଣରେ; କିନ୍ତୁ ଶୀଘ୍ର ସତ୍‌ପାତ୍ରଟିଏ ମିଳିଲେ ତ ହେବ ।" ଏଥିରେ ବୋଉ ଜବାବ ଦେଲେ, "ତୋର ତାହା ଭାବିବା ଦରକାର ନାହିଁ । ମୁଁ ତା ପାଇଁ ଭଲ ପାତ୍ରଟିଏ ଠିକ୍ କରିଛି । ଆଉ ମଧ୍ୟ ତୋର ବୟସ ପଚିଶ ସରିକି ହେଲାଣି । ମୁଁ ବୁଢ଼ୀ ହେଲି । ଘର ଚଳେଇବାକୁ ଅକ୍ଷମ । ଏଣୁ ତୋ ପାଇଁ ଗୋଟିଏ ଉପଯୁକ୍ତ ପାତ୍ରୀ ଠିକ୍ କରିଛି । ଏକା ସଙ୍ଗେ ଫୁଲର ଓ ତୋର ବିବାହ ଆସନ୍ତା ମକର ସାତ ଦିନ ସର୍ବଶୁଭରେ ହୋଇଗଲେ ବଡ଼ ଆନନ୍ଦର କଥା ହୁଅନ୍ତା ।" ବିନ ଏଥିରେ କଣ ବୁଝିଲେ କେଜାଣି, ଲାଜ ଲାଜ ହୋଇ ଆଉ କିଛି ନ କହି ଶୋଇବାକୁ ଚାଲିଗଲେ । ବୋଉଙ୍କ କଥାଗୁଡ଼ିକ ଭାବି ଭାବି ତାଙ୍କ ନିଦ ହେଲା ନାହିଁ । ସେ ମନେ ମନେ ଭାବିଲେ, ବୋଉ ନିଶ୍ଚୟ ଫୁଲ ସଙ୍ଗରେ ମୋର ବିବାହ ଠିକ୍ କରିଛି । କିନ୍ତୁ ଏ କଅଣ ? ଏଥିରେ କିଛି କ୍ଷତି ନାହିଁ । ଫୁଲକୁ ମୁଁ ବରାବର ଭଉଣୀ ପରି ମନେ କରେ । ସେ ମଧ୍ୟ ମତେ 'ଭାଇନା' ବୋଲି ସମ୍ବୋଧନ କରେ । ଏହିପରି ଅବସ୍ଥାରେ ମୁଁ ନିଜେ ତାକୁ ବାହା ହେଲେ ଭଲ ହେବ କି ? ଏହିପରି ଭାବୁ ଭାବୁ ବିନକୁ ନିଦ୍ରା ଲାଗିଗଲା । ଦିନସାରା କାର୍ଯ୍ୟବ୍ୟସ୍ତ ଥିବାରୁ ଏବଂ ନାନା ଚିନ୍ତାରେ ମନ ପୂର୍ଣ୍ଣ ହୋଇ ରହି ଥିବାରୁ ସେ ଶୋଇବା ଅବସ୍ଥାରେ ସ୍ୱପ୍ନରେ ଦେଖିଲେ, ଗୋଟିଏ ଚମତ୍କାର ଗୋଲାପ ଗଛର ଗୋଟିଏ ଶାଖାରେ ଦୁଇଟି କଢ଼ି କ୍ରମେ କ୍ରମେ ମିଳିତ ହୋଇ ଶେଷରେ ଅତି ସୁନ୍ଦର ଫୁଲଟିଏ ଫୁଟିଲା । ଉକ୍ତ ଫୁଲକୁ ଜଣେ ଜ୍ୟୋତିର୍ମୟୀ

ଫୁରୁଷ ତୋଳ ଆଣି ବନଙ୍କ ହସ୍ତରେ ହସି ହସି ଧରାଇ ଦେଲେ । ଏଥିରେ ତାଙ୍କ ନିଦ୍ରା ଭାଙ୍ଗିଗଲା । ବନ ସ୍ୱପ୍ନ ବିଷୟ ଭଲରୂପେ ମନେ ମନେ ଭାବିଲେ । ପରେ ମା ପୁଅଙ୍କ ବିଗ୍ରହରେ ଫୁଲ୍ ଆଉ ଥରେ ବେଦୀରେ ବସିବାକୁ ଅନୁମତି ପାଇଲା ।

ଗୃହୁଁ ଗୃହୁଁ ଅଳ୍ପଦିନ ପରେ ଫୁଲର ପୁନର୍ବିବାହ ସ୍ଥିର ହୋଇଗଲା । ପାଞ୍ଚ ପଚଶ ଲୋକ ମିଳିମିଶି ଏହି ଉତ୍ସବ ବଢ଼ାଇବାରେ ଲାଗିଗଲେ । ଗାଁର କେତେକ ସଧବା ସ୍ତ୍ରୀଙ୍କ ଯୋଗୁଁ ଫୁଲ୍ ମୁଣ୍ଡରେ ପୁଣି ଦୁବ ଚାଉଳ ପଡ଼ିଲା । ଏଥର ସେ ଜାଣି ପାରିଲା, ଯେ ବିବାହରେ କିଛି ଗୋଟିଏ ସ୍ଥାୟୀ ଆନନ୍ଦ ଅଛି । ଏଥିରେ ସନ୍ଦେହର କାରଣ କିଛି ନାହିଁ । ଏଣୁ ସେ ସମ୍ପୂର୍ଣ୍ଣ ଆନନ୍ଦିତା । ତାର ଏହି ନବ ଜୀବନର ନବ ଆନନ୍ଦ ବେଳେ ଦଓଟି ହସ୍ତ ପୁଷ୍ପମାଳଦ୍ୱାରା ବନ୍ଧନ ହେଲା । ଏହି ବନ୍ଧନ ଚିରଦିନ ପାଇଁ ଉପଯୁକ୍ତ ବନ୍ଧନ । ଏଥିରେହିଁ ନରନାରୀର ଅସୀମ ଆନନ୍ଦ । ଏ ସ୍ପର୍ଶରେ ମନୁଷ୍ୟର ଚମକ ଆସେ, କାହିଁକି କେଜାଣି ତାହା ଈଶ୍ୱରଙ୍କୁ ଜଣା । ଫୁଲ୍ ଏହି ସ୍ପର୍ଶରେ ଚମକି ପଡ଼ିଲା ଏବଂ ଶୀଘ୍ର କରି ଟିକିଏ ଅନାଇ ଦେଲା । ଯାହା ଦେଖିଲା ତାର ସ୍ମୃତିରେ ଚିରଦିନ ପାଇଁ ସେହି ଚିହ୍ନ ଅଙ୍କିତ ହୋଇ ରହିଲା । ଏତେ- ବେଳେ ସେ ଠିକ୍ କରି ଜାଣିଲା ଯେ ବନ ନିଜେ ତାର ବର । ତାଙ୍କର ସେହି ସେବା ହସ୍ତ ସହିତ ତାର ହସ୍ତ ବନ୍ଧନ ହୋଇଅଛି ।

## —ପନ୍ଦର—

ଭାଦ୍ରର ସରିଗଲା । ବନର ମା ଫୁଲକୁ ସମସ୍ତ ଅଲଙ୍କାର ଗୋଡ଼ଠୁ ମୁଣ୍ଡ ପର୍ଯ୍ୟନ୍ତ ଖଞ୍ଜି ଦେଲେ । କପାଳରେ ସିନ୍ଦୂର ଟୋପା, ଗୋଡ଼ରେ ଅଳତା ଆନନ୍ଦରେ ପିନ୍ଧିବାକୁ ଦେଲେ । ପୂର୍ବପରି ପିନ୍ଧିବାକୁ ରଙ୍ଗୀନ ଶାଢ଼ୀ ଓ ଖାଇବାକୁ ମାଛମାଂସ ଦିଆଗଲା । ଏତେବେଳେ ଫୁଲ ପ୍ରକୃତ ଫୁଲରେ ପରିଣତ ହେଲା ।

ଯେତେବେଳେ ଫୁଲ ତାର ପୂର୍ବ ରୂପ ପୁନର୍ବାର ଫେରି ପାଇଲା; ସେତେବେଳେ ସେ ତରତର ହୋଇ ଆଇନା ନିକଟକୁ ଗ୍ଭଲିଗଲା, ତାର ସେହି ପ୍ରତିମୂର୍ତ୍ତିକୁ ଦେଖିବା ଇଚ୍ଛାରେ । ଆଇନା ଆଗରେ ନିଜର ଶୋଭାସୁନ୍ଦର ପୂର୍ଣ୍ଣ ରୂପକୁ ଦେଖି ମନେ ମନେ ଭାବିଲା, "ଓହୋ ! ମୋର ଏଇ ହଜିଥିବା ରୂପକୁ ପୁଣି କିଏ ଦେଖାଇ ଦେଲା ? ଯାହାଲାଗି ମୁଁ ପାଗଳୀ, ତାହା ମୋତେ ଅଯାଚିତରେ କିଏ ଦେଲା, 'ସତେ' ?" ଏହା ମନେ କରି ଫୁଲ ସଳଖିଲେ ସେଠାରୁ ଶାଶୁଙ୍କ ନିକଟକୁ ଗ୍ଭଲିଗଲା । କିଛି ଦୂରରୁ ତାଙ୍କୁ ଠିକଏ ଅନାଇଲା, ପରକ୍ଷଣରେ ଶାଶୁଙ୍କ ନିକଟରେ ପହଞ୍ଚି ତାଙ୍କର ଗୋଡ଼ ଦୁଇଟି ଧରି କୋଳିଟି ପଡ଼ିଲା ଓ ତାଙ୍କ ପାଦର ସମସ୍ତ ଧୂଳି ଆଣି ନିଜ ମୁଣ୍ଡରେ ଲଗାଇ ମନେ ମନେ ଭାବିଲା, "ଇଏ ପ୍ରକୃତରେ ସ୍ୱର୍ଗର ଦେବୀ ନା କଣ ? ତା ନ ହେଲେ ମୋ

ପର ଅନାଥା, ବିଧବା ଆଶ୍ରୟହୀନା, ଅଭାଗୀକୁ ସ୍ୱାମୀଯୁକ୍ତା କରି ଏତେ ସୁବନ୍ଦୋବସ୍ତ କରି ପାରି ଥାଆନ୍ତେ କି ? କେବେ ନୁହେଁ, କଦାପି ନୁହେଁ । ମୁଁ ଯାଙ୍କ ପାଦଧୂଳିକୁ ମଧ୍ୟ ସମ ନୁହେଁ ।” ଏହା ମନେ କରି ସେ ତାଙ୍କର ପାଦ ତଳେ ଲମ୍ବ ହୋଇ ଶୋଇ ରହିଲା । ବୋହୂର ଏତେଦୂର ଭକ୍ତି ନିଦର୍ଶନ ସ୍ୱରୂପ ଗୋଡ଼ତଳେ ପଡ଼ିଯିବା ଦେଖି ଶାଶୂ ତାକୁ କୋଳକୁ ଟାଣିନେଲେ ଓ ଆଦରରେ ଆଶୀର୍ବାଦ ପୂର୍ବକ ସ୍ନେହ ଚୁମ୍ବନ ପ୍ରଦାନ କଲେ ।

× × × ×

କଥାରେ ଅଛି, “କାଳଚକ୍ରର ଅବର୍ତ୍ତନେ, ଭୁଞ୍ଜନ୍ତି ସୁଖ ଦୁଃଖ ଜନେ ।” ସେଇ କାଳର ଗତି ମଧ୍ୟରେ ଫୁଲ୍‌ର ପୂର୍ବ ଜୀବନ ଚାଲି ଯାଇଛି । ବର୍ତ୍ତମାନ ତାର ନୂଆ ଜୀବନ । ଏଣେ ନୂତନ ଘର ବର ଓ ନୂତନ ଶାଶୂ ପାଇ ସେ ନୂଆ ପାଗଳୀ ହୋଇଛି । ନ ହେବ ବା କାହିଁକି ? ମନୁଷ୍ୟର ମନଠୁଁ ବଳି ଜିନିଷ ଆଉ କିଛି ନାହିଁ । ସେହି ମନ ଯୋଗେ ଦିନେ ଫୁଲ୍ ଜୀବନକୁ ମୃତ ସମାନ ମଣୁଥିଲା । ଆଜି ବି ସେହି ମନ ଅଛି । କିନ୍ତୁ ତାର ପରିବର୍ତ୍ତନ ହୋଇଛି । ଏଣୁ ସେ ଶରତ୍ ଝରଣାଟି ପରି କୁଳୁ କୁଳୁ ଓ ନୂଆ ବସନ୍ତପରି ସୁଲୁ ସୁଲୁ ହୋଇ ମନ ଆହ୍ଲାଦରେ ନୂଆ ପାଗଳୀଟିଏ ହୋଇଛି ।

ଏଇ ନୂଆ ଅବସ୍ଥାରେ ଥାଇ ଦିନେ ଫୁଲ୍ ଆସି ବିନକୁ କହିଲା, “ଶୁଣିଲଣି, ଆଜି ଗୋଟିଏ ନୂଆ କଥା ହୋଇଛି । ଏତେ ଦିନକରେ ଶଶୀ ବୋଉ ଅଜି ମତେ ତାଙ୍କ ନାତିର ଷଠୀଘର ବନ୍ଦାପନାକୁ ଡକାଇ ନେଲେ । ମୁଁ ସମସ୍ତଙ୍କ ସଙ୍ଗେ ମିଳି ବନ୍ଦାପନା କରି ଆସିଲି ।” ଏହାଶୁଣି ବିନ ସାମାନ୍ୟ ହସି କହିଲେ, ‘ନୂଆ କିଛି ନୁହେଁ । ଏଣିକି ସବୁ

କାମରେ ତୁମେ ଲୋଡ଼ା ହେବ ।" ଫୁଲ୍ ତ ଷଠୀଘର କଥା ଭାବି ସୁଖରେ ଅସ୍ଥିର ଥିଲା । ଟିକିଏ ଗମ୍ଭୀର ଭାବେ ଉତ୍ତରରେ କହିଦେଲା, "ମୋର କଣ ଏହା ମନରେ ଥିଲା ? ମୁଁ ଯେତେ-ହେଲେ ବିଧବା, ଏପରି ଶୁଭ କାର୍ଯ୍ୟରେ ଯୋଗ ଦେବି ବୋଲି ମୁଁ ସ୍ୱପ୍ନରେ...।" ଏତିକି କହି ଫୁଲ୍ କାଠପରି ରହିଗଲା । ତା ପାଟିରୁ ଆଉ କଥା ବାହାରିଲା ନାହିଁ । ସେ କଣ କହୁଛି କିଛି ଠିକ୍ କରି ପାରିଲା ନାହିଁ । ଭୟରେ, ଦୁଃଖରେ ତାର ଦେହ ଥରିବାକୁ ଲାଗିଲା ଓ ଆଖିରୁ ଧାର ଧାର ହୋଇ ଲୋତକ ବହିଗଲା । ବିନଙ୍କ ପାଖକୁ ନିକଟରୁ ନିକଟତର ହୋଇ ଆସି ସେ ତାଙ୍କର ପାଦଦ୍ୱୟ ଧରି ପକାଇ ପଡ଼ିଗଲା । ତାର ପରିଯଣରେ ସେ କମ୍ପିତ କଣ୍ଠରେ କହିଲା । "ସ୍ୱାମୀନ୍, ମୋର ଦୋଷ କ୍ଷମାକର । ମୁଁ ଏହି ମୁମୂର୍ଷୁ ଅବସ୍ଥାରେ ଥାଇ ଭଗବାନଙ୍କୁ ଡାକୁଛି ଯେ ସେ ମୋତେ ଭବିଷ୍ୟତକୁ ବଳ ଦିଅନ୍ତୁ ଓ ମୋର ମନ ଦୃଢ଼ କରନ୍ତୁ । ଫୁଲ୍ ଆଉ କିଛି କହି ପାରିଲା ନାହିଁ । ଅବଳା ସେ । ତାର କଣ୍ଠ ବାଷ୍ପରୁଦ୍ଧ ହୋଇଗଲା !

ବିନ ଏପରି ଅବସ୍ଥା ଦେଖି ବଡ଼ ମର୍ମାହତ ହେଲେ । ଫୁଲ୍‌କୁ ଭୂଇଁରୁ ଉଠାଇ ନେଇ କହିଲେ, "ଦେଖ ତମେ ଏତେ ଭୀତ ହୁଅ ନାହିଁ । ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ । ତମକୁ ଚେତାଇ ଦେଇ ଭବିଷ୍ୟତକୁ ମଙ୍ଗଳମୟ କରିବାଲାଗି ଭଗବାନଙ୍କର ଏହିପରି ରହସ୍ୟ । ଏଥିରେ ଦୁଃଖିତ ହେବାର କିଛି କାରଣ ନାହିଁ ।"

ବିନ ପୁଣି କହିଲେ, "ମୋର ଆଉ ଗୋଟିଏ କଥା ମନେ ରଖ । ତୁମେ ଘଟଣାଚକ୍ରରେ ପଡ଼ି ଯେଉଁ ଦୁଃଖ କଷ୍ଟ ଭୋଗିଛ, ତାହା ସବୁ ଭୁଲିଯାଅ । ତୁମେ ବୃଥା ମନ କଷ୍ଟ କର

ନାହିଁ । ତୁମର ତ କିଛିହେଲେ ଦୋଷ କାହିଁ । ଯଦି କିଛି ଦୋଷ ଥାଏ, ତେବେ ମୁଁ ତାହା କ୍ଷମା କରିବାକୁ ବାଧ୍ୟ । କାରଣ ମାଉସୀ ମୃତ୍ୟୁ ଶଯ୍ୟାରେ ଶେଷ ମୁହୂର୍ତ୍ତରେ ତୁମକୁ ମୋତେ ସମର୍ପଣ କରି ଦେଇ ଯାଇଛନ୍ତି । ମାଉସୀଙ୍କ ଶେଷ କଥା ମୋର ଶିରୋଧାର୍ଯ୍ୟ । ତେଣୁ ତୁମେ ମୋର । ତୁମର କୌଣସି ଦୋଷାଦୋଷ ମୁଁ ମନରେ କଦାପି ଧରିବି ନାହିଁ । ବର୍ତ୍ତମାନ ତମେ ଏହି ଅବସ୍ଥାରେ ଥାଇ ମନରେ ଯଦି କିଛି ଭାବୁଥାଅ, ତେବେ ତାହା ଏକାବେଳକେ ଭୁଲିଯାଅ ଏତିକି ଶୁଣି ଯେ—'ତମେ ମୋ ଫୁଲ୍' ।"

ସଂ 205
ତା 17/7/1959

ସମାପ୍ତ

ମୁଦ୍ରାକର—ଶ୍ରୀ ବଳଦେବ ଦାସ, ପ୍ରଜାତନ୍ତ୍ର ପ୍ରେସ—କଟକ, ୧୯୫୩